ବର୍ଷ-୨୫, ସଂଖ୍ୟା-୯୬
ଭୁବନେଶ୍ୱର
୦୮, ଏପ୍ରିଲ, ୨୦୨୫ ମଙ୍ଗଳବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 96
Bhubaneswar
08 April, 2025, Tuesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ମାନସୀ ଘୋଷ ଇଣ୍ଡିଆନ୍ ଆଇଡଲ୍-୧୫ର ବିଜେତା

## ରାଜ୍ୟରେ ନିର୍ମାଣ ହେବ ୩୨ ବୃହତ୍ ଶସ୍ୟ ଭଣ୍ଡାର

**ଭୁବନେଶ୍ୱର, ୭।୪ (ମହାଭାରତ) :** ରାଜ୍ୟରେ ପ୍ରତିଷ୍ଠା ହେବ ୩୨ ବୃହତ ଶସ୍ୟ ଭଣ୍ଡାର। ଫଳରେ ଧାନ ସଂଗ୍ରହ ପରେ ଦୀର୍ଘ ଦିନ ଧରି ଏହାକୁ ମହଜୁଦ ରଖିବା ବାବଦରେ ସରକାରଙ୍କୁ ଆଉ ଭଡ଼ା ଦେବାକୁ ପଡ଼ିବନି। ରାଜ୍ୟ ରାଜକୋଷରୁ ଅଯଥା ଖର୍ଚ୍ଚରୁ ମୁକ୍ତି ମିଳିବ। ଭାରତ ସରକାରଙ୍କ ବିଶ୍ୱର ସର୍ବବୃହତ୍ ଶସ୍ୟ ଭଣ୍ଡାର ଯୋଜନାରେ ଏଗୁଡ଼ିକ ନିର୍ମାଣ କରାଯିବ।୩୨ ବୃହତ ଶସ୍ୟ ଭଣ୍ଡାର ମଧ୍ୟରୁ କେତେକ ୫ଶହ ମେଟ୍ରିକ ଟନ୍, କେତେକ ୧ ହଜାର ମେଟ୍ରିକ ଟନ୍ ଓ ଆଉ କେତେକ ୨୫ ଶହ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଶସ୍ୟ ଭଣ୍ଡାର ହେବ। ପ୍ରାଥମିକ କୃଷି ସମବାୟ ସମିତି(ପାକ୍ସ) ଓ ବୃହତ ଅଞ୍ଚଳ ବହୁବିଧ ସମବାୟ ସମିତି(ଲାମ୍ପ) ଗୁଡ଼ିକରେ ଏହି ଶସ୍ୟ ଭଣ୍ଡାର କରାଯିବ ଯାହା ରାଜ୍ୟରେ ଓଡ଼ିଶା ରାଜ୍ୟ ଯୋଗାଣ ନିଗମ ଲିମିଟେଡ୍ ତତ୍ତ୍ୱାବଧାନରେ ତିଆରି ହେବ। ସମବାୟ ସମିତି ସମୂହ ନିବନ୍ଧକ ରାଜ୍ୟରେ ୭୯ଟି ପାକ୍ସ ଓ ଲାମ୍ପରେ ବୃହତ ଶସ୍ୟ ଭଣ୍ଡାର ପ୍ରତିଷ୍ଠା ପାଇଁ ସ୍ଥିର କରିଥିଲେ। ସେ ବାବଦରେ ତ୍ରିପାକ୍ଷିକ ଚୁକ୍ତି ମଧ୍ୟ ସ୍ୱାକ୍ଷର ସରିଛି।

# ନବୀନ ନିବାସରେ ନୂଆ ନାରା 'ପାଣ୍ଡିଆନ ହଟାଅ'

**ଭୁବନେଶ୍ୱର,୭।୪(ମହାଭାରତ):** ରାଜ୍ୟସଭା ସାଂସଦ ମୁନ୍ନା ଖାଁ ଆଜି ନୂଆଦିଲ୍ଲୀରୁ ଫେରିବା ପରେ ସିଧାସଳଖ ନବୀନ ନିବାସ ଯାଇଁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟି ରାଜ୍ୟସଭାରେ ୱାକଫ ବିଲ୍ ଭୋଟିଂ ସଂପର୍କରେ ବିଜେଡିର ଆଭିମୁଖ୍ୟ ପରିବର୍ତ୍ତନର କାରଣ ନେଇ କୈଫିୟତ ମାଗିଛନ୍ତି। ଏହାକୁ ନେଇ ମୁନ୍ନା ଖାଁ ଦଳବଳ ଧରି ନବୀନ ନିବାସରେ ପହଞ୍ଚି ଆଲୋଚନା କରି ଫେରିବା ପରେ ନବୀନ ନିବାସ ପରିସର "ପାଣ୍ଡିଆନ୍ ହଟାଅ-ଓଡ଼ିଶା ବଞ୍ଚାଅ, ପାଣ୍ଡିଆନ ଗୋ ବ୍ୟାକ୍ ପ୍ରଭୃତି ଧ୍ୱନୀରେ ନବୀନ ନିବାସ ପରିସର କମ୍ପିଥିଲା। ନବୀନ ନିବାସ ଭିତରେ ପାଣ୍ଡିଆନଙ୍କ ବିରୁଦ୍ଧରେ ଆଜି ପର୍ଯ୍ୟନ୍ତ ଏଭଳି ନାରାବାଜି ହେବା ବିଜେଡି ଇତିହାସରେ ପ୍ରଥମ ବୋଲି କୁହାଯାଉଛି।

ମୁନ୍ନା ଖାଁ ବିମାନ ବନ୍ଦର ଠାରେ ପହଞ୍ଚିବାବେଳେ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ, ଆମର ନେତା ବିଜେଡି ସୁପ୍ରିମୋ ଦୁଇ ଦୁଇଥର ୱାକଫ୍ ବିଲ୍ ବିରୁଦ୍ଧରେ ବିଜେଡି ଭୋଟ ଦେବ ବୋଲି ସ୍ପଷ୍ଟ କରିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ରାଜ୍ୟସଭା ସଂସଦୀୟ ଦଳର ନେତା ସସ୍ମିତ ପାତ୍ର କିପରି ଦଳର ଆଭିମୁଖ୍ୟକୁ ବଦଳାଇ ବିବେକ ଅନୁଯାୟୀ ଭୋଟ ଦେବାକୁ ନିର୍ଦ୍ଦେଶ ଦେଲେ ତାର ତଦନ୍ତ ହେବା ଦରକାର ବୋଲି ଦାବି କରିଥିଲେ। ମୁନ୍ନା ନିଜେ ଏ ସଂପର୍କରେ ସ୍ପଷ୍ଟୀକରଣ ପାଇଁ ସସ୍ମିତଙ୍କୁ ଫୋନ କରିଥିଲେ ମଧ୍ୟ ସେ ତାର ଉତ୍ତର ଦେଇନଥିଲେ କିମ୍ବା ଫୋନ୍ ଉଠାଇ ନଥିଲେ। ତେଣୁ ଦଳ ଏ ସଂପର୍କରେ ସ୍ପଷ୍ଟୀକରଣ ଦେବାକୁ ଦାବି କରିବା ପାଇଁ ବିମାନବନ୍ଦରରୁ ସିଧା ନବୀନ ନିବାସ ଯାଇଁ ସୁପ୍ରିମୋ ନବୀନଙ୍କ ସହିତ ଏ ସଂପର୍କରେ ଆଲୋଚନା କରିଥିଲେ।

ମୁନ୍ନା ରାଜ୍ୟସଭାରେ ୱାକଫ ବିଲ୍‌କୁ ବିରୋଧ କରିଥିବାରୁ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କୁ ଧନ୍ୟବାଦ ଦେଇଥିଲେ ଏବଂ କହିଥିଲେ ଯେ, ଦଳ ତାର ଧର୍ମନିରପେକ୍ଷ ନୀତିରୁ କେବେ ହେଲେ ଓହରି ଯାଇନାହିଁ କିମ୍ବା ଓହରିବାର ପ୍ରଶ୍ନ ଉଠୁନାହିଁ। ସଂଖ୍ୟା ଲଘୁ ସଂପ୍ରଦାୟ ସହିତ ବିଜେଡି ସବୁବେଳେ ରହିଆସିଛି ଓ ରହିବ ବୋଲି ନବୀନ ମୁନ୍ନା ଖାଁଙ୍କୁ ୱାକଫ ବିଲ୍‌କୁ ନେଇ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ସେ ସଂପର୍କରେ ସେ ଅନୁଧ୍ୟାନ କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

ଏ ପ୍ରସଙ୍ଗ ନେଇ ନେଇ ଦୀର୍ଘ ୪ ଦିନ ହେଲା ବିଜେଡି ରାଜନୀତିରେ ଗୁରୁତ ସଙ୍କଟ ଦେଖା ଦେଇଥିବାବେଳେ ନବୀନଙ୍କର ଦୀର୍ଘ ନିରବତା ପରେ ଆଜି ପ୍ରଥମ ଥର ପାଇଁ ମୁହଁ ଖୋଲିଛନ୍ତି ଆଉ ତାଙ୍କ ଚିରାଚରିତ ଢଙ୍ଗରେ ମୁଁ ଅନୁଧ୍ୟାନ କରିବି ବୋଲି କହି ଚାଲି ଯାଇଥିଲେ। ଏହା ପରେ ନବୀନ ନିବାସରେ ପାଣ୍ଡିଆନ୍ ହଟାଅ ନାରା ଦେବା ଆରମ୍ଭ ହୋଇଯାଇଥିଲା।

ମୁନ୍ନାଖାଁ ସସ୍ମିତ ପାତ୍ରଙ୍କର କାର୍ଯ୍ୟକଳାପ ଉପରେ କଡ଼ା ଟିପ୍ପଣୀ ଦେବା ସହିତ କହିଥିଲେ ଯେ, ଦଳରେ ଦ୍ୱୈତ୍ୱ ନୀତିକୁ କେହି ବରଦାସ୍ତ କରିବେ ନାହିଁ। ଯେଉଁମାନେ ବିଜେଡିରେ ରହି ଦୋମୁହାଁ ନୀତି ଧରିଛନ୍ତି ସେମାନେ ତୁରନ୍ତ ଦଳ ଛାଡ଼ି ଚାଲିଯାଆନ୍ତୁ ବୋଲି ମୁନ୍ନା ଖାଁ ଆହ୍ୱାନ ଦେଇଥିଲେ।

ଦଳର ଏଭଳି ପରିସ୍ଥିତିରେ ଆଜି ରାଜ୍ୟସଭାରେ ବିଜେପିର ୭ ଜଣ ସାଂସଦଙ୍କ ମଧ୍ୟରୁ ୪ ଜଣ ସାଂସଦ ପାଣ୍ଡିଆନଙ୍କ ସପକ୍ଷରେ ବାହାରି ତାଙ୍କର ସ୍ତୁତି ଗାନ କରିଛନ୍ତି। ପାଣ୍ଡିଆନଙ୍କର ସପକ୍ଷରେ ବାହାରି ତାଙ୍କର ସ୍ତୁତି ଗାନ



କରିଥିବା ସାଂସଦଙ୍କ ମଧ୍ୟରେ ଅଛନ୍ତି ମାନସ ମଙ୍ଗରାଜ, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ ଓ ନିରଞ୍ଜନ ବିଶି। ଏହା ପୂର୍ବରୁ ଅନ୍ୟତମ ସାଂସଦ ଦେବାଶିଷ ସାମନ୍ତରାୟ ପାର୍ଲାମେଣ୍ଟରେ ୱାକଫ ବିଲ୍‌ର ଭୋଟିଂରେ ସେ ବିଜେଡିର ବାରମ୍ବାର ଆଭିମୁଖ୍ୟ ପରିବର୍ତ୍ତନ କରିବା ପଛରେ ଷଡ଼ଯନ୍ତ୍ର ସହ ଡିଲ୍ ହୋଇଥିବା ଅଭିଯୋଗ କରିଥିଲେ। ଏଥିପାଇଁ ଆଜି ଦେବାଶିଷ ସିଧାସଳଖ ନବୀନଙ୍କର ମୁଖ୍ୟ ପରାମର୍ଶଦାତା ପାଣ୍ଡିଆନଙ୍କ ଭୂମିକାକୁ ଦାୟୀ କରିଥିଲେ। ଏହାପୂର୍ବରୁ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ମଧ୍ୟ ଦଳର ବିପର୍ଯ୍ୟୟ ପାଇଁ ଓ ୱାକଫ୍ ବିଲ୍‌ରେ ଡିଲ୍ ପାଇଁ ପାଣ୍ଡିଆନଙ୍କୁ କଡ଼ା ଭାଷାରେ ସମାଲୋଚନା କରିଥିଲେ।

ଦୀର୍ଘ ୪ ଦିନ ଧରି ବିଜେଡିରେ ଗଣ୍ଡଗୋଳ ଲାଗି ରହିବା ପରେ ନବୀନ କିମ୍ବା ପାଣ୍ଡିଆନ ନିଜ ଆଡୁ ମୁହଁ ଖୋଲିନଥିଲେ। ହଠାତ୍ ଆଜି ଏକ ନାଟକୀୟ ଢଙ୍ଗରେ ୪ ଜଣ ରାଜ୍ୟସଭା ସଦସ୍ୟ ପାଣ୍ଡିଆନଙ୍କ ସପକ୍ଷରେ ପଦାକୁ ବାହାରିଛନ୍ତି। ଯାହାଫଳରେ ରାଜ୍ୟ ବିଜେଡି ଦୁଇ ଭାଗ ହୋଇଯାଇଛି। ଗୋଟିଏ ଗୋଷ୍ଠୀ ନବୀନଙ୍କ ସପକ୍ଷରେ କହୁଥିବାବେଳେ ଆଉ ଗୋଟିଏ ପାଣ୍ଡିଆନଙ୍କ ଗୋଷ୍ଠୀରେ ବିଭକ୍ତ ହୋଇଯାଇଛନ୍ତି।

ସାଂସଦ ନିରଞ୍ଜନ ବିଶି କହିଛନ୍ତି ଯେ, ଭି.କେ ପାଣ୍ଡିଆନଙ୍କୁ ଅଯଥା ବଦନାମ କରାଯାଉଛି। ଦେବାଶିଷ ସାମନ୍ତରାୟଙ୍କ ମନ୍ତବ୍ୟକୁ ନିନ୍ଦା କରୁଛି। କିଛି ଅଭିସନ୍ଧି ରଖି ଦେବାଶିଷ ଏପରି କରିଥିବା ସେ କହିଛନ୍ତି।

ସେହିପରି ଦେବାଶିଷଙ୍କ ମନ୍ତବ୍ୟକୁ ମାନସ ମଙ୍ଗରାଜ ନିନ୍ଦା କରିଛନ୍ତି। ସେ ଲେଖିଛନ୍ତି ରାଜନୀତିରୁ ୧୦ ମାସ ହେଲା ଅବସର ନେଇ ସାରିଛନ୍ତି ପାଣ୍ଡିଆନ। କିଛି ନ୍ୟସ୍ତ ସ୍ୱାର୍ଥ୍ୟ କାରଣରୁ ଦେବାଶିଷ ଏପରି କହିଛନ୍ତି।ନବୀନ ନିବାସରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି କରିବାରୁ ନିବୃତ୍ତ ରୁହନ୍ତୁ। ସେପଟେ ୱାକ୍‌ଫ ସସ୍‌ପେନ୍ସରେ ନୂଆ ଟୁଇଷ୍ଟ ଆଣିଛନ୍ତି ସାଂସଦ ଶୁଭାଶିଷ ଖୁଣ୍ଟିଆ। ନବୀନ ଦଳର ନେତା। ତାଙ୍କ ନିର୍ଦ୍ଦେଶରେ ସବୁ ହୁଏ ବୋଲି ସେ କହିଛନ୍ତି।

ସାଂସଦ ସୁଲତା ଦେଓ ମଧ୍ୟ ପାଣ୍ଡିଆନଙ୍କ ସପକ୍ଷରେ ବାହାରି କହିଛନ୍ତି, ପୁଲବାମା ସହିଦଙ୍କ କକାଙ୍କୁ ଦେବାଶିଷ ସାମନ୍ତରାୟ ଧକ୍କା ମାରିବା ପରେ କ୍ଷମା ମାଗିବାକୁ ପାଣ୍ଡିଆନ ସେତେବେଳେ ଚାପ ପକାଇଥିଲେ। ଯାହା ଫଳରେ ଶ୍ରୀଯୁକ୍ତ ସାମନ୍ତରାୟଙ୍କ ରାଗ ପାଣ୍ଡିଆନଙ୍କ ଉପରେ ଥିଲା। ପୁନଶ୍ଚ ପାର୍ଲିଆମେଣ୍ଟରେ ଭୋଟିଂ ରାତିରେ କୌଣସି କାରଣରୁ ଶ୍ରୀଯୁକ୍ତ ସାମନ୍ତରାୟ ଶୋଇ ପଡିବାରୁ ନିଜ ଭୁଲ ଲୁଚାଇବାକୁ ଅନ୍ୟକୁ ଦୋଷ ଦେଉଛନ୍ତି ।ଆମ ଦଳର ମନ୍ଦିର ନବୀନ ନିବାସରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛନ୍ତି। ଏଥିରୁ ସେ ନିବୃତ୍ତ ରହିବାକୁ ଅନୁରୋଧ କରୁଛି।

ପୂର୍ବରୁ ଦେବାଶିଷ ସାମନ୍ତରାୟ ନାଁ ନନେଇ ଭିକେ ପାଣ୍ଡିଆନଙ୍କ ଆଡ଼କୁ ଇଙ୍ଗିତ କରିଥିଲେ । ମୁଖ୍ୟ ପରାମର୍ଶଦାତା ରାଜନୀତିରେ ନଥାଇ ରାଜନୀତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଥିବା ସେ କହିଥିଲେ। ୱାକଫ୍ ବିଲ୍ ନେଇ ବଡ଼ ଡିଲ ହୋଇଥିବା ଅଭିଯୋଗ ଆଣିଥିଲେ।

# ୫୦ ଟଙ୍କା ବଢିଲା ଗ୍ୟାସ ଦର

**ନୂଆଦିଲ୍ଲୀ,୭।୪(ଏଜେନ୍ସି):** ଏପ୍ରିଲ ଆରମ୍ଭରୁ ଗ୍ରାହକଙ୍କୁ ମହଙ୍ଗା ମାଡ଼ ହୋଇଛି। ଶେୟାର ମାର୍କେଟ କ୍ରାଶ କରୁଥିବା ବେଳେ ଲୋକଙ୍କ ଉପରେ ହୋଇଛି



ମହଙ୍ଗା ମାଡ଼।ଆଜି କେନ୍ଦ୍ର ସରକାର ଏଲପିଜି ସିଲିଣ୍ଡର ଦାମ ୫୦ ଟଙ୍କା ବୃଦ୍ଧି କରିଛନ୍ତି ଉଭୟ ସବସିଡି ଓ ଅଣ ସବିସିଡି ଗ୍ରାହକମାନଙ୍କ ପାଇଁ ଏହି ବିର୍ଦ୍ଧିତ ଦର ଲାଗୁ ହେବ।

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ ସୋମବାର ଦର ବୃଦ୍ଧି ସମ୍ପର୍କରେ ଘୋଷଣା କରିଛନ୍ତି। ତାଙ୍କ କହିବା କଥା କଥା ଯେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ବା ପିଏମୟୁାଇ ହିତାଧିକାରୀ ଓ ଅଣ ହିତାଧିକାରୀ ଦର ବୃଦ୍ଧିର ସାମ୍ନା କରିବେ। ବର୍ଦ୍ଧିତ ଦର ଆସନ୍ତାକାଲିଠାରୁ ସମଗ୍ର ଦେଶରେ ଲାଗୁ ହେବ।

ପିଏମୟୁାଇ ହିତାଧିକାରୀ ପୂର୍ବରୁ ୧୪.୨ କେଜି ଓଜନର ଏଲପିଜି ସିଲଣ୍ଡର ପିଛା ୫୦୦ ଟଙ୍କା ଦେଉଥିଲେ। କିନ୍ତୁ ଏବେ ତାଙ୍କୁ ୫୫୦ ଟଙ୍କା ଦେବାକୁ ପଡ଼ିବ। ସେହିପରି ପିଏମୟୁୱାଇ ହିତାଧିକାରୀ ହୋଇ ନଥିବା ଲୋକମାନେ ୮୦୩ ଟଙ୍କା ବଦଳରେ ସିଲିଣ୍ଡର ପିଛା ୮୫୩ ଟଙ୍କା ଦେବେ। ପ୍ରତି ୨ରୁ ୩ ସପ୍ତାହ ମଧ୍ୟରେ ଦରରେ ହେଉଥିବା ପାରମ୍ପରିକ ସଂଶୋଧନ ଆଧାରରେ ଏପରି ନିଷ୍ପତ୍ତି ନିଆଯାଇଥିବା ଶ୍ରୀ ପୁରୀ ସୂଚନା ଦେଇଛନ୍ତି।ଗତ ସପ୍ତାହରେ ବ୍ୟବସାୟିକ ଏଲପିଜି ସିଲିଣ୍ଡରର ଦାମ ୪୧ ଟଙ୍କା ହ୍ରାସ ପାଇଥିଲା କିନ୍ତୁ ଏବେ ରନ୍ଧନ ଗ୍ୟାସର ଦାମ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି।

ଅନ୍ୟପକ୍ଷରେ ଆଜି କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଉପରେ ଲାଗୁ ହେଉଥିବା ଆମଦାନୀ ଶୁଳ୍କକୁ ଲିଟର ପିଛା ୨ ଟଙ୍କା ଲେଖାଏ ବୃଦ୍ଧି କରିଥିଲା। ଏହାପରେ ପେଟ୍ରୋଲ ଓ ଡିଜେଲ ମଧ୍ୟ ମହଙ୍ଗା ହେବ ବୋଲି କୁହାଯାଇଥିଲା। କିନ୍ତୁ କେନ୍ଦ୍ର ସରକାର ପରବର୍ତ୍ତୀ ଅବସ୍ଥାରେ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ ଆମଦାନୀ ଶୁଳ୍କ ଯୋଗୁ ସାଧାରଣ ଗ୍ରାହକଙ୍କୁ କୌଣସି ଅତିରିକ୍ତ ଟଙ୍କା ଦେବାକୁ ପଡ଼ିବ ନାହିଁ। ବର୍ଦ୍ଧିତ ଶୁଳ୍କ ତୈଳ କମ୍ପାନୀ ଗୁଡ଼ିକ ବହନ କରିବେ।

## ଦୁଇ ଦିନିଆ ଦିଲ୍ଲୀଗସ୍ତ

# ୩୦ ହଜାର କୋଟିର ନିବେଶ ପ୍ରସ୍ତାବ

**ଭୁବନେଶ୍ୱର,୭।୪(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଇ ଦିନିଆ ନୂଆଦିଲ୍ଲୀ ଗସ୍ତରେ ଯାଇ ପ୍ରଥମ ଦିନରେ ଏଚସିଏଲ ଟେକ୍ କ୍ୟାମ୍ପସ ପରିଦର୍ଶନ କରିଥିଲେ। ଯେଉଁଠାରେ ସେ କମ୍ପାନି ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଏଚସିଏଲ ଟେକ୍ ଖୁବ୍‌ଶୀଘ୍ର ରାଜ୍ୟରେ ଏକ କ୍ୟାମ୍ପସ ଏବଂ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବ ବୋଲି ଦିଲ୍ଲୀ ନିବେଶକ ସମ୍ମିଳନୀରେ ଅଂଶଗ୍ରହଣ ପରେ ସୋମବାର ସେ ଏହି ଘୋଷଣା କରିଛନ୍ତି।

ଏଚସିଏଲ୍ ସହ ଆଲୋଚନା ପରେ, ମୁଖ୍ୟମନ୍ତ୍ରୀ ନୂଆଦିଲ୍ଲୀର ତାଜ ପ୍ୟାଲେସରେ ବିଭିନ୍ନ ଶିଳ୍ପ ନେତାଙ୍କ ସହ ଏକକାଳୀନ ବୈଠକ କରିଥିଲେ। କିରି ଇଣ୍ଡଷ୍ଟ୍ରିଜ୍, ହିମାଦ୍ରି ସ୍ପେଶାଲିଟି କେମିକାଲ୍ ଲିମିଟେଡ୍, ଚୌଗୁଲେ ଗ୍ରୁପ୍, ଆଇଆରଇଏଲ୍, ଏସଏଲଏମଜି ବେଭେରେଜେସ୍, ରୁଚି ସୋୟା ଫୁଡ୍ସ ଲିମିଟେଡ୍ (ପତଞ୍ଜଳି ଆୟୁର୍ବେଦ ଲିମିଟେଡ୍), ଆଇନକ୍ସ ଜିଏଫଏଲ ଗ୍ରୁପ୍, ଅଫ୍ ବିଜନେସ୍, କ୍ୱାଣ୍ଟ ସୋଲାର ଇତ୍ୟାଦି



ସମ୍ମାନଜନକ ସଂଗଠନର ନେତାମାନେ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟକୁ ବିସ୍ତାର କରିବା ପାଇଁ ଫଳପ୍ରଦ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଏହି ଆଲୋଚନାର ଫଳାଫଳ ଉତ୍ସାହଜନକ ହୋଇଛି: ରାଜ୍ୟ ୧୪ଟି କମ୍ପାନୀଠାରୁ ନିବେଶ ଉଦ୍ଦେଶ୍ୟ ସୁରକ୍ଷିତ କରିଛି, ଯାହାର ପରିମାଣ ୩,୦୦୦ କୋଟି ଟଙ୍କା, ଯାହା ଆମ ରାଜ୍ୟରେ ପ୍ରାୟ ୨୧,୩୯୦ ନିଯୁକ୍ତି ସୃଷ୍ଟି କରିବ। ଏହା ସହିତ, ଓଡ଼ିଶା ସରକାର ୨୭,୫୯୫ କୋଟି ଟଙ୍କା ମୂଲ୍ୟର ୧୧ଟି ବୁଝାମଣାପତ୍ର (ଏମ୍‌ଓୟୁ) ମଧ୍ୟ ଆନୁଷ୍ଠାନିକ ଭାବରେ ସ୍ୱାକ୍ଷରିତ କରିଛନ୍ତି, ଯାହା ଆନୁମାନିକ ୨୭,୦୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି। ଏହି ଆଲୋଚନାରୁ ମୋଟ ୩୦,୫୯୫ କୋଟି ଟଙ୍କା ନିବେଶ ହୋଇଛି, ଯାହା ଦ୍ୱାରା ଓଡ଼ିଶାରେ ପ୍ରାୟ ୪୮,୩୯୦ ଜଣଙ୍କ ପାଇଁ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି।

ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମେ ଏଚସିଏଲ ଟେକ୍ କ୍ୟାମ୍ପସର ଗସ୍ତ କରିଥିଲୁ ଏବଂ ସେମାନଙ୍କ ଦଳ ସହିତ ଫଳପ୍ରଦ ଆଲୋଚନା କରିଥିଲୁ। ପରିଦର୍ଶନ ପରେ, ଆମେ ଏଚସିଏଲ ଟେକ୍ ଅଧିକାରୀମାନଙ୍କୁ ଓଡ଼ିଶା, ବିଶେଷକରି ଭୁବନେଶ୍ୱର ଏବଂ ପୁରୀର ଜଗନ୍ନାଥ ମନ୍ଦିରକୁ ନିମନ୍ତ୍ରଣ କରିଥିଲୁ। ଆମେ ସେମାନଙ୍କୁ ଏଠାରେ ଏକ କ୍ୟାମ୍ପସ ଏବଂ ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତାବ ଦେଇଥିଲୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ସେ କହିଛନ୍ତି, ଏଚସିଏଲ ଟିମ୍ ଏହି ପ୍ରସ୍ତାବରେ ପ୍ରଭାବିତ ହୋଇଛି ଏବଂ ଓଡ଼ିଶାରେ ଉପସ୍ଥିତି ସ୍ଥାପନ କରିବାକୁ ଆଗ୍ରହ ପ୍ରକାଶ କରିଛି। ସେମାନେ ଏକ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି ଏବଂ ଆମେ ଆଶାବାଦୀ ଯେ, କ୍ୟାମ୍ପସ ଖୁବ୍ ଶୀଘ୍ର ପ୍ରତିଷ୍ଠିତ ହେବ। ଏଚସିଏଲ ଟେକ୍ ପହଞ୍ଚିବା ପରେ, ଆମେ ରାଜ୍ୟରେ ସେମାନଙ୍କର ନିବେଶ ସମ୍ପର୍କରେ ପରବର୍ତ୍ତୀ ପଦକ୍ଷେପ ବିଷୟରେ ଆଲୋଚନା କରିବୁ।

ମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଏହି ଚୁକ୍ତିନାମା ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ଏବଂ ଶିକ୍ଷାର କେନ୍ଦ୍ର ଭାବରେ ସ୍ଥିତିକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏଚସିଏଲ ଟେକର ଆଗାମୀ ପ୍ରତିଷ୍ଠାନ ସ୍ଥାନୀୟ ପ୍ରତିଭା ପାଇଁ ଅନେକ ସୁଯୋଗ ସୃଷ୍ଟି କରିବ ଏବଂ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି।

# ଦୋହଲିଲା ସେୟାର ବଜାର

**ନୂଆଦିଲ୍ଲୀ,୭।୪(ଏଜେନ୍ସି):** ଭାରତ ସମେତ ସାରା ବିଶ୍ୱର ଷ୍ଟକ ମାର୍କେଟ୍‌ରେ ସୋମବାର ହାହାକାର ଖେଳିଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଲାଗୁ ହୋଇଥିବା ଟାରିଫ୍ ଏବଂ ଚୀନର ତୀବ୍ର ପ୍ରତିଶୋଧ ସାରା ବିଶ୍ୱର ଶେୟାର ବଜାରକୁ ଦୋହଲାଇ ଦେଇଥିଲା। ଗ୍ଲୋବାଲ୍ ଟ୍ରେଡ୍ ୱାର୍ ଓ ଆମେରିକାରେ ମାନ୍ଦାବସ୍ଥା ଆଶଂକା ଯୋଗୁ ଭାରତୀୟ ସେୟାର ମାର୍କେଟ୍ କ୍ରାସ ହୋଇଛି।

ସେନ୍ସେକ୍ସ ୨୨୨୬ ଅଙ୍କ ଖସି ବନ୍ଦ ହୋଇଛି। ଅନ୍ୟପଟେ ନିଫ୍ଟି ହ୍ରାସ ପାଇ ୨୨,୨୦୦ ସ୍ତର ତଳେ ବନ୍ଦ ହୋଇଛି । ଆଜିର ଏହି ହ୍ରାସ ଯୋଗୁ ନିବେଶକଙ୍କ ସମ୍ପତ୍ତି ଗୋଟିଏ ଦିନରେ ପ୍ରାୟ ୧୩.୫ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ସ୍ମଲକ୍ୟାପ୍ ଓ ମିଡକ୍ୟାପ୍ ସେୟାରରେ ମଧ୍ୟ ହାହାକାର ସୃଷ୍ଟି ହୋଇଛି। ବିଏସ୍‌ଇ ମିଡକ୍ୟାପ୍ ଇଣ୍ଡେକ୍ସ ୩.୪୬ ପ୍ରତିଶତ ଓ ସ୍ମଲକ୍ୟାପ୍ ଇଣ୍ଡେକ୍ସ ୪.୧୬ ପ୍ରତିଶତ ହ୍ରାସ ପାଇଛି। ଆଜିର ଏହି ହ୍ରାସ ଏତେ



ବଡ଼ ଥିଲା ଯେ ସମସ୍ତ ସେକ୍ଟୋରାଲ୍ ଇଣ୍ଡେକ୍ସ ଲାଲ୍ ସଂକେତରେ ବନ୍ଦ ହୋଇଛି । ସବୁଠୁ ଅଧିକ ହ୍ରାସ ମେଟାଲ୍, ରିୟଲ୍ଟି, ଆଇଟି ଓ କ୍ୟାପିଟାଲ୍ସ ଗୁଡ୍ସ ସେୟାରରେ ଦେଖିବାକୁ ମିଳିଛି।

ଆଜିର କାରବାର ଶେଷରେ ବିଏସ୍‌ଇ ସେନ୍ସେକ୍ସ ୨୨୨୬.୭୯ ଅଙ୍କ ବା ୨.୯୫ ପ୍ରତିଶତ ହ୍ରାସ ପାଇ ୭୩,୧୩୭.୯୦ ସ୍ତରରେ ବନ୍ଦ ହୋଇଛି । ଅନ୍ୟପଟେ ଏନ୍‌ଏସ୍‌ଇର ୫୦ ସେୟାର ବିଶିଷ୍ଟ ସୂଚକାଙ୍କ ନିଫ୍ଟି ୭୪୨.୮୫ ଅଙ୍କ ବା ୩.୨୪ ପ୍ରତିଶତ ଖସି ୨୨,୧୬୧.୬୦ ସ୍ତରରେ ବନ୍ଦ ହୋଇଛି ।

ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମୋଟ୍ ମାର୍କେଟ କ୍ୟାପ୍ ଆଜି ଏପ୍ରିଲ୍ ୭ରେ ବୃଦ୍ଧି ପାଇ ୩୮୯.୯୨ ଲକ୍ଷ କୋଟି ଟଙ୍କା ହୋଇଛି। ପୂର୍ବ କାରବାର ଦିନ ଅର୍ଥାତ୍ ବୁଧବାର ଏପ୍ରିଲ୍ ୪ରେ ଏହା ୪୦୩.୩୪ ଲକ୍ଷ କୋଟି ଟଙ୍କା ଥିଲା। ଏହିପରି ବିଏସ୍‌ଇରେ ସୂଚୀବଦ୍ଧ କମ୍ପାନିଗୁଡ଼ିକର ମାର୍କେଟ୍ କ୍ୟାପ୍ ଆଜି ପ୍ରାୟ ୧୩.୪୨ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଅନ୍ୟ ଶବ୍ଦରେ କହିବାକୁ ଗଲେ ନିବେଶକଙ୍କୁ ୧୩.୪୨ ଲକ୍ଷ କୋଟି ଟଙ୍କା କ୍ଷତି ହୋଇଛି।

ବିଏସ୍‌ଇ ସେନ୍ସେକ୍ସର ସମସ୍ତ ୩୦ ସେୟାର ଆଜି ଲାଲ୍ ସଂକେତରେ ବନ୍ଦ ହୋଇଛି । ଗତ ଅନେକ ବର୍ଷରେ ପ୍ରଥମ ଥର ପାଇଁ ଏପରି ଘଟିଛି । ଆଜି ସବୁଠୁ ଅଧିକ ହ୍ରାସ ଟାଟା ଷ୍ଟିଲର ସେୟାରରେ ଦେଖିବାକୁ ମିଳିଥିଲା । ଟାଟା ଷ୍ଟିଲ୍ ସେୟାର ୭.୭୩ ପ୍ରତିଶତ ହ୍ରାସ ପାଇ ବନ୍ଦ ହୋଇଛି।

## ଲଘୁଚାପ କ୍ଷେତ୍ର ସୃଷ୍ଟି

**ଭୁବନେଶ୍ୱର,୭।୪(ମହାଭାରତ):** ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏକ ସକ୍ରିୟ ଘୂର୍ଣ୍ଣିଝଡ଼ ପ୍ରଭାବରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଦକ୍ଷିଣ ପଶ୍ଚିମବଙ୍ଗର ମଧ୍ୟଭାଗରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଧୀରେ ଧୀରେ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଏହା ଏପ୍ରିଲ୍ ୮ ତାରିଖ ପର୍ଯ୍ୟନ୍ତ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ। ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରୁ ଗତି ପରିବର୍ତ୍ତନ ହେବାର ସମ୍ଭାବନା ଅଛି। ଏହା ୪୮ ଘଣ୍ଟା ପାଇଁ ସାମାନ୍ୟ ଉତ୍ତର ଦିଗକୁ ଗତି କରିବ।ଏହାର ପ୍ରଭାବରେ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି। ୮ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଉପକୂଳ ଓଡ଼ିଶାରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ।

# ସୁଦୃଢ ହେବ ଏସ୍‌ଏଚଜି

**ଭୁବନେଶ୍ୱର,୭।୪(ମହାଭାରତ):** ପ୍ରତି ପରିବାରକୁ ସ୍ୱୟଂ ସହାୟକ ଗୋଷ୍ଠୀ ସହ ଯୋଡିବାକୁ କେନ୍ଦ୍ର ସରକାର କହିଥିଲେ। ହେଲେ ପୂର୍ବ ସରକାରରେ ବହୁତ ବଂଚିତ ପରିବାର ଅଛି। କିଛି ନିର୍ଦ୍ଦିଷ୍ଟ ଗୋଷ୍ଠୀର ମହିଳାଙ୍କୁ ବାହାର କରି ଦେଇଥିଲେ। ଏବେ ରାଜ୍ୟ ସରକାରଙ୍କ ମିଶନ ଶକ୍ତି ବିଭାଗ ପ୍ରୟାସ କରି ସବୁ ଘରକୁ ଗ୍ରୁପ ସହ ଯୋଡିବାକୁ ଚେଷ୍ଟା ଆରମ୍ଭ ହୋଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି।

ସେ କହିଛନ୍ତି ଯେ, ପୂର୍ବରୁ ରାଜନୈତିକ ଉଦ୍ଦେଶ୍ୟ ରଖି ଲୋକଙ୍କୁ ଗ୍ରୁପ ସହ ଯୋଡି ଥିଲେ। ଏବେ ସମସ୍ତେ ଜିପିଏଲର ନିର୍ବାଚନରେ ଭାଗ ନେବାର ସୁଯୋଗ ମିଳିବ। ପୂର୍ବରୁ ଯେଉଁମାନେ ସଭାପତି ଓ ସମ୍ପାଦକ ଅଛନ୍ତି, ସେମାନଙ୍କୁ ବାହାର କରି ନୂଆ ଲୋକ ହେବେ। ତା ଅର୍ଥ ତୃଣମୂଳ ସ୍ତରରେ ନେତୃତ୍ୱ ସୃଷ୍ଟି ପାଇଁ



ଚେଷ୍ଟା ହେବ। ଚଳିତ ମାସରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ରି ଅର୍ଗାନାଇଜ କରାଯିବ। ଏହା ପର ମାସରେ ଜିପିଏଲଫ ଓ ସିଏଲଫ, ବିଏଲଏଫଙ୍କୁ ଜିଲ୍ଲା ସ୍ତର ଓ ରାଜ୍ୟ ସ୍ତରରେ ନୂଆ ନିଯୁକ୍ତି ଦିଆଯିବ। ଯେଉଁମାନେ ୨ ଥର ୪ ବର୍ଷରୁ ଅଧିକ ରହି ସାରିଛନ୍ତି । ସେମାନେ ଆଉ ରହି ପାରିବେନି। ପୂର୍ବ ସରକାର ସେମାନଙ୍କ ଭୋଟ ପାଇଁ ରାଜନୈତିକ ଉଦ୍ଦେଶ୍ୟ ରଖି ତିଆରି କରାଯାଇଥିଲା। ସେଥିପାଇଁ ରାଜ୍ୟରେ ଏସଏଚଜିଙ୍କ ରେଜିଷ୍ଟ୍ରେସନ ନାହିଁ। ବିନା ରେଜିଷ୍ଟ୍ରେସନରେ କୋଟି କୋଟି ଟଙ୍କା ଦିଆଯାଇଛି। ରେଜିଷ୍ଟ୍ରେସନ ନ ଥିବାରୁ ଅଡ଼ିଟ ନାହିଁ। ଯେଉଁଠି ରେଜିଷ୍ଟ୍ରେସନ ନାହିଁ ଓ ଅଡ଼ିଟ ନାହିଁ ତାର ଉଦ୍ଦେଶ୍ୟ କଣ ଜଣାପଡୁଛି। କିନ୍ତୁ ଏବେ ମହିଳାଙ୍କ ବିକାଶ ପାଇଁ କାମ କରିବେ ନୂଆ ସରକାର। ପାତର ଅନ୍ତର ହେବ ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା କହିଛନ୍ତି।

ଆସନ୍ତା ୨୨ ଏବଂ ୨୩ ତାରିଖରେ ଏହି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ ସେମାନେ ସୁଭଦ୍ରା ଟଙ୍କା ପାଇବେ। ତୃତୀୟ କିସ୍ତି ପରେ ଯେଉଁମାନଙ୍କୁ ୨୧ ବର୍ଷ ହେଇ ଯାଇଥିବ ତାଙ୍କ ପାଇଁ ପୁଣି ସୁଭଦ୍ରା ଓପନ ହେବ ।

ସୁଭଦ୍ରାକୁ ସହଜ ଲଭ୍ୟ କରିବା ପାଇଁ ସର୍ଭେ ହେବ। ଅଯୋଗ୍ୟ ହିତାଧିକାରୀଙ୍କ ସର୍ଭେ ପରେ ତୃତୀୟ କିସ୍ତି ଦିଆଯିବ। ତୃତୀୟ କିସ୍ତି ପରେ ଯେଉଁମାନେ ୨୧ ବର୍ଷ ହେଇ

## ଆସନ୍ତା ୨୨ ଏବଂ ୨୩ରେ ସୁଭଦ୍ରା କିସ୍ତି

ଯାଇଥିବ। ସେମାନେ କରି ପାରିବେ ଆବେଦନ। ତାଙ୍କ ପାଇଁ ପୁଣି ସୁଭଦ୍ରା ଓପନ ହେବ। ମାର୍ଚ୍ଚ ୩୧ ତାରିଖ ଆବେଦନର ଶେଷ ହେବ ବୋଲି କୁହାଯାଇଥିଲା। ରବିବାର ସୁଦ୍ଧା ଯାହା ରିପୋର୍ଟ ଆସିଛି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ନୂଆ ଆବେଦନ ଆସିଚି। ଜିଲ୍ଲା ୱାରି ସେ ଆବେଦନର ସର୍ଭେ କରାଯିବ। ଜିଲ୍ଲାରୁ ରିପୋର୍ଟ ଦେବେ ଯେଉଁମାନେ ଆବେଦନ କରିଛନ୍ତି ସେମାନେ ସଠିକ ହିତାଧିକାରୀ କି ନାହିଁ। ଆସନ୍ତା ୨୨ ଏବଂ ୨୩ ତାରିଖରେ ଏହି ୧ ଲକ୍ଷ ୭୦ ହଜାର ହିତାଧିକାରୀଙ୍କ ଭିତରୁ ଯେଉଁମାନେ ଯୋଗ୍ୟ ସେମାନେ ସୁଭଦ୍ରା ଟଙ୍କା ପାଇବେ। ରବିବାର ଭଦ୍ରକର ୫ ଜଣ ହିତାଧିକାରୀ ଯେଉଁମାନେ ଅଯୋଗ୍ୟ ହୋଇଥିଲେ ତାଙ୍କ ସହ ଆଲୋଚନା କରିଥିଲି। ସେମାନେ ସୁଭଦ୍ରାର ପ୍ରଥମ କିସ୍ତି ପାଇଥିଲେ ସେତେବେଳେ ସେମାନେ ଠିକ ଥିଲେ। ମଝିରେ ସେମାନେ କିଛି ଲୋନ ପାଇଁ ତାଙ୍କର ଆଇଟି ରିଟର୍ଣ୍ଣ ୫ ଲକ୍ଷରୁ ଉର୍ଦ୍ଧ୍ୱ ବୋଲି ଦର୍ଶାଇଥିବାରୁ ସୁଭଦ୍ରାର ଦ୍ୱିତୀୟ ମିଳିନାହିଁ।

# ବିଷ୍ଣୁପଦ ସେଠୀଙ୍କ ଅନ୍ତରୀଣ ସୁରକ୍ଷା ବୃଦ୍ଧି

**କଟକ, ୭।୪ (ମହାଭାରତ) :** ଆଇଏଏସ ବିଷ୍ଣୁପଦ ସେଠୀଙ୍କ ଘରେ ସିବିଆଇ ରେଡ୍ ପ୍ରସଙ୍ଗରେ ବିଷ୍ଣୁପଦ ଓ ତାଙ୍କ ପରିବାରର ଅନ୍ତରୀଣ ସୁରକ୍ଷା ବୃଦ୍ଧି ହୋଇଛି। ଅନ୍ତରୀଣ ସୁରକ୍ଷା ବଢାଇଛନ୍ତି ହାଇକୋର୍ଟ। ଆସନ୍ତା ମେ ୬ ତାରିଖରେ ହାଇକୋର୍ଟ ଶୁଣାଣି କରିବେ।

ଟେଣ୍ଡର ଫିକ୍ସିଂ ମାମଲାରେ ଗତ ୧୮ ତାରିଖରେ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କ ଘରେ ଚଢ଼ାଉ କରିଥିଲା ସବିଆଇର ୮ ଜଣିଆ। ଟିମ୍। ଟେଣ୍ଡର ଫିକ୍ସିଂ ମାମଲାରେ ବାରାମ୍ବାର ସମନ ପରେ ମଧ୍ୟ ହାଜର ହେଉନଥିଲେ ବିଷ୍ଣୁପଦ ସେଠୀ। ଏହାପରେ ତାଙ୍କ ବାସଭବନରେ ଚାଉ କରିଥିଲା ସିବିଆଇ। ପୂର୍ବରୁ ବିଭିନ୍ନ ପ୍ରସଙ୍ଗ ନେଇ ତାଙ୍କ ବିରୋଧରେ ଅଭିଯୋଗ ଥିବାବେଳେ ବ୍ରିଜ୍ ଆଣ୍ଡ୍ କମ୍ପାନୀକୁ ଅନୁକମ୍ପା ଦେଖାଇବା ଅଭିଯୋଗରେ ତନାଘନା ଚାଲିଥିଲା।

# ବିଷ ପିଇ ଜୀବନ ହାରିଲେ ପରିବାରର ୩ ଜଣ

**ଗଞ୍ଜାମ,୭।୪(ମହାଭାରତ) :** ଗଞ୍ଜାମ ଥାନା ଅନ୍ତର୍ଗତ ପାଳିବନ୍ଧ ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି। ମା' ସହ ବିଷ ପିଇଦେଇଛନ୍ତି ଭଉଣୀଭାଇ। ଫଳରେ ଏହି ୩ ଜଣଙ୍କୁ ଏମକେସିଜି ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ମୃତ ବ୍ୟକ୍ତି ମାନେ ହେଲେ ମା' ଏସ ମାମା ରେଡ୍ଡୀ (୪୧) ପୁଅ ରାକେଶୀ(୨୨)ଏବଂ ଝିଅ ଏସ୍ ମୀନା (୧୭)ୟ ମୃତ୍ୟୁର କାରଣ ସ୍ପଷ୍ଟ ହୋଇନଥିବା ବେଳେ ପ୍ରେମ ବ୍ୟାପାରକୁ ନେଇ ବିଷ ପିଇଥିବା ସୂଚନା ମିଳିଛି। ତେବେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନଭିନନ୍ ଚଳାଇଛି।

ଗତକାଲି ପାଳିବନ୍ଧରେ ଠାକୁରାଣୀ ଯାତ୍ରା ପାଇଁ ଆଲୋଚନା ଚାଲିଥିବା ବେଳେ ଉକ୍ତ ପରିବାର କାହାର ଦେଖା ନ ଥିଲା। ଫଳରେ ଗାଁର କିଛି ବ୍ୟକ୍ତି ଘରକୁ ଯାଇ ଦେଖିଲା ପରେ ୩ ଜଣ ଘରେ ଅଚେତ ପଡ଼ିଥିଲେ ସଙ୍ଗେ ସଙ୍ଗେ ତାଙ୍କୁ ପ୍ରଥମେ ଛତ୍ରପୁର ମେଡିକାଲ ପରେ ବ୍ରହ୍ମପୁର ମେଡିକାଲ ନିଆଯାଇଥିଲା ସେଠାରେ ଡାକ୍ତର ଜଣଙ୍କ ପରେ ଜଣଙ୍କ ମୃତ ଘୋଷଣା କରିଥିଲେ। ପୂର୍ବରୁ ମାମାଙ୍କର ସ୍ୱାମୀ ରବୀନ୍ଦ୍ରଙ୍କ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ହୋଇଯାଇଥବା ଜଣାପଡ଼ିଛି। ରାକେଶ ଡିପ୍ଲୋମା ଛାତ୍ର ଥିବା ବେଳେ ମୀନା ଯୁକ୍ତଦୁଇରେ ଅଧ୍ୟୟନ କରୁଥିଲେ।

## 'ମଲାଇ ମଶରୁମ୍'

**ଆବଶ୍ୟକୀୟ ସାମଗ୍ରୀ :** ମଶରୁମ, କଟା ପିଆଜ, ଟମାଟୋ ପ୍ୟୁରି କାଜୁ ବଟା,ଅଦା-ରସୁଣ ବଟା, କସ୍ତୁରୀ ମେଥି, ଗରମ ମସଲା, ଫ୍ରେଶ୍ କ୍ରିମ,ଗୋଲମରିଚ ଗୁଣ୍ଡ, ଲୁଣ, ତେଲ

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜକୁ ବାଦାମୀ ରଙ୍ଗ ହେବା ପର୍ଯ୍ୟନ୍ତ ଭାଜନ୍ତୁ । ପରେ ଅଦା-ରସୁଣ ପେଷ୍ଟକୁ ଦେଇ କଷନ୍ତୁ । ଟିକେ କଷି ହୋଇଗଲେ ଏଥିରେ ଟମାଟୋ ପ୍ୟୁରି ପକାଇ ଆଉ ଟିକେ କଷନ୍ତୁ ଏବଂ କିଛି ସମୟ ପରେ କାଜୁ ବଟା ଓ ଛତୁ ପକାଇ କଷନ୍ତୁ । କିଛି ସମୟ ପରେ ଅଧା କପ୍ ପାଣି, ଲୁଣ, ଗୋଲମରିଚ ଗୁଣ୍ଡ ଓ ଅଳ୍ପ କସ୍ତୁରୀ ମେଥି ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ । ଏବେ ଫ୍ରେଶ୍ କ୍ରିମ୍ ଏବଂ ୧ମିନିଟ୍ ପରେ ଗରମ ମସଲା ପକାଇ ସାମାନ୍ୟ ଫୁଟାଇ ତଳକୁ ଓହ୍ଲାଇ ଦିଅନ୍ତୁ । ବର୍ତ୍ତମାନ ପ୍ରସ୍ତୁତ ହୋଇଗଲା ସୁଆଦିଆ । 'ମଲାଇ ମଶରୁମ୍' । ଏହାକୁ ଆପଣ ରୁଟି, ପରଟା କିମ୍ବା ନାନ୍ ସହ ଖାଇପାରିବେ ।



ଖବର

## 'ଗଣ୍ଡ ଭୈରବ'ରେ ଭିନ୍ନ ଅବତାରରେ ନଜର ଆସିବେ ଦେବାଶିଷ




ଓଡ଼ିଆ ସିନେମା ଗଣ୍ଡ ଭୈରବକୁ ନେଇ ସବୁଆଡ଼େ ଚର୍ଚ୍ଚା । ଏବେ ସିନେମାର ନାୟକ ଦେବାଶିଷ ପାତ୍ରଙ୍କୁ ନେଇ ଚର୍ଚ୍ଚା ବଢ଼ିଛି । ପ୍ରଥମଥର ପାଇଁ 'ଗଣ୍ଡ ଭୈରବ'ର ମୁଖ୍ୟ ନାୟକ ଦେବାଶିଷ ଏହି ସିନେମା ପାଇଁ ପ୍ରଥମ ଭାଗ ଶୁଟିଂ ପାଇଁ ୨୦ କେଜି ଓଜନ ବଢାଇବା ସହ ଦ୍ୱିତୀୟ ଭାଗ ଶୁଟିଂ ପାଇଁ ୩ ମାସ ମଧ୍ୟରେ ୨୦ କେଜି ଓଜନ କମାଇଛନ୍ତି । ତାଙ୍କର ଏହି ପରିଶ୍ରମକୁ ଏବଂ ଚଳଚ୍ଚିତ୍ର ପ୍ରତି ଉତ୍ସର୍ଗୀକୃତ ମନୋଭାବକୁ ଫ୍ୟାନ୍ସ ପ୍ରଶଂସା କରୁଛନ୍ତି । ଓଜନ କମାଇବା ଅପେକ୍ଷା ଓଜନ ବଢାଇବା ଅଧିକ କଷ୍ଟକର ଥିଲା ବୋଲି କହିଛନ୍ତି ଦେବାଶିଷ । ଏହି ସିନେମା ପାଇଁ ଦୀର୍ଘ ୯ ମାସ ଧରି ସମୟ ଦେଇଆସୁଥିବା ସେ କହିଛନ୍ତି ।ଏହି ଚଳଚ୍ଚିତ୍ରରେ ମୌଳିକ କାହାଣୀ ସାଙ୍ଗକୁ ନାୟକ ଦେବାଶିଷଙ୍କ ଅଭିନୟ ଦକ୍ଷତା ଦେଖିବାକୁ ପାଇବେ ଦର୍ଶକ। ଏହି ସିନେମାଟି ଔପନ୍ୟାସିକ ଶଙ୍କର ତ୍ରିପାଠୀଙ୍କ ଉପନ୍ୟାସ 'ଗଣ୍ଡ ଭୈରବ' କୁ ନେଇ ପ୍ରସ୍ତୁତି ହୋଇଛି ।ରମେଶ ବାରିକ 'ଗଣ୍ଡ ଭୈରବ'ର ପ୍ରଯୋଜକ ଥିବାବେଳେ ସୁଧାଂଶୁ ସାହୁ ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି । ଚିତ୍ରନାଟ୍ୟ ଓ ସଂଳାପ ରଚନା କରିଛନ୍ତି ଶଙ୍କର ତ୍ରିପାଠୀୟ ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବାବେଳେ ନିର୍ମଳ ନାୟକ ,ଜେପି ,ବାପୁ ଗୌସ୍ୱାମୀ ଗୀତ ଲେଖିଛନ୍ତି। ଦେବାଶିଷଙ୍କ ସହ ଶିବାନୀ, ଅନନ୍ୟା ମିଶ୍ର, ଚୌଧୁରୀ ବିକାଶ ଦାସ, କେକେ, ପୃଥ୍ୱୀରାଜ, ସୋମା ଭୌମିକ, ଅସିତ, ସାଲବେଗ ପ୍ରମୁଖ ମୁଖ୍ୟ ଭୂମିକାରେ ନଜର ଆସିବେ । ସିନେମା 'ଗଣ୍ଡ ଭୈରବ' ଆର୍ ଆର୍ ଇଭେ□ସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ନିର୍ମିତ ହୋଇଛି ।

## ଆଲମାରୀରେ ରଖନ୍ତୁ ଗୋଟିଏ କପ୍ ଚାଉଳ



ବର୍ଷାଦିନେ କପଡ଼ା ନଶୁଖିବାରୁ ଆଲମାରୀରେ ଥିବା ପୋଷାକ ଗନ୍ଧାଇବା ଆରମ୍ଭ କରିଥାଏ। ଏହି ପୋଷାକ ଶୀରର ସମ୍ପର୍କରେ ଆସିଲେ ଫଙ୍ଗଲ୍ ଇନଫେକସନ୍ ହେବାର ଆଶଙ୍କା ରହିଥାଏ । ଯାହାଦ୍ୱାରା ତ୍ୱଚରେ ବିଭିନ୍ନ ପ୍ରକାର ରୋଗ ଦେଖାଦେଇଥାଏ। ଏସବୁରୁ ରକ୍ଷା ପାଇବା ପାଇଁ ଆପଣ ଔଷଧ ଉପରେ ନିର୍ଭର କରିଥା'ନ୍ତି। ତେବେ ଏଥିପାଇଁ ଚିନ୍ତା କରନ୍ତୁ ନାହିଁ, ପୋଷାକକୁ ଭଲ ରଖିବା ପାଇଁ ଆପଣ କିଛି ଘରକରଣା ଉପାୟ ଅବଲମ୍ବନ କରିପାରିବେ। ଏଥିପାଇଁ ଆଲମାରୀରେ ଗୋଟିଏ କପ୍ ଚାଉଳ ରଖନ୍ତୁ। ଆସନ୍ତୁ ଜାଣିବା ଆଲମାରୀରେ ଚାଉଳ ରଖିଲେ କେଉଁସବୁ ଲାଭ ମିଳିଥାଏ।

- ବର୍ଷା ଦିନେ ଆଲମାରୀରେ ଚାଉଳ ରଖିଲେ ପୋଷାକରେ ହେଉଥିବା ବ୍ୟାକ୍ଟେରିଆ ନଷ୍ଟ ହୋଇଥା'ନ୍ତି ତେଣୁ ଆପଣଙ୍କ କପଡ଼ା ସୁରକ୍ଷିତ ରହିଥାଏ।
- ଚାଉଳ ଆଲମାରୀରୁ ଦୁର୍ଗନ୍ଧ ଦୂର କରିଥାଏ। ଆପଣ ଚାହିଁଲେ ଗୋଟିଏ କପ୍ ଚାଉଳରେ କିଛି ବୁନ୍ଦା ଏସେନ୍ସିଆଲ୍ ଅଏଲ୍ କିମ୍ବା ପରଫ୍ୟୁମ୍ ପକାଇ ମୁହଁରେ କପଡ଼ା ଗୁଡ଼ାଇ ରଖିପାରିବେ। ଏହି କପକୁ ଆଲମାରୀର ଖାଲି ଥିବା ସ୍ଥାନରେ ରଖନ୍ତୁ। ଚାଉଳରେ ପରଫ୍ୟୁମ୍ ପଡ଼ିଥିବାରୁ ଆଲମାରୀ ସହିତ ପୋଷାକ ମଧ୍ୟ ବାସ୍ନା ହେବ।
- ଚାଉଳକୁ ଆଲମାରୀରେ ଗୋଟିଏ ମାସରୁ ଅଧିକ ଦିନ ଯାଏଁ ରଖନ୍ତୁ ନାହିଁ। ଗୋଟିଏ ମାସ ପରେ କପରୁ କପଡ଼ା ବାହାର କରି ଚାଉଳକୁ ବଦଳାଇ ଏଥିରେ ପରଫ୍ୟୁମ୍ ଓ ଏସେନସିଆଲ୍ ଅଏଲ୍ ପକାନ୍ତୁ। କାରଣ ଚାଉଳ ଅଧିକ ଦିନ ରହିଲେ, ଖରାପ ହୋଇଯାଇଥାଏ। ତେଣୁ ପୋଷାକ ଏହା ସମ୍ପର୍କରେ ଆସିଲେ ଶୀଘ୍ର ଖରାପ ହେବାର ସମ୍ଭାବନା ରହିଥାଏ।

## ଭଗବାନ ଶିବଙ୍କ ପ୍ରମୁଖ ଅବତାର

ଶିବ ପୁରାଣରେ ମହାଦେବଙ୍କ ପ୍ରମୁଖ ଅବତାର ବିଷୟରେ ବର୍ଣ୍ଣନା ରହିଛି । ତାଙ୍କର ଭିନ୍ନ ଭିନ୍ନ ଅବତାର ଏବଂ ତା'ପଛରେ ରହିଥିବା କାରଣ ବିଷୟରେ ମଧ୍ୟ ଉଲ୍ଲେଖ ରହିଥିବା ଦେଖିବାକୁ ମିଳିଥାଏ । ଶିବଙ୍କ ଦଶ ଅବତାର ସମ୍ପର୍କରେ ପୁରାଣରେ ଉଲ୍ଲେଖ ରହିଛି, ସେମାନେ ହେଲେ ମହାକାଳ, ତାରକ, ଭୁବନେଶ, ଷୋଡ଼ଶ, ଭୈରବ, ଛିନ୍ନମସ୍ତକ ଗିରିଜା, ଧୂମବାନ, ବଗଳାମୁଖ, ମାତଙ୍ଗ ଓ କମଳ ଅବତାର । ଏହି ଦଶଅବତାର ତନ୍ତ୍ରଶାସ୍ତ୍ର ସମ୍ବନ୍ଧୀୟ ବୋଲି କୁହାଯାଇଛି । ଏହାବ୍ୟତୀତ ଶିବଙ୍କ ୧୧ ଅବତାର- କପାଳୀ, ପିଙ୍ଗଳ, ଭୀମ, ବିରୂପାକ୍ଷ, ବିଲୋହିତ, ଶାସ୍ତା, ଅଜପାଦ, ଅପିର୍ବୁଧ, ଶମ୍ଭୁ, ଚଣ୍ଡ ଏବଂ ଭବ ଅବତାର ସମ୍ପର୍କରେ ମଧ୍ୟ ଶିବପୁରାଣରେ ବର୍ଣ୍ଣନା ରହିଛି । ଏହି ଅବତାର ବ୍ୟତୀତ ମହର୍ଷି ଦୁର୍ବାସା, ମହେଶ, ବୃଷଭ, ପିପ୍ପଳାଦ, ବୈଶ୍ୟନାଥ, ଦ୍ୱିଜେଶ୍ୱର, ହଂସରୂପ, ଅବଧୂତେଶ୍ୱର, ଭିକ୍ଷୁଭର୍ଯ୍ୟ, ସୁରେଶ୍ୱର, ବ୍ରହ୍ମଚାରୀ, ସୁନଟତର୍କ, ଦ୍ୱିଜ, ଅଶ୍ୱତଥାମା, କିରାତ ଏବଂ ନତେଶ୍ୱର ଆଦି ଅବତାର ସମ୍ପର୍କରେ ଶିବ ପୁରାଣରେ ଉଲ୍ଲେଖ ରହିଛି । ତେବେ ଏମାନଙ୍କୁ ଶିବଙ୍କ ଅଂଶାବତାର ବୋଲି କୁହାଯାଇଛି । ବୀର ହନୁମାନ ଏବଂ ଭୈରବ ହେଉଛନ୍ତି ଶିବଙ୍କର ସବୁଠୁ ଚର୍ଚ୍ଚିତ ଅବତାର ।





## କେମିତି ଜନ୍ମନେଲେ ରାବଣ ଓ ତା'ର ଭାଇ-ଭଉଣୀ ?

ସୃଷ୍ଟି ଆରମ୍ଭ ସମୟରେ ଭଗବାନ ବ୍ରହ୍ମା ଅନେକ ଜଳ-ଜନ୍ତୁଙ୍କୁ ସୃଷ୍ଟି କଲେ । ସେମାନଙ୍କୁ ସମୁଦ୍ର ଜଳର ସୁରକ୍ଷା ଦାୟିତ୍ୱ ଦେଲେ । ସେହି ଜନ୍ତୁମାନଙ୍କ ମଧ୍ୟରୁ କେତେକ କହିଲେ, ଆମେ ସମୁଦ୍ର ଜଳର ରକ୍ଷା କରିବକୁ ଏବଂ କିଛି କହିଲେ ଆମେ ଏହାକୁ ଯକ୍ଷଣ(ପୂଜା) କରିବୁ । ଏହାପରେ ବ୍ରହ୍ମା କହିଲେ, ଯେଉଁମାନେ ରକ୍ଷଣ କରିବେ ସେମାନେ 'ରାକ୍ଷସ' ନାମରେ ପରିଚିତ ହେବେ ଏବଂ ଅନ୍ୟ ଯେଉଁମାନେ ଯକ୍ଷଣ କରିବେ ସେମାନେ 'ଯକ୍ଷ' ନାମରେ ପରିଚିତ ହେବେ।

ପୁରାଣ କାଳରେ ହେତି ଏବଂ ପ୍ରହେତି ନାମରେ ଦୁଇ ରାକ୍ଷସ ଭ୍ରାତା ଥିଲେ । ପ୍ରହେତି ତପସ୍ୟା କରିବାକୁ ଚାଲିଗଲା, କିନ୍ତୁ ହେତି ଜଣେ ରାକ୍ଷସୀ ଭୟାକୁ ବିବାହ କଲା । ସେମାନଙ୍କ ଠାରୁ ବିଦ୍ୟୁତ୍‌କେଶ ନାମକ ପୁତ୍ର ଉତ୍ପନ୍ନ ହେଲା । ବିଦ୍ୟୁତ୍‌କେଶର ସୁକେଶ ନାମରେ ଏକ ପରାକ୍ରମୀ ପୁତ୍ର ଥିଲା । ସୁକେଶର ୩ ଜଣ ପୁତ୍ର ଥିଲେ- ମାଲ୍ୟବାନ, ସୁମାଳୀ ଏବଂ ମାଳୀ । ଏହି ତିନି ଜଣ ବ୍ରହ୍ମାଙ୍କୁ ତପସ୍ୟା କରି ବରଦାନ ଲାଭ କଲେ ଯେ ସେମାନଙ୍କ ମଧ୍ୟରେ ସର୍ବଦା ସ୍ନେହପୂର୍ଣ୍ଣ ସମ୍ପର୍କ ରହିବ । କେବେ ସେମାନେ ଅଲଗା ହେବ ନାହିଁ ଏବଂ କେହି ସେମାନଙ୍କୁ ପରାଜିତ କରିପାରିବେ ନାହିଁ । ବରଦାନ ଲାଭ କରି ୩ରାକ୍ଷସ ନିର୍ଭୟ ହୋଇଗଲେ । ଏହାପରେ ସେମାନେ ଜଗତବାସୀଙ୍କୁ ହଇରାଣ କରିବାକୁ ଲାଗିଲେ । ସେମାନେ ବିଶ୍ୱକର୍ମାଙ୍କୁ ଅତ୍ୟନ୍ତ ସୁନ୍ଦର ନଗର ନିର୍ମାଣ କରିବାକୁ କହିଲେ । ବିଶ୍ୱକର୍ମା ସେମାନଙ୍କୁ ଲଙ୍କାପୁରୀର ଠିକଣା କହିଲେ ଏବଂ ସେମାନେ ଅତି ଆନନ୍ଦରେ ସେଠାରେ ରହିବାକୁ ଲାଗିଲେ । ସମୟ ବିତିବା ପରେ ମାଲ୍ୟବାନ ରାକ୍ଷସର ୭ଜଣ ପୁତ୍ର ଜନ୍ମ ନେଲେ- ବଜ୍ରମୁଷ୍ଟି, ବିରୂପାକ୍ଷ, ଦୁର୍ମୁଖ, ସୁପ୍ତଘ୍ନ, ଯଜ୍ଞକୋପ, ମତ୍ତ ଏବଂ ଉନ୍ମତ୍ତ । ସୁମାଳୀର ଦଶ ଜଣ ପୁତ୍ର ଥିଲେ- ପ୍ରହସ୍ତ, ଅକମ୍ପନ, ବିକଟ, କାଳିକାମୁଖ, ଧମ୍ରାକ୍ଷ, ଦଣ୍ଡ, ସୁପାର୍ଶ୍ୱ, ସହ୍ରଦି, ପ୍ରଧସ ଏବଂ ଭାରକର୍ଣ୍ଣ । ମାଳୀ ଠାରୁ ଅନଳ, ଅନୀଳ, ହର ଏବଂ ସମ୍ପାତି ନାମରେ ୪ଜଣ ପୁତ୍ର ଜନ୍ମ ନେଲେ । ଏମାନେ ସମସ୍ତେ ଶକ୍ତିଶଳୀ ଏବଂ ଦୁଷ୍ଟ ପ୍ରକୃତିର ହୋଇଥିବା କାରଣରୁ ଋଷି-ମୁନିଙ୍କୁ କଷ୍ଟ ଦେଲେ । ସେମାନଙ୍କ ପ୍ରତାଡ଼ନା ସହିନପାରି ଋଷିଗଣ ଭଗବାନ ବିଷ୍ଣୁଙ୍କ ଶରଣାପନ୍ନ ହେଲେ । ବିଷ୍ଣୁ ସେମାନଙ୍କୁ ଆଶ୍ୱାସନା ଦେଲେ ଯେ ମୁଁ ଦିନେ ନିଶ୍ଚେ ଏହି ଦୁଷ୍ଟ ରାକ୍ଷସମାନଙ୍କୁ ସଂହାର କରିବି । ଭଗବାନ ବିଷ୍ଣୁଙ୍କ ଆଶ୍ୱାସନାର ଖବର ପାଇବା ପରେ ରାକ୍ଷସଗଣ ମନ୍ତ୍ରଣା କରି ସଂଗଠିତ ହେଲେ । ମାଳିର ସେନାପତିତ୍ୱରେ ଇନ୍ଦ୍ରଲୋକ ଉପରେ ଆକ୍ରମଣ କଲେ । ଏହି ସୂଚନା ପାଇଁ ଭଗବାନ ବିଷ୍ଣୁ ନିଜ ଅସ୍ତ୍ର-ଶସ୍ତ୍ର ସହ ରାକ୍ଷସଙ୍କୁ ସଂହାର କରିବାକୁ ଲାଗିଲେ । ସେନାପତି ମାଳି ସହିତ ବହୁତ ରାକ୍ଷସ ପ୍ରାଣ ହରାଇଲେ । ଆଉ କିଛି ପଳାୟନ କଲେ । ପଳାୟନ କରୁଥିବା ଅବସ୍ଥାରେ ମଧ୍ୟ ନାରାୟଣ ସେମାନଙ୍କୁ ସଂହାର କରିଚାଲିଲେ । ମାଲ୍ୟବାନ କ୍ରୋଧିତ ହୋଇ ପୁଣିଥରେ ଯୁଦ୍ଧ ଭୂମିକୁ ଫେରିଲା । ହେଲେ ଭଗବାନ ବିଷ୍ଣୁ ସେହି ରାକ୍ଷସକୁ ବଧ କରିଦେଲେ । ଶେଷରେ ଯୁଦ୍ଧରୁ ବଞ୍ଚିଯାଇଥିବା ସୁମାଳି ନିଜ ସୈନ୍ୟସାମନ୍ତଙ୍କୁ ଧରି ପାତାଳ ଲୋକରେ ଲୁଚିଗଲା । ଏହାପରେ ଧନପତି କୁବେର ଲଙ୍କାରେ ନିଜ ରାଜ୍ୟ ପ୍ରତିଷ୍ଠା କଲେ ।

ରାକ୍ଷସଙ୍କ ବିନାଶ ଦ୍ୱାରା ଦୁଃଖିତ ହୋଇ ସୁମାଳି ନିଜ କନ୍ୟା କୈକେସୀକୁ କହିଲା ଯେ ହେ ପୁତ୍ରୀ ! ତୁମେ ରାକ୍ଷସ ବଂଶର କଲ୍ୟାଣ ଚାହୁଁଥିଲେ ପରମତପସ୍ୱୀ ମହର୍ଷି ବିଶ୍ରବାଙ୍କ ପାଖକୁ ଯାଇ ପୁତ୍ର ପ୍ରାପ୍ତି କର । ସେହି ପୁତ୍ର ହିଁ ହି ଦେବତାମାନଙ୍କର ବିନାଶ କରି ପୁଣିଥରେ ରାକ୍ଷସ କୁଳର ଉଦ୍ଧାର କରିବ । ପିତାଙ୍କ ଆଜ୍ଞା ପ୍ରାପ୍ତ କରି କୈକେସୀ ବିଶ୍ରବାଙ୍କ ନିକଟକୁ ଗଲା । ସେ ସମୟରେ ଭୟଙ୍କର ବର୍ଷାଝଡ଼ ହେଉଥିଲା । ଆକାଶରେ ମେଘ ଗର୍ଜୁଥିଲା । କେକେସୀର ଅଭିପ୍ରାୟ ଜାଣିବା ପରେ ବିଶ୍ରବା କହିଲେ, ମୁଁ ତୁମକୁ ପୁତ୍ର ଦେଇପାରେ, କିନ୍ତୁ ତୁମ ସନ୍ତାନ ଦୁଷ୍ଟ ସ୍ୱଭାବ ତଥା କ୍ରୂର ହେବେ । ମୁନିଙ୍କ କଥା ଶୁଣି କୈକେସୀ ତାଙ୍କ ପାଦ ତଳେ ପଡ଼ିଗଲା ଏବଂ କହିଲା, ଆପଣ ବ୍ରହ୍ମଜ୍ଞାନୀ ମହାତ୍ମା । ଆପଣଙ୍କ ଠାରୁ ଦୁରାଚାରୀ ପୁତ୍ର ପାଇବା ଲାଗି ମୁଁ ଆଶା କରୁନାହିଁ । ଏଣୁ ଆପଣ ମୋ ଉପରେ କୃପା କରନ୍ତୁ । କୈକେସୀଙ୍କ ବଚନ ଶୁଣି ମୁନି ବିଶ୍ରବ କହିଲେ, ଠିକ୍ ଅଛି ତୁମର କନିଷ୍ଠ ପୁତ୍ର ସଦାଚାରୀ ଏବଂ ଧର୍ମାତ୍ମା ହେବ । ଏହାପରେ କୈକେସୀଙ୍କ ପ୍ରଥମ ପୁତ୍ର ରୂପରେ ରାବଣ, ଦ୍ୱିତୀୟ ପୁତ୍ର ରୂପେ କୁମ୍ଭକର୍ଣ୍ଣ, କନ୍ୟା ସୂର୍ପଣଖା ଏବଂ ବିଭୀଷଣ ଜନ୍ମ ନେଲେ । ରାବଣ ଏବଂ କୁମ୍ଭକର୍ଣ୍ଣ ଅତ୍ୟନ୍ତ ଦୁଷ୍ଟ ପ୍ରକୃତିର ଥିଲେ, କିନ୍ତୁ ବିଭୀଷଣ ଧର୍ମାତ୍ମା ପ୍ରକୃତିର ଥିଲା ।

## ଚକ୍ଷୁ ସମସ୍ୟାରୁ ମୁକ୍ତି ଦିଏ ପେସ୍ତା

ନିଜକୁ ସୁସ୍ଥ ସବଳ ରଖିବା ପାଇଁ ଆମେ ପ୍ରତିଦିନ ବିଭିନ୍ନ ପ୍ରକାର ପୋଷଣ ଯୁକ୍ତ ଖାଦ୍ୟ ଖାଇଥାଉ । ଭୁରି ଭୋଜନ ବ୍ୟତୀତ ଆମେ ଏମିତି କିଛି ଖାଦ୍ୟ ବି ଖାଇଥାଉ ଯାହା ସ୍ୱାଦିଷ୍ଟ ହେବା ସହ



ଶରୀରରକୁ ବିଭିନ୍ନ ଜରୁରୀ ଉପାଦାନ ଯୋଗାଇଥାଏ। ଆଜିକା ସମୟରେ ଅଧିକାଂଶ ଲୋକେ ପ୍ରତିଦିନ କିଛି କିଛି ଡ୍ରାଏ ଫ୍ରୁଟସ ଖାଇବା ଅଭ୍ୟାସ କଲେଣି । ଏହି ଡ୍ରାଏ ଫ୍ରୁଟସ ମଧ୍ୟରୁ ପେସ୍ତା ହେଉଛି ଅନ୍ୟତମ । ଆଉ ମଧ୍ୟ ଏଥିରେ ଥିବା ଭରପୁର ଆଣ୍ଟି ଅକ୍ସିଡେଣ୍ଟ ହୃଦରୋଗ, କ୍ୟାନ୍ସର ପରି ରୋଗ ସହ ଲଢ଼ିବାରେ ସାହାଯ୍ୟ କରେ । ତେବେ ଆସନ୍ତୁ ଆଜି ପେସ୍ତାର ଆଉ କିଛି କିଛି ଉପାଦେୟ ଗୁଣ ବିଷୟରେ ଜାଣିବା ।

ଅତ୍ୟଧିକ ପ୍ରଦୂଷଣ, ଅନିୟମିତ ଦିନଚର୍ଯ୍ୟା କାରଣରୁ ଖୁବ କମ ବୟସରୁ ଅଧିକାଂଶ ଲୋକେ ଚକ୍ଷୁ ଜନିତ ସମସ୍ୟାରେ ପୀଡିତ ହେଉଛନ୍ତି । ଏଥିରେ ଥିବା ଆଣ୍ଟିଅକ୍ସିଡେଣ୍ଟ ଲ୍ୟୁଟିନ, ଜ୍ୱକ୍ସାଥିନ ମୋତିୟାବିନ୍ଦୁ ଓ ବୟସ ଜନିତ ଚକ୍ଷୁ ସମସ୍ୟାରୁ ମୁକ୍ତି ଦେଇଥାଏ । ଏହାବ୍ୟତୀତ ପେସ୍ତା କାର୍ବୋହାଇଡ୍ରେଟ, ଫାଇବର , ଫ୍ୟାଟ, ଆମିନା ଏସିଡ ମୁହଁ ଦୁର୍ଗନ୍ଧ, ମୁଣ୍ଡ ବିନ୍ଧା, କୋଷ୍ଠକାଠିନ୍ୟ, କୁଣ୍ଡେଇ ହେବା ଆଦି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଲି ସେତିକି ନୁହେଁ ପାଚନ ସମସ୍ୟାକୁ ବି ଏହା ସୁଧାରି ଥାଏ । ଶରୀରରେ ସୁସ୍ଥ ବ୍ୟାକ୍ଟେରିଆ ସଂଖ୍ୟାକୁ ମଧ୍ୟ ବଢ଼ାଇ ଥାଏ । ପିସ୍ତା ତେଲରେ ମୁଣ୍ଡ ମାଲିସ କଲେ ମଧ୍ୟ ଦୀର୍ଘଦିନର ମୁଣ୍ଡ ଯନ୍ତ୍ରଣା ଦୂର ହୁଏ । ନିର୍ଦ୍ଦିଷ୍ଟ ମାତ୍ରାରେ ନିୟମିତ ସେବନ କରିବା ଦ୍ୱାରା ଥକ୍କା ପଣ ମେଣ୍ଟିବା ସହ ରକ୍ତରେ ଶର୍କରା ମାତ୍ରା ସନ୍ତୁଳିତ ରହିଥାଏ ।

# ହରିତ ଯୋଗ ଉଭୟ ମନୁଷ୍ୟ ଓ ପ୍ରକୃତିକୁ ସୁରକ୍ଷିତ ରଖିଥାଏ

**ଭୁବନେଶ୍ୱର, ୭।୪ (ମହାଭାରତ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ସୋମବାର ସାଧାରଣ ଯୋଗ ଅଭ୍ୟାସ (ସିଓ୍ୱାଇପି) ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୬,୦୦୦ରୁ ଅଧିକ ଯୋଗପ୍ରେମୀ ଅଂଶଗ୍ରହଣ କରି ଯୋଗାଭ୍ୟାସ କରିଛନ୍ତି । ଏହି ଅବସରରେ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ ପ୍ରତାପରାଓ ଯାଧବ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିଙ୍କ ଦ୍ୱାରା 'ହରିତ ଯୋଗ' ନାମକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ବିଶିଷ୍ଟ ଅତିଥିମାନେ ଔଷଧୀୟ ଉଦ୍ଭିଦ ରୋପଣ କରିବା ସହିତ ଯୋଗାଭ୍ୟାସରେ ଅଂଶଗ୍ରହଣ କରିଥିବା ସବୁ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ଔଷଧୀୟ ଉଦ୍ଭିଦ ବିତରଣ କରାଯାଇଛି । ଏହି କାର୍ଯ୍ୟକ୍ରମ ସହିତ ଆସନ୍ତା ୨୧ ଜୁନ୍ ଅନ୍ତର୍ଜାତୀୟ ଯୋଗଦିବସ ନିମନ୍ତେ ୭୫ ଦିନିଆ ଅବଗଣନା ଆରମ୍ଭ ହୋଇଛି। ଏହି ସମାବେଶକୁ ସମ୍ବୋଧିତ କରି କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଯୋଗ ଗତ ୧୦ ବର୍ଷ ମଧ୍ୟରେ ଅଭୂତପୂର୍ବ ଲୋକପ୍ରିୟତା ହାସଲ କରିଛି ଏବଂ ବର୍ତ୍ତମାନ ଏହା ଏକ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମରେ ପରିଣତ ହୋଇପାରିଛି। ୨୦୨୫ ମସିହା ମାର୍ଚ୍ଚ ୩୦ ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ତାଙ୍କ 'ମନ୍ କି ବାତ୍' ଅଭିଭାଷଣରେ ଏହା କହିଥିଲେ। ନରେନ୍ଦ୍ର ମୋଦୀ ଦୈନନ୍ଦିନ ଜୀବନରେ ସୁସ୍ଥତା ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଅନ୍ତର୍ଜାତୀୟ ଯୋଗ ଦିବସ ଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ। ଏକ ସୁସ୍ଥ ବିଶ୍ୱ ପାଇଁ ଭାରତର ବିଚାର ବାଣ୍ଟିବା ଲାଗି ପ୍ରଧାନମନ୍ତ୍ରୀ ମୋଦୀ ଯୋଗ ଦିବସ ୨୦୨୫ର ବିଷୟବସ୍ତୁ 'ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ' ରଖିଛନ୍ତି। ଏହି ବିଷୟବସ୍ତୁ ସମଗ୍ର ବିଶ୍ୱ ପାଇଁ ସାମଗ୍ରିକ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିଥାଏ ବୋଲି ଶ୍ରୀ ଯାଧବ କହିଥିଲେ। 'ହରିତ ଯୋଗ' ପଦକ୍ଷେପ ବିଷୟରେ ଉଲ୍ଲେଖ କରି ମାନ୍ୟବର ମନ୍ତ୍ରୀ କହିଥିଲେ, ''ଆମର ସ୍ୱାସ୍ଥ୍ୟ, ଆମ ଗ୍ରହର ସ୍ୱାସ୍ଥ୍ୟ ସହିତ ଅବିଚ୍ଛେଦ୍ୟ ଭାବରେ ଜଡିତ। ଯେପରି ଯୋଗ ଆମ ମନ ଏବଂ ଶରୀରକୁ ପୋଷଣ ଦେଇଥାଏ, ସେହିପରି ବୃକ୍ଷରୋପଣ ପୃଥିବୀକୁ ପୋଷଣ କରିଥାଏ, ଯାହା ଆଗାମୀ ପିଢ଼ି ପାଇଁ ଏକ ସବୁଜ ଏବଂ ସୁସ୍ଥ ଭବିଷ୍ୟତ ସୁନିଶ୍ଚିତ କରିଥାଏ। ଏହା ସହିତ କେନ୍ଦ୍ର ଆୟୁଷ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ଯାଧବ 'ହରିତ ଯୋଗ'ର ଶୁଭାରମ୍ଭ ଘୋଷଣା କରିଥିଲେ ଏବଂ କହିଥିଲେ ଯେ 'ହରିତ ଯୋଗ' ଯୋଗ ଦିବସ ୨୦୨୫ର ୧୦ଟି ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଅଂଶବିଶେଷ। କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ମିଶି ହରିତ ଯୋଗର ଶୁଭାରମ୍ଭ ଅବସରରେ ଔଷଧୀୟ ବୃକ୍ଷ ରୋପଣ କରିଥିଲେ। ଯୋଗର ସ୍ଥିରତା ଏବଂ ପରିବେଶ ସମ୍ବନ୍ଧୀୟ ଦିଗ ବିଷୟରେ ଉଲ୍ଲେଖ କରି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ହରିତ ଯୋଗକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ପେଡ଼ ମା କେ ନାମ'ର ପରିକଳ୍ପନା ସହିତ ଯୋଡ଼ିଛନ୍ତି। ଏହି ପଦକ୍ଷେପ ଲୋକମାନଙ୍କୁ ଉଭୟ ବ୍ୟକ୍ତିଗତ ଏବଂ ପ୍ରକୃତିର ସ୍ୱାସ୍ଥ୍ୟର ପୋଷଣ ପାଇଁ ଏକ ପ୍ରତୀକାତ୍ମକ କାର୍ଯ୍ୟ ଭାବରେ ବୃକ୍ଷ ରୋପଣ କରିବାକୁ ଉତ୍ସାହିତ କରେ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ । କେନ୍ଦ୍ର ମନ୍ତ୍ରୀ 'ପ୍ରକୃତି ପରୀକ୍ଷଣ ଅଭିଯାନ'ର ସଫଳତା ଉପରେ ମଧ୍ୟ ଆଲୋକପାତ କରିଥିଲେ, ଯେଉଁଥିରେ ୧୨.୯ କୋଟିରୁ ଅଧିକ ଲୋକଙ୍କ ପାଇଁ 'ପ୍ରକୃତି ପରୀକ୍ଷଣ' ଆୟୋଜନ କରାଯାଇଥିଲା, ଯାହାକି ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଥିଲା। ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ସୁଶ୍ରୀ ପ୍ରଭାତୀ ପରିଡ଼ା ଯୋଗର ଶକ୍ତି ଉପରେ ଗୁରୁତ୍ୱାରୋପ କରି କହିଛନ୍ତି, ''ଯୋଗ ଆମକୁ ସୁସ୍ଥ ଜୀବନଶୈଳୀ ଗ୍ରହଣ କରିବାକୁ ପ୍ରେରଣା ଦେଇଥାଏ। ସମସ୍ତେ ଯୋଗକୁ ଦୈନନ୍ଦିନ ଜୀବନରେ ସାମିଲ କରିବା ଏବଂ ଭଗବାନ ଜଗନ୍ନାଥଙ୍କ ଦିବ୍ୟତାରୁ ଶକ୍ତି ଆହରଣ କରିବା ଲାଗି ସେ ଆହ୍ୱାନ ଦେଇଥିଲେ। ଭୁବନେଶ୍ୱରରୁ ଅନ୍ତର୍ଜାତୀୟ ଯୋଗଦିବସର ୭୫ ଦିନିଆ ଅବଗଣନା ଆରମ୍ଭ କରିବା ଏବଂ ଏହି ସମାରୋହରେ ଓଡ଼ିଶାକୁ ସହଭାଗୀ ହେବାର ସୁଯୋଗ ଦେଇଥିବାରୁ ଓଡ଼ିଶା ସରକାରଙ୍କ ତରଫରୁ ସେ ଭାରତ ସରକାର ଏବଂ ଆୟୁଷ ମନ୍ତ୍ରଣାଳୟ ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ ।ପୁରୀ ସାଂସଦ ସମ୍ବିତ ପାତ୍ର ବିଶ୍ୱସ୍ତରରେ ଯୋଗର ପ୍ରଭାବକୁ ସ୍ୱୀକାର କରିବା ସହିତ ଯୋଗ ଦିବସର ସଫଳତା ଉପରେ ମତ ରଖିଥିଲେ।




# କଏଦୀଙ୍କ ସୁରକ୍ଷା ପାଇଁ 'ଜେଲ୍ ପଞ୍ଚାୟତ'

**ଭୁବନେଶ୍ୱର, ୭।୪ (ମହାଭାରତ):** 'ଜେଲ୍ ପଞ୍ଚାୟତ'ର ନବନିର୍ବାଚିତ ପ୍ରତିନିଧିମାନେ କଏଦୀଙ୍କ ସୁରକ୍ଷା ସହିତ ମାନବାଧିକାର ସୁରକ୍ଷା ପାଇଁ କାର୍ଯ୍ୟ କରିବେ। କିଛି ଦିନ ପୂର୍ବରୁ ରାଜ୍ୟର ବିଭିନ୍ନ ସଂଶୋଧନ କେନ୍ଦ୍ରରେ ସଂସ୍ଥା ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା।

ଏକ ଅନନ୍ୟ ପଦକ୍ଷେପ ସ୍ୱରୂପ, ଓଡ଼ିଶାର ଜେଲ ସୀମା ମଧ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା, ଯାହା କଏଦୀମାନଙ୍କୁ ସେମାନଙ୍କର ନେତା ଯେପରିକି ସରପଞ୍ଚ ଏବଂ ଅନ୍ୟାନ୍ୟ ପ୍ରତିନିଧିମାନଙ୍କୁ ଚୟନ କରିବାର ସୁଯୋଗ ଦେବ। ନବନିଯୁକ୍ତ ସଦସ୍ୟଙ୍କ ପାଇଁ ପ୍ରାୟ ୮୭ଟି ସଂଶୋଧନ ପ୍ରତିଷ୍ଠାନରେ ଶପଥ ଗ୍ରହଣ ସମାରୋହ ସମ୍ପ୍ରତି ଅନୁଷ୍ଠିତ ହୋଇଥିଲା।

ଏହି ଅଭିନବ ଯୋଜନା କଏଦୀମାନଙ୍କୁ 'ଜେଲ୍ ପଞ୍ଚାୟତ'ର ଅଂଶ ଭାବରେ ଭୋଟ ଦେବା ଏବଂ ଏକ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସାମିଲ ହେବା ପାଇଁ ସକ୍ଷମ କରିଥାଏ, ଏହା କଏଦୀମାନଙ୍କୁ ସମ୍ବଳ ପରିଚାଳନା ଏବଂ ସମ୍ପ୍ରଦାୟ ନିର୍ମାଣ ସମେତ ସେମାନଙ୍କ ପରିବେଶ ସହିତ ଜଡିତ ଶାସନ କ୍ଷେତ୍ରରେ ସାମିଲ କରି ସଶକ୍ତ କରିବା ପାଇଁ ଡିଜାଇନ୍ କରାଯାଇଥିବା ଏକ କାର୍ଯ୍ୟକ୍ରମ। ନିର୍ବାଚିତ ପ୍ରତିନିଧିମାନେ ଏବେ ମଧ୍ୟସ୍ଥି ଭାବରେ କାର୍ଯ୍ୟ କରିବେ, ଜେଲର ଏବଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ସହିତ ଅଭିଯୋଗ ଏବଂ ସମସ୍ୟାର ସମାଧାନ କରିବେ। ଏହି ବିକାଶ ଜେଲ ବ୍ୟବସ୍ଥା ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ପ୍ରତିଷ୍ଠା କରେ ଏବଂ କଏଦୀମାନଙ୍କ ଅଧିକାରର ସୁରକ୍ଷାକୁ ଉନ୍ନତ କରିବା ଲକ୍ଷ୍ୟ ରଖେ। ଜେଲ ପଞ୍ଚାୟତ ପ୍ରତିଷ୍ଠା କେବଳ ଜେଲ କାନ୍ଥ ମଧ୍ୟରେ ଗଣତନ୍ତ୍ରକୁ ସୁଦୃଢ଼ କରେ ନାହିଁ ବରଂ କଏଦୀମାନଙ୍କୁ ଗଠନମୂଳକ ଭୂମିକା ଗ୍ରହଣ କରିବାରେ, ସେମାନଙ୍କ କଲ୍ୟାଣ ଏବଂ ମାନବାଧିକାର ପାଇଁ ସମର୍ଥନ କରିବାରେ ମଧ୍ୟ ସମର୍ଥନ କରେ।

# ମାସ ଶେଷ ସୁଦ୍ଧା ଦଳର ସାଂଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ



**ଭୁବନେଶ୍ୱର, ୭।୪ (ମହାଭାରତ):** ଚଳିତ ମାସ ଶେଷ ସୁଦ୍ଧା ବିଜୁ ଜନତା ଦଳର ସାଙ୍ଗଠନିକ ନିର୍ବାଚନ ସଂପୂର୍ଣ୍ଣ ହେବ ବୋଲି ଆଜି ଶଙ୍ଖ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ବିଜୁ ଜନତା ଦଳର ରାଜ୍ୟ ନିର୍ବାଚନ ଅଧିକାରୀ ତଥା ବିରୋଧୀ ଦଳର ଉପମୁଖ୍ୟ ସଚେତକ ଶ୍ରୀ ପ୍ରତାପ କେଶରୀ ଦେବ ।

ଶ୍ରୀ ଦେବ କହିଥିଲେ ଯେ, ୬ଟି ପର୍ଯ୍ୟାୟରେ ହେବାକୁ ଥିବା ଦଳର ସାଂଗଠିକ ନିର୍ବାଚନ ମଧ୍ୟରୁ ୩ୟ ପର୍ଯ୍ୟାୟ ନିର୍ବାଚନ ଶେଷ ହୋଇଛି । ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରକ୍ରିୟା ନିମନ୍ତେ ଆଜି ୩୩ଟି ସାଂଗଠନିକ ଜିଲ୍ଲାର ନିର୍ବାଚନ ଅଧିକାରୀମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଖୁବଶୀଘ୍ର ଜିଲ୍ଲା ସଭାପତି ଚୟନ କାର୍ଯ୍ୟ ସମାପ୍ତ ହେବ । ଏହା ପରେ ୫ମ ପର୍ଯ୍ୟାୟରେ ରାଜ୍ୟ ପରିଷଦ ଓ ରାଜ୍ୟ କାର୍ଯ୍ୟକାରୀ କମିଟି ଗଠନ କରାଯାଇ ଦଳର ସଭାପତି ନିର୍ବାଚନ କାର୍ଯ୍ୟ ସଂପୂର୍ଣ୍ଣ ହେବ । ଏହି ନିର୍ବାଚନ ପ୍ରକ୍ରିୟାରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତର ଯାଏଁ ଦଳର ଯୁବ, ଛାତ୍ର, ମହିଳା ଓ ସାଧାରଣ ଛାମୁଆଁ ସଂଗଠନର ସଦସ୍ୟମାନେ ସକ୍ରିୟ ଭାବେ ଭାଗ ନେଉଛନ୍ତି । ରାଜ୍ୟର ସମସ୍ତ ପଂଚାୟତ, ବ୍ଲକ ଓ ସହରାଂଚଳର ୱାର୍ଡ ଏବଂ ସହରାଂଚଳ ସଭାପତି ଓ ସମସ୍ତ କମିଟି ଗଠନ କାର୍ଯ୍ୟ ସଂପୂର୍ଣ୍ଣ ହୋଇଯାଇଛି । ଦଳର ଅଦ୍ୱିତୀୟ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଦଳ ରାଜ୍ୟବାସୀଙ୍କ ପାଇଁ ସର୍ବଦା କାର୍ଯ୍ୟ କରୁଥିଲା, କରୁଛି ଏବଂ ଆଗାମୀ ଦିନରେ ମଧ୍ୟ ଏହି କାର୍ଯ୍ୟ ଦୃଢତାର ସହ ଜାରି ରହିବ । ସାମ୍ବାଦିକ ସମ୍ମିଳନୀରେ ଦଳର ସମନ୍ୱୟ କମିଟି ଅଧକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ଗଣମାଧ୍ୟମ ମୁଖ୍ୟ ସଂଯୋଜକ ଶ୍ରୀ ପ୍ରତାପ ଜେନା, କାର୍ଯ୍ୟକ୍ରମ ରୂପାୟନ କମିଟି ଅଧକ୍ଷ ଶ୍ରୀ ସଂଜୟ କୁମାର ଦାସବର୍ମା, ବରିଷ୍ଠ ନେତା ଶ୍ରୀ ପ୍ରଣବ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

# ୨୦୨୪-୨୫ ଆର୍ଥିକ ବର୍ଷରେ ଭିତିଭୂମି ବିକାଶ କ୍ଷେତ୍ରରେ ପୂର୍ବତଟ ରେଳପଥର ରେକର୍ଡ

**ଭୁବନେଶ୍ୱର, ୭।୪ (ମହାଭାରତ):** ପୂର୍ବତଟ ରେଳପଥ ୨୦୨୪-୨୫ ଆର୍ଥିକ ବର୍ଷରେ ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି । ରେଳ ଭିତିଭୂମି ବିକାଶ କ୍ଷେତ୍ରରେ ନୂତନ ରେକର୍ଡ ସ୍ଥାପନ କରିଛି। ଏହି ସମୟ ମଧ୍ୟରେ ପୂର୍ବତଟ ରେଳପଥ ସଫଳତାର ସହିତ ମୋଟ ୨୮୧.୫ କିଲୋମିଟର ନୂତନ ରେଳ ଲାଇନ ଏବଂ ମଲ୍ଟି-ଟ୍ରାକିଂ ସଂଯୋଗ କରିଛି ଯାହା ପୂର୍ବ ଆର୍ଥିକ ବର୍ଷର ୧୮୭.୨ କିଲୋମିଟର ତୁଳନାରେ ୫୦% ବୃଦ୍ଧି ଘଟାଇଛି ।

ଏହି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ନିରନ୍ତର ପ୍ରୟାସ ଏବଂ ସମର୍ପଣର ଫଳାଫଳ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ଶ୍ରୀ ପରମେଶ୍ୱର ଫୁଙ୍କୱାଲ ଏହି ସଫଳତାରେ ସାମିଲ ଥିବା ସମଗ୍ର ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ରାଜ୍ୟ ସରକାରୀ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହିତ ନିୟମିତ ସମନ୍ୱୟ ରଖି ପ୍ରକଳ୍ପ ସମୟସୀମାକୁ ତ୍ୱରାନ୍ୱିତ କରିବା ଏବଂ ଭିତିଭୂମି ବିକାଶର ଗୁଣବତା ବୃଦ୍ଧି କରିବାରେ ପୂର୍ବତଟ ରେଳପଥର ନିର୍ମାଣ ଦଳ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ କରିଛନ୍ତି । ଏହି ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ପୂର୍ବତଟ ରେଳପଥ ଅଂଚଳର ରେଳ ନେଟୱାର୍କକୁ ବୃଦ୍ଧି କରିବା, ସୁଗମ ଗମନାଗମନ କାର୍ଯ୍ୟ ସୁନିଶ୍ଚିତ କରିବା ଏବଂ ପଣ୍ୟ ପରିବହନ ଏବଂ ଯାତ୍ରୀ ସେବା ଉଭୟ ପାଇଁ ପରିବହନ ଦକ୍ଷତା ଉନ୍ନତ କରିବା ପ୍ରତି ପ୍ରତିବଦ୍ଧତାକୁ ସ୍ପଷ୍ଟ କରିଛି ।୨୦୨୪-୨୫ ଆର୍ଥିକ ବର୍ଷରେ ୨୮୧.୫ କିଲୋମିଟର ନୂତନ ରେଳ ଲାଇନ ଏବଂ ମଲ୍ଟି-ଟ୍ରାକିଂ ଯୋଡାଯାଇଛି ।



ପୂର୍ବ ଆର୍ଥିକ ବର୍ଷ (୨୦୨୩-୨୪) ରେ ହାସଲ ହୋଇଥିବା ୧୮୭.୨ କିଲୋମିଟର ତୁଳନାରେ ୫୦% ବୃଦ୍ଧି।

ସମାପ୍ତ ହୋଇଥିବା ନୂତନ ରେଳ ଲାଇନ ଏବଂ ମଲ୍ଟି ଟ୍ରାକିଂ ପ୍ରକଳ୍ପଗୁଡ଼ିକ ହେଉଛି ...

କୋରାପୁଟ-ସିଙ୍ଗାପୁର ରୋଡ୍ (ରାୟଗଡା) ଦୋହରୀକରଣ ପ୍ରକଳ୍ପର ଲକ୍ଷ୍ମୀପୁର ରୋଡ୍-ସିଙ୍ଗରମ-ଟିକିରି ମଧ୍ୟରେ ୨୨.୯୪ କିମି ଦୈର୍ଘ୍ୟ ରେଳ ଲାଇନ; କିରାଣ୍ଡୁଲ-ଜଗଦଳପୁର ଦୋହରୀକରଣ ପ୍ରକଳ୍ପର ଦନ୍ତେୱାଡା-କମଲୁର ଏବଂ ବଚ୍ଛେଲି-କିରାଣ୍ଡୁଲ ରେଳ ସେକ୍ସନ ମଧ୍ୟରେ ମୋଟ ୨୩.୬୪ କିମି ଦୈର୍ଘ୍ୟ ରେଳ ଲାଇନ; ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ରେଳ ଲାଇନ ପ୍ରକଳ୍ପର ଢେଙ୍କାନାଳ-ସଦାଶିବପୁର-ହିନ୍ଦୋଳ ରୋଡ଼ ମଧ୍ୟରେ ୪୦.୬୨ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ; ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ମଧ୍ୟରେ ସୋନପୁର-ପୁରୁନାକାଟ ୭୩.୧୬ କିମି ଦୈର୍ଘ୍ୟ ରେଳ ଲାଇନ; କୋଟାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପ ମଧ୍ୟରେ ଦର୍ଲିପୁଟ-ଗୋରାପୁର ମଧ୍ୟରେ ୧୨.୬୫ କିମି ଦୈର୍ଘ୍ୟ ରେଳ ଲାଇନ; ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ରେଳ ଲାଇନ ପ୍ରକଳ୍ପ ମଧ୍ୟରେ ରାଣୀତାଲ (ଭଦ୍ରକ) ଜଙ୍କସନ କ୍ୟାବିନ୍-ଭଦ୍ରକ ମଧ୍ୟରେ ୫ କିଲୋମିଟର ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି ।

ଏହା ବ୍ୟତୀତ, ତାଳଚେର-ବିମଳାଗଡ଼ ନୂତନ ରେଳ ଲାଇନର ସମଲ-ପରବିଲ (୬.୫୩ କିଲୋମିଟର); କୋଟାଭାଲାସା-କୋରାପୁଟ ଦୋହରୀକରଣ ପ୍ରକଳ୍ପର ଡ଼ର୍ଲିପୁଟ-ପଡୁଆ (୯.୭୭ କିଲୋମିଟର), କରାକାଭାଲାସା-ସିମିଲିଗୁଡା (୯ କିମି) ଏବଂ ସୁକୁ-କୋରାପୁଟ (୧୧.୨୮ କିମି); ବୁଢାପଙ୍କ-ଶାଳଗାଁ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ହିନ୍ଦୋଳ ରୋଡ଼-ମେରାମଣ୍ଡଳୀ ମଧ୍ୟରେ (୨୭.୨୮ କିମି), କୋରାପୁଟ-ସିଙ୍ଗାପୁର ରୋଡ଼ ଦୋହରୀକରଣ ପ୍ରକଳ୍ପର ବାଇଗୁଡ଼ା-କାକିରିଗୁମା ମଧ୍ୟରେ (୧୨.୩୯ କିମି); ଜରପଡା-ବୁଢାପଙ୍କ ତୃତୀୟ ଏବଂ ଚତୁର୍ଥ ଲାଇନ ପ୍ରକଳ୍ପର ତାଳଚେର-ତାଳଚେର ରୋଡ଼ (୬.୫୦ କିମି); କୋରାପୁଟ-ଜଗଦଳପୁର ଦୋହରୀକରଣ ପ୍ରକଳ୍ପର ମାନବର-ଜରାତି (୯.୩୪ କିମି) ଏବଂ ଭଦ୍ରକ-ନିର୍ଗୁଣ୍ଡି ତୃତୀୟ ଲାଇନ ପ୍ରକଳ୍ପର ବୈତରଣୀ ରୋଡ଼-ଯାଜପୁର କେନ୍ଦୁଝର ରୋଡ଼ (୧୧.୬୦ କିମି) ରେଳ ମାର୍ଗ ନିର୍ମାଣ କାର୍ଯ୍ୟ ମଧ୍ୟ ସମାପ୍ତ ହୋଇଛି ।

# ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟ ଉଦଘାଟିତ

**ଭୁବନେଶ୍ୱର,୭।୪ (ମହାଭାରତ):** ଓଡିଶା ରାଜ୍ୟ ବିଧି ଆୟୋଗ କାର୍ଯ୍ୟାଳୟ ଆଜି ପୂର୍ତ୍ତ, ଅବକାରୀ ଓ ଆଇନ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି । ଭୁବନେଶ୍ୱର ସ୍ଥିତ ତୋଷାଳୀ ଭବନ ପରିସରରେ ସ୍ଥାପିତ ଆୟୋଗଙ୍କ କାର୍ଯ୍ୟାଳୟ ରାଜ୍ୟରେ ପ୍ରଚଳିତ ଆଇନର ତର୍ଜମା, ପରିବର୍ତନ ଓ ସଂଶୋଧନ କରିବା ଦିଗରେ ସରକାରଙ୍କୁ ପରାମର୍ଶ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ । ଏଥିସହ ୧୯୬୯ ମସିହାରେ ଗଠିତ ରାଜ୍ୟ ଆଇନ ସଂଶୋଧନ କମିଟିକୁ ଅଧିକ କାର୍ଯ୍ୟକ୍ଷମ କରିବା ସହ ରାଜ୍ୟର ପ୍ରଚଳିତ ଆଇନ ଏବଂ ସମକାଳିନ ତାଲିକାରେ ଆସୁଥିବା ଆଇନ ଗୁଡିକର ପରିବର୍ତ୍ତନ ଏବଂ ସଂଶୋଧନର ଆବଶ୍ୟକତା କୁ ଦୃଷ୍ଟି ରେ ରଖି ରାଜ୍ୟ ସରକାର 'ଓଡିଶା ରାଜ୍ୟ ବିଧି ଆୟୋଗ ' ଗଠନ କରିଛନ୍ତି । ଏହା ଓଡିଶା ସରକାର ଙ୍କ ଦ୍ୱାରା ଏକ ଯୁଗାନ୍ତକାରୀ ଓ ସ୍ୱାଗତ ଯୋଗ୍ୟ ପଦକ୍ଷେପ ଅଟେ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।



ଏହି ଅବସରରେ, ଆୟୋଗର ଅଧକ୍ଷ, ଶ୍ରୀ ନ୍ୟାୟମୂର୍ତି ବିଶ୍ୱନାଥ ରଥ, ଆୟୋଗରପଦପ୍ରଯୁକ୍ତ ସଦସ୍ୟ ତଥା ମହାଧିବକ୍ତା ଶ୍ରୀ ପିତାମ୍ବର ଆଚାର୍ଯ୍ୟ ଓ ଆଇନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମାନସ ରଞ୍ଜନ ବାରିକଙ୍କ ସହିତ ଆୟୋଗର ସଦସ୍ୟ ତଥା ପ୍ରଫେସର ଲଳିତ କୁମାର ଦେବ, ଶ୍ରୀ ସୂର୍ଯ୍ୟ ପ୍ରସାଦ ମିଶ୍ର ଓ ଶ୍ରୀ ସୌର ଚନ୍ଦ୍ର ମହାପାତ୍ର, ଆୟୋଗର ସଦସ୍ୟ ସଚିବ ଶ୍ରୀ ଗଙ୍ଗାଧର ସେଠି ଏବଂ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ବାର ଆସୋସିଏସନର ସଭାପତି ଶ୍ରୀ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

ଏତଦବ୍ୟତୀତ ବିଧି ଚେତକ ତଥା ସ୍ୱତନ୍ତ୍ର ଶାସନ ସଚିବ, ଶ୍ରୀ ପ୍ରଣବ କୁମାର ପାତ୍ର, ସ୍ୱତନ୍ତ୍ର ଶାସନ ସଚିବ ଶ୍ରୀ ଭଗବାନ ପ୍ରସାଦ ସାହୁ, ଦ୍ୱିତୀୟ ଅତିରିକ୍ତବିଧି ଚେତକ ତଥା ଅତିରିକ୍ତ ଶାସନ ସଚିବ ଶ୍ରୀ ବିଭୁ ପ୍ରସାଦ ପଣ୍ଡା ଏବଂ ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ସାମାଜିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ

**ଭୁବନେଶ୍ୱର, ୭।୪ (ମହାଭାରତ):** ରାଜ୍ୟର ବାଦ ପଡ଼ିଥିବା ପରିବାରମାନଙ୍କୁ ବିକାଶର ସ୍ରୋତରେ ସାମିଲ କରିବା ପାଇଁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାର୍ଚ୍ଚ ୮ ତାରିଖରୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ସାମାଜିକ ଅନ୍ତର୍ଭୁକ୍ତିକରଣର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଥିଲା। ବାଦ ପଡିଥିବା ଗରିବ ଏବଂ ପଛୁଆ ଯୋଗ୍ୟ ପରିବାରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି ) ଅଧିନକୁ ଆଣିବା ଏହି ଅଭିଯାନର ଲକ୍ଷ୍ୟ ଥିଲା। ଏହି ଅଭିଯାନ ମାଧ୍ୟମରେ ଗ୍ରାମୀଣ ପରିବାରଗୁଡିକୁ ଠାବ କରି ଯେଉଁ ଯୋଗ୍ୟ ମହିଳା ସଦସ୍ୟାମାନେ ବର୍ତ୍ତମାନ ସୁଦ୍ଧା କୌଣସି ଏସଏଚଜିର ଅଂଶ ନଥିଲେ ସେମାନଙ୍କୁ ଚିହ୍ନଟ କରି ସ୍ୱୟଂ ସହାୟକ ଗୋଷ୍ଠୀର ଅନ୍ତର୍ଭୁକ୍ତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏହାସହ ନିଷ୍କ୍ରିୟ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁନଃ ସକ୍ରିୟ କରି ତୃଣମୂଳସ୍ତରୀୟ ଅନୁଷ୍ଠାନଗୁଡିକ ସହିତ ସମ୍ପୂର୍ଣ ସଂଯୋଗ ସୁନିଶ୍ଚିତ କରିବା ମଧ୍ୟ ଏହି ଅଭିଯାନର ଅନ୍ୟତମ ଲକ୍ଷ୍ୟ। କିନ୍ତୁ ବିଭିନ୍ନ କାରଣ ବଶତଃ ପ୍ରାୟ ସାଢେ ଛଅ ଲକ୍ଷ ପରିବାର ଆଜି ପର୍ଯ୍ୟନ୍ତ ମଧ୍ୟ ଏହି ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇପାରି ନ ଥିଲେ ଯେଉଁଥିପାଇଁ ସେମାନଙ୍କର ଆର୍ଥିକ ଓ ସାମାଜିକ ବିକାଶକୁ ନିଶ୍ଚିତ କରାଯାଇପାରୁ ନ ଥିଲା । ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟ ଅଭିଯାନରେ ୪ ଲକ୍ଷ ୧୨ ହଜାର ୫୪୮ଟି ଯୋଗ୍ୟ ପରିବାରଙ୍କୁ ଏସଏଚଜିରେ ସାମିଲ କରାଯାଇଛି । ଏଥିରେ ଦିବ୍ୟାଙ୍ଗ ଏବଂ ବୟସ୍କ (୫୫ ବର୍ଷ ଓ ତଦୁର୍ଦ୍ଧ ବୟସ୍କ ବ୍ୟକ୍ତିଙ୍କୁ )ବ୍ୟକ୍ତିଙ୍କୁ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏଥିରେ ୧୦୮ଟି ଦିବ୍ୟାଙ୍ଗ ଏସଏଚଜି ଗଠିତ ହୋଇଛି, ଯେଉଁଥିରେ ୧୬୬୭ ଜଣ ଦିବ୍ୟାଙ୍ଗଙ୍କୁ ସାମିଲ କରାଯାଇଥିବା ବେଳେ ୩୯୩ଟି ବୟସ୍କ ଏସଏଚଜି ଗଠିତ ହୋଇଛି ଯେଉଁଥିରେ ୪୯୯୫ ଜଣ ବୟସ୍କ ବ୍ୟକ୍ତିଙ୍କୁ ସାମିଲ କରାଯାଇଛି । ବାକି ରହିଯାଇଥିବା ସମସ୍ତ ଯୋଗ୍ୟ ପରିବାରଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ କରିବା ପାଇଁ ଓଡିଶା ଜୀବିକା ମିଶନ ଅନ୍ତର୍ଭୁକ୍ତ ସାମାଜିକ ଅନ୍ତର୍ଭୁକ୍ତିକରଣ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ବର୍ତମାନ ଆରମ୍ଭ ହେବାକୁ ଯାଉଛି। ଏହା ଅପ୍ରେଲ ୮ ରୁ ଆରମ୍ଭ ହୋଇ ଅପ୍ରେଲ ୨୨ ପର୍ଯ୍ୟନ୍ତ ଚାଲିବ। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନରେ ସରକାର ଏହି ଧାରାରେ ବଞ୍ଚିତ ରହିଥିବା ସମସ୍ତ ଯୋଗ୍ୟ ମହିଳାମାନଙ୍କୁ ଶତ ପ୍ରତିଶତ ସାମିଲ କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ମହିଳା ଉଦ୍ୟୋଗୀମାନଙ୍କୁ ସମ୍ପୂର୍ଣ ପ୍ରତିଷ୍ଠାନିକ ସହାୟତା ନିଶ୍ଚିତ କରିବ ଓ ସେମାନଙ୍କର ଆର୍ଥିକ ଓ ସାମାଜିକ ବିକାଶକୁ ତ୍ୱରାନ୍ୱିତ କରିବ। ଗ୍ରାମୀଣ ପରିବାର ମାନଙ୍କର ଜୀବିକା ବିକାଶ ସହିତ ଦାରିଦ୍ର୍ୟ ଦୂରୀକରଣ ନିମନ୍ତେ ଭାରତ ସରକାର ୨୦୧୨-୧୩ ଆର୍ଥିକ ବର୍ଷରୁ ଦିନଦୟାଲ ଅନ୍ତ୍ୟୋଦୟ ଯୋଜନା - ଜାତୀୟ ଗ୍ରାମୀଣ ଜୀବିକା ମିଶନ କାର୍ଯ୍ୟକାରୀ କରୁଛନ୍ତି ।

# ବିଜେଡି ଟପ୍ ଟୁ ବଟମ ଭାଙ୍ଗି ଗଲାଣି - ସୋଫିଆ ଫିର୍ଦ୍ଦୋସ

**ଭୁବନେଶ୍ୱର,୭।୪ (ମହାଭାରତ):** ୱକଫ୍ ବିଲ୍ ଭୋଟିଂରୁ ବିରତ ରହିଥିବା ବିଜେଡି ସାଂସଦ ଦେବାଶିଷ ସାମନ୍ତରାୟଙ୍କୁ ଟାର୍ଗେଟ କରିଛନ୍ତି କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ। ସେ କହିଛନ୍ତି ଯେ ବିଜେଡି ଆଉ ନାହିଁ, ଟପ ଟୁ ବଟମ ଭାଙ୍ଗି ଗଲାଣି ।ବିଜେଡି ବିରୋଧୀ ଦଳର କର୍ତବ୍ୟ ପାଳନ କରୁନି। ଜଣେ ସାଂସଦ କହିଛନ୍ତି ଲୋକଙ୍କ ସ୍ୱାର୍ଥ ପାଇଁ ବିଲ ସପକ୍ଷରେ ଭୋଟ ଦେଲେନି। ଯଦି ବାରବାଟୀ-କଟକ ପାଇଁ ଦରଦ ଥାନ୍ତା, ବିଲ୍ ବିରୋଧରେ ଭୋଟ ଦେଇଥାନ୍ତେ। ଗୃହ ଭିତରେ ବିଲ ବିରୋଧରେ ଲଢେଇ କରିଥାନ୍ତେ। ଏବେ ବିଜେଡିର ଯେଉଁ ନେତା ମୁହଁ ଖୋଲୁଛନ୍ତି, ପୂର୍ବରୁ ପାଣ୍ଡିଆନଙ୍କ ପାଇଁ ଟେଂଟ ବାନ୍ଧୁଥିଲେ। କିନ୍ତୁ କଂଗ୍ରେସ ଲଢ଼େଇ କରୁଛି, ଆଗକୁ ଆମ ଦଳ ରାଇଜ୍ କରିବ। ସୋଫିଆଙ୍କ ଏହି ଅଭିଯୋଗ ଉପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, ସୋଫିଆଙ୍କ କଥାରେ ଟିପ୍ପଣୀ ଦେଇ ମୁଁ ମୋର ସ୍ତର କମାଇବାକୁ ଚାହୁଁନାହିଁ । ସୋଫିଆ ନୂଆ ନୂଆ ରାଜନୀତିକୁ ଆସିଛନ୍ତି । ସେ ଓ ତାଙ୍କ ବାପା କଟକ ପାଇଁ କିଛି କରିନାହାନ୍ତି । ମୁଁ ଭୋଟଦାନରୁ ବିରତ ରହିବା ଅର୍ଥ ମୁଁ ଆମ ଦଳ ବିରୋଧରେ ଯାଇଛି । କାରଣ ବିବେକାନୁମୋଦିତ ଭୋଟ କଥାକୁ ମୁଁ ସମର୍ଥନ କରିନାହିଁ ।

# ବିଦ୍ୟାଳୟର କୁନିକୁନି ଶିଶୁମାନଙ୍କୁ ବର୍ଣ୍ଣବୋଧ ବାଂଟିଲେ ମନ୍ତ୍ରୀ ଓ ସାଂସଦ

**ଭୁବନେଶ୍ୱର, ୭।୪ (ମହାଭାରତ):** ଓଡ଼ିଆ ପକ୍ଷ ପାଳନର ସପ୍ତମ ଦିବସ ଅବସରରେ ସାରା ରାଜ୍ୟରେ ଆଜି ପାଳିତ ହୋଇଯାଇଛି ବର୍ଣ୍ଣବୋଧ ପୁସ୍ତକ ବଂଟନ ଉତ୍ସବ। ବିଦ୍ୟାରମ୍ଭର ଆଦ୍ୟ ପୁସ୍ତକ ଭକ୍ତକବି ମଧୁସୂଦନ ରାଓଙ୍କ ଦ୍ୱାରା ରଚିତ ବର୍ଣ୍ଣବୋଧକୁ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କୁ ପ୍ରଦାନ କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏହି ଅଭିନବ ପ୍ରୟାସ କରାଯାଇଛି। ବର୍ଣ୍ଣବୋଧ ବଂଟନ ଉତ୍ସବ ଅବସରରେ ଜିଲ୍ଲାମାନଙ୍କରେ ରହିଥିବା ଜିଲ୍ଲା ସଂସ୍କୃତି ବିଭାଗ ପକ୍ଷରୁ ବିଭିନ୍ନ ବିଦ୍ୟାଳୟ ଓ ବିଦ୍ୟାଳୟରେ ଥିବା ପାଠାଗାରକୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଇଛି। ଏଥିସହିତ ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁମାନଙ୍କ ମଧ୍ୟରେ ବର୍ଣ୍ଣବୋଧ ପୁସ୍ତକ ବଂଟନ କରାଯାଇଛି । ବିଶେଷ ଭାବରେ ଉପାନ୍ତ ଅଞ୍ଚଳ ରହିଥିବା ବିଦ୍ୟାଳୟମାନଙ୍କରେ ମଧ୍ୟ ଆଜି ବର୍ଣ୍ଣବୋଧ ବଂଟନ ଉତ୍ସବ ପାଳିତ ହୋଇଛି। ଏହି ଉତ୍ସବରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଓଡ଼ିଆ ପକ୍ଷ ପାଳନର ଏହି ମହାପର୍ବରେ ସାମିଲ ହୋଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ନିମାପଡ଼ା ସ୍ଥିତ ସାଇଁସ ଶାସନ ପଂଚାୟତର ଏସ୍ .ଏସ୍ .ପି ଉଚ୍ଚ ବିଦ୍ୟାଳୟରେ ଶିଶୁମାନଙ୍କୁ ବର୍ଣ୍ଣବୋଧ ପୁସ୍ତକ ବାଂଟିଥିଲେ। ସେହିପରି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ନବରଙ୍ଗପୁର ଜିଲ୍ଲା ସ୍ଥିତ ଉମରକୋଟ ଭାଲୁଗୁଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିବା ବର୍ଣ୍ଣବୋଧ ଉତ୍ସବରେ ଯୋଗଦେଇଥିଲେ। ଓଡ଼ିଆ ଅକ୍ଷର ଚିହ୍ନିବା, ଲେଖିବା ଓ ଭାଷା ଜ୍ଞାନକୁ ବୃଦ୍ଧି କରିବାରେ ବର୍ଣ୍ଣବୋଧର ଭୂମିକା ଗୁରୁତ୍ୱପୂର୍ଣ୍ଣ। ପିଲାମାନଙ୍କର ପାଠପଢ଼ାରେ ମଧ୍ୟ ବର୍ଣ୍ଣବୋଧର ଖୁବ୍ ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମତପ୍ରକାଶ କରିଥିଲେ। ବାଲେଶ୍ୱର ସାଂସଦ ଶ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ମଧ୍ୟ ଆଜି ନୀଳଗିରି ଠାରେ ବର୍ଣ୍ଣବୋଧ ପୁସ୍ତକ ବଂଟନ ଉତ୍ସବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବର୍ଣ୍ଣବୋଧ ବହି ବାଂଟିଥିଲେ। ଓଡ଼ିଆ ପକ୍ଷ ପାଳନର ଆଜି ସପ୍ତମ ଦିବସରେ ସମସ୍ତେ ବେଶ୍ ଉତ୍ସାହର ସହ ବର୍ଣ୍ଣବୋଧ ବଂଟନ ଉତ୍ସବରେ ସାମିଲ ହେବା ସହିତ ଓଡ଼ିଆ ଭାଷା ପ୍ରତିଷ୍ଠାନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଏହି ଅଭିନବ ପ୍ରୟାସର ବେଶ୍ ପ୍ରଶଂସା ମଧ୍ୟ କରିଥିଲେ।





## ପ୍ରକୃତିର ତାଣ୍ଡବ

ମିଆଁମାର ଓ ଥାଇଲାଣ୍ଡରେ ଏତେ ବଡ଼ ଭୂକମ୍ପ ହେଲା ଯେ, ତାହାର ପ୍ରଭାବ ଭାରତ, ବାଂଲାଦେଶ, ଚୀନ ଏବଂ ଭିଲତନାମରେ ମଧ୍ୟ ଅନୁଭୂତ ହୋଇଛି । ଭୂମିକମ୍ପ ଏତେ ଭୟଙ୍କର ଥିଲା ଯେ, ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ଏବଂ ମିଆଁମାରର ବଡ଼ ବଡ଼ କୋଠାମାନ ତାସଘର ପରି ଭୁଶୁଡ଼ି ପଡ଼ିଛି । ସୋସିଆଲ ମିଡିଆରେ ଏହି ଦୃଶ୍ୟ ଭାଇରାଲ ହୋଇଛି । ବହୁତଳ ବିଶିଷ୍ଟ କୋଠାର ଭଗ୍ନାବଶେଷ ତଳେ ଅନେକ ଏବେ ବି ଫସି ରହିଥିବା ସନ୍ଦେହ କରାଯାଉଛି । ତେଣୁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇପାରେ । ଭୂମିକମ୍ପର କେନ୍ଦ୍ର ଥିଲା ମିଆଁମାର । ତେଣୁ ଏଠାରେ ଭୂକମ୍ପର ପ୍ରଭାବ ଅଧିକ ରହିବା ସ୍ୱାଭାବିକ । ତେବେ ମିଆଁମାର ଏକ ଅନୁନ୍ନତ ରାଷ୍ଟ୍ର । ତେଣୁ ଏଠାରେ ସେଭଳି ବଡ଼ ବଡ଼ କୋଠା ନାହିଁ ଯାହା ବ୍ୟାଙ୍କକରେ ରହିଛି । ତେଣୁ ମିଆଁଭାରରେ ଯେଭଳି କ୍ଷୟକ୍ଷତି ହେବା କଥା ଏବଂ ଯେତେ ଲୋକ ପ୍ରାଣ ହରାଇବା କଥା ତାହା ଅପେକ୍ଷାକୃତ କମ ରହିଛି । ଯଦି ସିଙ୍ଗାପୁର କିମ୍ବା ହଂକଂ ଭଳି ସ୍ଥାନରେ ଏଭଳି ଭୂମିକମ୍ପ ହୋଇଥାଆନ୍ତା ତେବେ କେତେ ମରିଥାନ୍ତେ ତାହା ଆକଳନ କରାଯାଇପାରିବ ନାହିଁ । କିନ୍ତୁ ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ ହେଉଛଇ ବିଶ୍ୱର ଏକ ବଡ଼ ପର୍ଯ୍ୟଟନ କ୍ଷେତ୍ର ଏବଂ ଏହା ଏକ ଜନବହୁଳ ସହର । ଏଠାରେ ଭୂକମ୍ପ ଜନିତ ମୃତ୍ୟୁ ସଂଖ୍ୟା ଅଧିକ ହେବା ସ୍ୱାଭାବିକ । ଯଦି ଥାଇଲାଣ୍ଡରେ ଭୂକମ୍ପର କେନ୍ଦ୍ର ହୋଇଥାଆନ୍ତା ତେବେ ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇଥାଆନ୍ତା । ମିଆଁମାର ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ଏବଂ ଏହା ବଡ଼ ଭୂକମ୍ପ ଆଶଙ୍କା ଥିବା ଜୋନରେ ଯାଉଛି । ତେଣୁ ଏଠାରେ ନିୟମିତ ଛୋଟ ବଡ଼ ଭୂକମ୍ପ ହୋଇଥାଏ । ଏହାକୁ କେହି ରୋକିପାରିବେ ନାହିଁ । କିନ୍ତୁ ଭୂକମ୍ପରେ ଯେପରି ଅଧିକ କ୍ଷୟକ୍ଷତି ନହୁଏ ସେଥିପାଇଁ ପଦକ୍ଷେପ ନିଆଯାଇପାରେ । ଭାରତର ଗୁଜରାଟ, ଉତ୍ତରାଖଣ୍ଡ ହେଉଛି ସର୍ବାଧିକ ଭୂକମ୍ପ ପ୍ରବଣ ଅଞ୍ଚଳ । ଅତୀତରେ ଏଠାରେ ଅନେକ ବଡ଼ ବଡ଼ ଭୂକମ୍ପ ହେବାର ନଜିର ରହିଛି । ଭୂମିକମ୍ପରେ ଅଧିକ ଲୋକ ପ୍ରାଣ ହରାଇବା ଏବଂ ବ୍ୟାପକ କ୍ଷୟକ୍ଷତି ହେବାର ମୁଖ୍ୟ କାରଣ ହେଲା ବଡ଼ ବଡ଼ ବହୁତଳ ବିଶିଷ୍ଟ କୋଠା । ଗୁଜରାଟ ଭୂମିକମ୍ପରେ ଏଥିପାଇଁ ମୃତ୍ୟୁ ସଂଖ୍ୟା ବହୁ ଅଧିକ ହୋଇଥିଲା । ତେଣୁ ଅଧିକ ଭୂକମ୍ପ ପ୍ରବଣ ଅଞ୍ଚଳରେ ବହୁ ତଳ ବିଶିଷ୍ଟ କୋଠା ନିର୍ମାଣକୁ ବାରଣ କରାଯିବା ଉଚିତ । ଯାହା ବି କୋଠା ନିର୍ମାଣ ହେଉଛି ତାହା କିପରି ଭୂମିକମ୍ପ ସହନଶୀଳ ହୋଇପାରିବ ଏବଂ ବଡ଼ ଭୂମିକମ୍ପ ହେଲେ ମଧ୍ୟ ଏହା ଭୁଶୁଡ଼ି ପଡ଼ିବ ନାହିଁ ସେଥିଲାଗି ପଦକ୍ଷେପ ନିଆଯିବା ଉଚିତ । ଅତ୍ୟାଧୁନୀକ ଜ୍ଞାନ କୌଶଳ ପ୍ରୟୋଗ କରି କୋଠା ନିର୍ମାଣ କରାଯିବା ଉଚିତ । ଏଥିନେଇ ଜାପାନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରାଯିବା ଉଚିତ । ମିଆଁମାର ଓ ଥାଇଲାଣ୍ଡରେ ଭୂମିକମ୍ପ ଜନିତ କ୍ଷୟକ୍ଷତି ଅକଳ୍ପନୀୟ । ଏହା ପୂର୍ବରୁ ତୁର୍କୀର ମଧ୍ୟ ଏଭଳି ବଡ଼ ଧରଣର ଭୂମିକମ୍ପ ଏବଂ କ୍ଷୟକ୍ଷତି ହୋଇଥିଲା । କିନ୍ତୁ ମିଆଁମାର ଏବଂ ଥାଇଲାଣ୍ଡ ତୁଳନାରେ ତୁର୍କୀର ଆର୍ଥିକ ସ୍ଥିତି ବହୁତ ଭଲ । ସେମାନେ ଏହାକୁ ସମ୍ଭାଳିନେଲେ । କିନ୍ତୁ ମିଆଁମାର ଭଳି ଏକ ଗରିବ ଦେଶ ଏତେ ବଡ଼ କ୍ଷତିକୁ ସମ୍ଭାଳିବା ଏବଂ ପୁନର୍ଗଠନ କରିବା କଷ୍ଟକର । ଏଥିଲାଗି ସାରା ବିଶ୍ୱରୁ ସହାୟତା ମିଳିବା ଉଚିତ । ପଡ଼ୋଶୀ ଦେଶ ଭାବେ ଭାରତର ଦାୟିତ୍ୱ ଏବଂ କର୍ତ୍ତବ୍ୟ ମଧ୍ୟ ରହିଛି । ମିଆଁମାରକୁ ସହାୟତା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଶ୍ରୁତି ଦେଇଛନ୍ତି । ବିଶ୍ୱର ସବୁ ସ୍ୱଚ୍ଛଳ ରାଷ୍ଟ୍ର ମିଆଁମାରର ଭୂକମ୍ପ ପରବର୍ତ୍ତୀ ପୁନର୍ଗଠନ ପ୍ରକ୍ରିୟାରେ ସହଯୋଗ କରିବା ଉଚିତ ।

## ଓଡ଼ିଶାର ବରପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜ

*"୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।"*

**॥ ଡ. ବାୟାମନୁ ଚର୍ଚ୍ଚି ॥**

ପ୍ରକୃତିର ନୈସର୍ଗିକ ଶୋଭା ସଂପଦ ବିମଣ୍ଡିତ ଖଲ୍ଲିକୋଟ ରାଜପ୍ରାସାଦରେ ୧୯୦୦ ମସିହା ଜାନୁଆରୀ ୧୩ ତାରିଖ ଦିନ ଜନ୍ମ ନିଅନ୍ତି ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ପିତା ହରିହର ମର୍ଦ୍ଦରାଜ, ମାତା ମୟୂରଭଂଜ ଛୋଟରାୟ ବୃନ୍ଦାବନ ଭଂଜଙ୍କ ଦ୍ୱିତୀୟ କନ୍ୟା, ରାଜା ରାମଚନ୍ଦ୍ର ଭଂଜଙ୍କ ଭଗ୍ନୀ କନକମଞ୍ଜରୀ । ପ୍ରକାଶଯୋଗ୍ୟ ଯେ, ହରିହର ମର୍ଦ୍ଦରାଜ (ଜନ୍ମ: ୧୮୭୧ ଜୁଲାଇ ୧୦, ତିରୋଧାନ: ୧୯୦୯) ଥିଲେ ଜଣେ ପ୍ରଜାହିତୈଷୀ ରାଜା । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା, ପ୍ରଚାର ଓ ପ୍ରସାର, ୧୯୦୧ ଜୁନ୍ ୫ ତାରିଖରେ ମର୍ଦ୍ଦରାଜ ପ୍ରେସ୍ ସ୍ଥାପନ ଓ ୧୯୦୨ ଜୁନ୍ ୫ ତାରିଖରେ ସାପ୍ତାହିକ ପତ୍ରିକା ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନରେ ପ୍ରକାଶନ, ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ, ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ୍‌ହଲ୍ ନିର୍ମାଣ ତଥା ବିଭିନ୍ନ ଜନହିତକର କାର୍ଯ୍ୟ ପାଇଁ ତାଙ୍କର ଅବଦାନ ଅବିସ୍ମରଣୀୟ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିପନ୍ନ କାଳରେ କାଟିଙ୍ଗା ରାଜା ଭେଙ୍କେଟେଶ ଦେବଙ୍କ ନେତୃତ୍ୱରେ ୧୮୭୦ ମସିହାରେ ରସଲକୋଣ୍ଡା (ଭଂଜନଗର) ଠାରେ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଅନୁଷ୍ଠିତ ଓଡ଼ିଆ ସମ୍ମିଳନୀରେ ଓଡ଼ିଆ ଭାଷା ପ୍ରତି ମାରଣନୀତି ବିରୁଦ୍ଧରେ ତୀବ୍ର ସ୍ୱର ଉତ୍ତୋଳନ କରାଯାଇଥିଲା । ଏହା ଓଡ଼ିଶାର ସର୍ବପ୍ରଥମ ଭାଷା ସୁରକ୍ଷା ଆନ୍ଦୋଳନ । ଏହାର ପ୍ରେରଣାରେ ରାଜା ହରିହର ମର୍ଦ୍ଦରାଜ ୧୯୦୨ ମସିହାରେ ଗଂଜାମ ଜାତୀୟ ସମିତି ଜାତୀୟବାଦୀ ମଂଚ ଗଠନ କରିଥିଲେ ଏବଂ ରମ୍ଭା ରାଜପ୍ରାସାଦରେ ପୁତ୍ର ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱିତୀୟ ଜନ୍ମବାର୍ଷିକୀ ଉତ୍ସବ ପାଳନ ଅବସରରେ ଏକ ମହାସମ୍ମିଳନୀ ଆୟୋଜିତ ହୋଇଥିଲା । ଏହି ଜାତୀୟ ଯଜ୍ଞରେ ପୁରୋଧା ଥିଲେ ରାଜା ହରିହର ଏବଂ ଉଦ୍‌ଗାତା ଥିଲେ କୁଳବୃଦ୍ଧ ମଧୁସୂଦନ । ଏହି ସଭାରେ ସମଗ୍ର ଓଡ଼ିଶର ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦାନ କରିଥିଲେ । ଓଡ଼ିଆମାନଙ୍କ ଦୁଃଖ ଦୁର୍ଦ୍ଦଶା କିପରି ଦୂର ହେବ ଏବଂ ଓଡ଼ିଆ ଭାଷା କିପରି ବଂଚିରହିବ ସେ ସଂପର୍କରେ ଆଲୋଚନା ହୋଇଥିଲା । ଏହି ରମ୍ଭା ପ୍ରାସାଦର ଜାତୀୟ ସଭାରୁ ଗଂଜାମ ସମ୍ମିଳନୀ ଏବଂ ଗଂଜାମ ସମ୍ମିଳନୀରୁ ଜନ୍ମ ନେଲା ଉତ୍କଳ ସମ୍ମିଳନୀ ।

ଦୁଃଖର କଥା ମାତ୍ର ୯ ବର୍ଷ ବୟସରେ ରାମଚନ୍ଦ୍ର ପିତାଙ୍କୁ ହରାଇଲେ । ରାଜା ହରିହରଙ୍କ ଦେହାନ୍ତ ଥିଲା ଓଡ଼ିଆ ଜାତି ପାଇଁ ଏକ ଶକ୍ତ ଧକ୍କା । ୧୯୧୧ ମସିହା ମେ ମାସ ୧୦ ତାରିଖ ଦିନ ରାମଚନ୍ଦ୍ରଙ୍କ ବ୍ରତୋପନୟନ ଓ ଅଭିଷେକ ହୋଇଥିଲା । ୧୯୧୮ ମସିହାରେ ସେ ମାନ୍ଦ୍ରାଜ କଲେଜ୍ ସଭାପତି ଦାୟିତ୍ୱ ନେଇଥିଲେ । ମାନ୍ଦ୍ରାଜରୁ ପାଠପଢ଼ା ଶେଷ କରି ୧୯୨୧ ମସିହାରେ ଖଲ୍ଲିକୋଟ ପ୍ରତ୍ୟାବର୍ତ୍ତନ କଲେ ଏବଂ ରାଜ୍ୟଭାର ଗ୍ରହଣ କଲେ ।

୧୯୨୨ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ଗଂଜାମ ଜିଲ୍ଲା ବୋର୍ଡ଼ ସଭାପତି ଭାବେ ମନୋନୀତ ହେଲେ । ୧୯୨୩ରେ ମାନ୍ଦ୍ରାଜ ଲୋକସଭାର ସଦସ୍ୟ ହେଲେ ଏବଂ ଅବହେଳିତ ଉତ୍କଳୀୟଙ୍କ ଉନ୍ନତିମୂଳକ କାର୍ଯ୍ୟ ସଂପାଦନ ପାଇଁ ସଂକଳ୍ପ ନେଲେ , ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ମନପ୍ରାଣ ଢ଼ାଳିଲେ । ପ୍ରକାଶଯୋଗ୍ୟ ଯେ, ଏତିକିବେଳେ ଅଣଓଡ଼ିଆମାନେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଉଚ୍ଚ ପଦପଦବୀରେ ଅଧିଷ୍ଠିତ ହୋଇ ବିଭିନ୍ନ ଷଡ଼ଯନ୍ତ୍ର କରିବା ହେତୁ ଓଡ଼ିଆମାନେ ବହୁ ଦୁଃଖ ଓ ନିର୍ଯ୍ୟାତନା ଭୋଗ କରୁଥିଲେ । ବ୍ରିଟିଶ୍ ସରକାରଙ୍କ ପ୍ରଶାସନିକ କର୍ତ୍ତୃପକ୍ଷ ସେମାନଙ୍କ ଦ୍ୱାରା ପ୍ରଭାବିତ ହେଉଥିଲେ । ଓଡ଼ିଶାରୁ ବିଚ୍ଛିନ୍ନ ହୋଇଥିବା ଓଡ଼ିଆମାନେ ପ୍ରକୃତରେ ଓଡ଼ିଶାରେ ରହିବାକୁ ଚାହୁଁଛନ୍ତି କି ନାହିଁ, ସେ ସଂପର୍କରେ ତଦନ୍ତ ତଥା ଦେଶ ମିଶ୍ରଣର ଶେଷ ନିଷ୍ପତ୍ତି ପାଇଁ ଗଭର୍ଣ୍ଣର ଜେନେରାଲ୍ ସି.ଏଲ୍. ଫିଲିପ୍ ଓ ମାନ୍ଦ୍ରାଜ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଏ.ସି.ଡଫ୍. ନିଯୁକ୍ତ ହୋଇଥିଲେ । ଏହି ଫିଲିଫ୍-ଡଫ୍ କମିଶନ ୭.୧୨.୧୯୨୪ ଠାରୁ ୨୧.୧୨.୧୯୨୪ ଯାଏଁ ତଦନ୍ତ ବେଳେ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓ ନିଜ ପିତା ସ୍ୱର୍ଗତ ହରିହର ମର୍ଦ୍ଦରାଜଙ୍କ ଦେଶ ମିଶ୍ରଣ ପାଇଁ ମହନୀୟ ଚେଷ୍ଟା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ଆବଶ୍ୟକତା, ଓଡ଼ିଆମାନଙ୍କ ଇଚ୍ଛା ଓ ଅଭୀପ୍‌ସା ସଂପର୍କରେ ଯୁକ୍ତିଯୁକ୍ତ ଲିଖିତ ଦାବି ଉପସ୍ଥାପନ କରିଥିଲେ । ତାଙ୍କୁ ଏହି ତଦନ୍ତ କାର୍ଯ୍ୟରେ ସର୍ବଶ୍ରୀ ନିରଞ୍ଜନ ପଟ୍ଟନାୟକ, ହରିହର ପଣ୍ଡା, ମଧୁସୂଦନ ପାଣିଗ୍ରାହୀ, ଶରତ ଚନ୍ଦ୍ର ମହାନ୍ତି ପ୍ରମୁଖ ସହାୟତା କରିଥିଲେ । ଦାବି ଯୁକ୍ତିଯୁକ୍ତ ବୋଲି କମିଶନ ସ୍ୱୀକାର କରିଥିବା ତାଙ୍କ ରିପୋର୍ଟରୁ ଜଣାଯାଏ ।

୧୯୩୧ ମସିହାରେ ଓଡ଼ିଶା ସୀମା ନିର୍ଦ୍ଧାରଣ ପାଇଁ ସାର୍ ସାମୁଏଲ୍ ଓଡ଼ନେଲଙ୍କ ଅଧକ୍ଷତାରେ ଏକ କମିଟି ନିଯୁକ୍ତ ହୋଇଥିଲେ । ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ତା.୭.୧୨.୧୯୩୨ରେ ଲଣ୍ଡନରେ ଅନୁଷ୍ଠିତ ତୃତୀୟ ଗୋଲଟେବୁଲ୍ ବୈଠକରେ ଯୋଗଦାନ କରି ଓଡ଼ନେଲ୍ କମିଟି ସୁପାରିଶ ଅସମୀଚୀନ ଓ ଅଟଲି ସବ୍ କମିଟିର ସୁପାରିଶ ଯଥାର୍ଥ ବୋଲି ଯୁକ୍ତି ଉପସ୍ଥାପନ ପୂର୍ବକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ହେଉ ବୋଲି ଦାବି କରିଥିଲେ । ସେକ୍ରେଟାରୀ ଅଫ୍ ଷ୍ଟେଟସ୍ ସାର୍ ସାମୁଏଲ୍ ହୋର୍‌ଙ୍କୁ ନିଜ ପରିକଳ୍ପିତ ଓଡ଼ିଶା ପ୍ରଦେଶ ସଂପର୍କରେ ସେ ଅବଗତ କରାଇଥିଲେ ।

ଭାରତ ସରକାର ଓ ବିଲାତ ସରକାର ଏକମତ ହୋଇ ତା.୨୪.୧୨.୧୯୩୨ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେବାଲାଗି ସ୍ଥିର ହେଲା । ଏହି ଦିବସଟି ଆମ ଓଡ଼ିଆମାନଙ୍କ ପାଇଁ ଏକ ସ୍ମରଣୀୟ ଦିବସ । ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଏ ଖବର ପାଇ ରାଜା ରାମଚନ୍ଦ୍ରଙ୍କ ନିକଟକୁ ପ୍ରଶଂସା କରି ବାର୍ତ୍ତା ପଠାଇଥିଲେ ।

୧୯୩୩ ମସିହାରେ ଜଏଣ୍ଟ୍ ପାର୍ଲାମେଣ୍ଟାରୀ କମିଟି ଆଗରେ ସାକ୍ଷ୍ୟ ପ୍ରଦାନ କରିଥିଲେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ । ତା.୧୭.୩.୧୯୩୩ରେ ଗୋଲଟେବୁଲ୍ ବୈଠକରେ ପ୍ରକାଶିତ ଶ୍ୱେତପତ୍ରରେ ପାରଳାଖେମୁଣ୍ଡି ଓ ଜୟପୁରକୁ ବାଦ୍ ଦିଆଯାଇଥିଲା । ତା. ୬.୧୧.୧୯୩୩ରେ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତି ଏବଂ ଖଲ୍ଲିକୋଟ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ମିଳିତ ଉଦ୍ୟମରେ ପାର୍ଲାମେଣ୍ଟ୍ କମିଟି ଓଡ଼ନେଲ କମିଟି ସାକ୍ଷାତ୍ କରାଇ ଓଡ଼ିଶାରେ ଜୟପୁରକୁ ସାମିଲ କରାଗଲା । ମହାରାଜା କୃଷ୍ଣଚନ୍ଦ୍ରଙ୍କ ମତାମତକୁ ସମ୍ମାନ ଦେଇ ପାରଳା ରାଜ୍ୟ ପରିବର୍ତ୍ତେ ପାରଳାର ଉତ୍ତରାଞ୍ଚଳକୁ ପ୍ରସ୍ତାବିତ ପ୍ରଦେଶରେ ମିଶ୍ରଣ ଲାଗି ନିଷ୍ପତ୍ତି ହେଲା । ଭାରତ ଶାସନ ସଂସ୍କାର (୧୯୩୫)ରେ ଓଡ଼ିଶା ପ୍ରଦେଶ ଜନ୍ମ ନେଲା ଏବଂ ଆନୁଷ୍ଠାନିକ ଭାବେ ଏପ୍ରିଲ ୧, ୧୯୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହେଲା ।

୧୯୩୭ ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଅପ୍ରତିଦ୍ୱନ୍ଦ୍ୱୀ ଓଡ଼ିଶା ବିଧାନ ସଭା ସଦସ୍ୟ ହେବା ସହ 'ରାଜାବାହାଦୂର' ଉପାଧିପ୍ରାପ୍ତ ହେଲେ । ୧୯୪୫ ମସିହା ପର୍ଯ୍ୟନ୍ତ ସେ ବିଧାନସଭା ସଦସ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ । ୧୯୪୫ ମସିହାରେ କେନ୍ଦ୍ର ବ୍ୟବସ୍ଥାପକ ସଭାରେ ସଭ୍ୟ ରୂପେ ନିର୍ବାଚିତ ହୋଇ 'ସାର୍' ଉପାଧି ପାଇଥିଲେ । ୧୯୫୨ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଓଡ଼ିଶା ବ୍ୟବସ୍ଥାପକ ସଭାକୁ ନିର୍ବାଚିତ ହୋଇଥିଲେ । ୧୯୫୫ ମସିହାରେ ବ୍ରହ୍ମପୁରରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନର ସେ ମୁଖ୍ୟ ସଂଗଠକ ଓ ପୃଷ୍ଠପୋଷକ ଥିଲେ । ୧୯୫୭ ମସିହାରେ ବିଧାନସଭା ସଭ୍ୟ ଭାବେ ନିର୍ବାଚିତ ହୋଇ ନଦୀ ଉପତ୍ୟକା, ଉନ୍ନୟନ ଓ ଦୁର୍ନୀତି ନିବାରଣ ମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଥିଲେ । ୧୯୬୧ ମସିହାରୁ ୧୯୬୩ ମସିହା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ ଓ ରାଜ୍ୟ ସମବାୟ ବ୍ୟାଙ୍କ୍‌ର ସଭାପତି ଥିଲେ । ୧୯୬୩ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ବିଧାନସଭା ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ ।

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ରାଜ୍ୟ ଶାସନ, ରାଜନୈତିକ ଜୀବନ, ଜନସଂପର୍କକୁ ଅନୁଧ୍ୟାନ କଲେ ଜଣାଯାଏ ଯେ ସେ ଓଡ଼ିଆ ଜାତି ପାଇଁ ଶ୍ରଦ୍ଧାଶୀଳ ଥିଲେ । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୬୩ ମସିହା ଜାନୁଆରୀ ୨୩ ତାରିଖ ଦିନ ସେ ଇହଲୀଳା ସମ୍ବରଣ କଲେ । ସେ ଓଡ଼ିଶାର ବରପୁତ୍ର ଏବଂ ଜନକଲ୍ୟାଣ ପାଇଁ ସଦା ସ୍ମରଣୀୟ ହୋଇ ରହିବେ ।

ଭାରତୀୟ ସମ୍ବାଦ ସେବା (ଭାସ୍)

## ରାଗିଙ୍ଗ, ଆଉ କେତେ ନିରୀହ ପିଲାଙ୍କ ଜୀବନ ଗଲାପରେ କର୍ତ୍ତୃପକ୍ଷ ଚେତିବେ ?

**॥ ବିଷ୍ଣୁ ପ୍ରସାଦ ଦାସ ॥**

ସମ୍ବାଦ ପତ୍ର ଓ ଟିଭିରେ ବେଳେ ବେଳେ ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ଜନିତ ଅକାଳ ମୃତ୍ୟୁ ସମ୍ବାଦ ମନକୁ ଭାରାକ୍ରାନ୍ତ କରିଦିଏ ଓ ଘରଦ୍ୱାର ଛାଡ଼ି ପିଲାଟି ନିଜର ଉଚ୍ଚ ଶିକ୍ଷା ପାଇଁ ଦୂର ଦୂରାନ୍ତ ଶିକ୍ଷାନୁଷ୍ଠାନରେ ନାମ ଲେଖାଇ ନିଜର ଭବିଷ୍ୟତ ଗଢିବାକୁ ଆସି ଏହି ରାଗିଙ୍ଗ ଜନିତ ମହାମାରୀ କବଳରେ ପଡ଼ିଯାଏ ଅନେକ ଛାତ୍ର/ଛାତ୍ରୀ ଏହାକୁ ସହି ନିଅନ୍ତି ଆଉ କିଛି ଅତ୍ୟାଚାରର ସୀମା ଟପିଗଲେ ନିଜକୁ ନିଜ ଆୟତ୍ତରେ ରଖି ନ'ପାରି ଭୁଲ ପଦକ୍ଷେପ ନେଇଥାନ୍ତି । ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନ ଗୁଡିକରେ ନୂତନ ଭାବେ ନାମ ଲେଖାଇଥିବା ଛାତ୍ର ଛାତ୍ରୀ ମାନେ ନିଜ ଶିକ୍ଷାନୁଷ୍ଠାନର ଉପର ଶ୍ରେଣୀର ଛାତ୍ର ଛାତ୍ରୀଙ୍କ ଦ୍ୱାରା 'ସ୍ୱାଗତଂ' ଆନୁଷ୍ଠାନିକ ଦୀକ୍ଷା ବା ଚିଂହା ପରିଚୟ ବଦଳରେ ଅମାନୁଷିକ 'ରାଗିଙ୍ଗ'ର ଶିକାର ହୋଇଥାନ୍ତି , ବେଳେ ବେଳେ ଏହା ଉଗ୍ର ରୂପ ଧାରଣ କରେ ଯାହା କର୍ତ୍ତୃପକ୍ଷ 'ସାପ ମରିବ ନାହିଁ କି ବାଡ଼ି ଭାଙ୍ଗିବ ନାହିଁ' ନ୍ୟାୟ ରେ ସମାଧାନ କରିଦେଇଥାନ୍ତି । ପିଲାଟି କେତେ ସ୍ୱପ୍ନ ନେଇ ପରିବାର ଠାରୁ ଦୂରରେ ରହି କଲେଜରେ ପାଠପଢି ନିଜ ଭବିଷ୍ୟତ ଗଢିବାକୁ ଆସିଥାଏ, ସେ ଯଦି ନିଜର ସହପାଠୀଙ୍କ/ ଶିକ୍ଷାନୁଷ୍ଠାନର କୌଣସି ଶିକ୍ଷକ ବା କର୍ମଚାରୀଙ୍କ ନିର୍ଯାତନାର ଶିକାର ହୋଇ ନିଜ ପ୍ରାଣ ତ୍ୟାଗ କଲା ବା ସବୁଦିନ ପାଇଁ ଅକର୍ମଣ୍ୟ ହୋଇଗଲା ତେବେ ? ତା'ର ପରିବାର ଉପରେ କ'ଣ ପ୍ରଭାବ ପଡିବ? ସବୁ କ୍ଷେତ୍ରରେ ସହପାଠୀ ମାନଙ୍କୁ ଦୋଷ ଦେଇ ଚୁପ ବସିଗଲେ ହେବ ନାହିଁ , ଶିକ୍ଷାନୁଷ୍ଠାନର ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷଙ୍କୁ ଅତି କଠୋରରୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଉଚିତ , କାରଣ ସେମାନେ ନିଜ ଦାୟିତ୍ୱ ତୁଲାଇବାରେ ଅବହେଳା କରିଛନ୍ତି , ଆଇନ ସମସ୍ତଙ୍କ ପାଇଁ ସମାନ କିନ୍ତୁ ଏହି ସବୁ ସ୍ଥାନରେ ବଡ଼ବଡ଼ିଆ ମାନେ ଖସିଯାଆନ୍ତି ଆଉ ଛୋଟ କର୍ମଚାରୀ ଜାଲରେ ପଡି ଯା'ନ୍ତି ଓ ଛାତ୍ରୀନିବାସର ଜଗୁଆଳି ଯଦି ସ୍ନାନାଗାରରେ ଗୁପ୍ତ କ୍ୟାମେରା ଲଗାଇପାରୁଛି ଏବଂଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ଧମକାଇ ପାରୁଛି ତେବେ ତା'କୁ କ'ଣ କର୍ତ୍ତୃପକ୍ଷ ଫୁଲ ଚନ୍ଦନ ଦେଇ ପୂଜା କରିବେ? ନା' ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବେ? ଏଠାରେ କିଏ ଠିକ ଆଉ କିଏ ଭୁଲ ? ନିୟମିତ ବ୍ୟବଧାନରେ ଜଗୁଆଳି ମାନଙ୍କୁ କାହିଁକି ବଦଳି କରାଯାଉ ନାହିଁ ? କିଛି ଛାତ୍ର ଛାତ୍ରୀ ପୁରୁଣା କର୍ମଚାରୀଙ୍କୁ ପାଉଣା ଦେଇ ଗୁପ୍ତରେ ଅନୈତିକ କାର୍ଯ୍ୟ କରି ଥାନ୍ତି ଯାହା କର୍ତ୍ତୃପକ୍ଷ ଜାଣି ବି ଅଜଣା ହେବାର ଛଳନା କରନ୍ତି ଓ ପିତା ମାତା ତଥା ପିଲାର ତତ୍ୱାବଧାରକ ବାରମ୍ବାର ଆସି ପିଲା ସହିତ ଦେଖା କରିବା ଉଚିତ , ଖାଲି ମୋବାଇଲ ଫୋନରେ କଥା ବା ଭିଡିଓ ଚାଟ କରିଦେଲେ କ'ଣ ଦାୟିତ୍ୱ ଶେଷ ?ରାଗିଙ୍ଗ ପରି ବିକୃତ ମାନସିକତା ଧୀରେ ଧୀରେ ବଢି ଚାଲିଛି, ସରକାର ନିୟମ କରିଦେଲେ, ସ୍କୁଲ, କଲେଜ କର୍ତ୍ତୃପକ୍ଷ ଆଣ୍ଟି ରାଗିଙ୍ଗ ସେଲ' କଲେ ସେଥିରେ କିଛି ଅଭିଜ୍ଞ ଶିକ୍ଷାବିତ ମାନଙ୍କୁ କମିଟି ଗଢି ଦାୟିତ୍ୱ ଦେଲେ ତା' ପରେ ଆଉ କ'ଣ ରହିଲା? ହଁ ରହିଗଲା, ସେଇଟା ହେଲା ଏହି କମିଟି କୌଣସି ନା' କୌଣସି ଚାପରେ ରହୁଛନ୍ତି ଆଉ ରାଗିଙ୍ଗ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନଙ୍କ ପାଖରେ ଦୃଢ ମନୋବଳ/ ଆନ୍ତରିକତାର ଘୋର ଅଭାବ ପରିଲକ୍ଷିତ ହେଉଛି, ସେମାନଙ୍କ ଉପରେ ଚାପ ସରକାରଙ୍କ ତରଫରୁ ବା ମ୍ୟାନେଜମେଣ୍ଟ / ପରିଚାଳନା କମିଟି କର୍ତ୍ତୃପକ୍ଷଙ୍କ ପାଖରୁ ଆସେ ତାହା ତଦନ୍ତ ସାପେକ୍ଷ ଓ ହଷ୍ଟେଲ ବା ଛାତ୍ରାବାସ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷ ସବୁ ଜାଣନ୍ତି କିନ୍ତୁ ନିଜର ଦୁର୍ବଳତା ଲୁଚାଇବାକୁ ହେଉ ବା ଭୟ ହେଉ ବା ଦୁର୍ନୀତିର ବଶବର୍ତ୍ତୀ ହୋଇ ଚୁପ ବସି ଥା'ନ୍ତି । ଅନୁଶାସନ ବୋଲି କିଛି ନାହିଁ , ବିଶୃଙ୍ଖଳିତ ଛାତ୍ର ଛାତ୍ରୀ ମାନେ ଏବେ କୌଣସି ନିୟମ କାନୁନ ମାନିବାକୁ ପ୍ରସ୍ତୁତ ନୁହଁନ୍ତି, ରାଗିଙ୍ଗକୁ କାଗଜପତ୍ରରେ ଯେତେ ବନ୍ଦ କଲେବି ପ୍ରକୃତ ପକ୍ଷେ ତାହା ଆମ ମାନଙ୍କର ରୁଗ୍ଣ ମାନସିକତା, ଶିକ୍ଷାନୁଷ୍ଠାନର ଚରମ ଅବହେଳା ଏବଂ ପ୍ରଶାସନର କୋହଳ ମନୋବୃତି ଯୋଗୁ ଧୀରେ ଧୀରେ ବୈଷୟିକ ଶିକ୍ଷାନୁଷ୍ଠାନଠାରୁ ଆରମ୍ଭ ହୋଇ ସାଧାରଣ ମହାବିଦ୍ୟାଳୟରେ ପ୍ରବେଶ କରିଗଲାଣି । ରାଗିଙ୍ଗ କାହାପାଇଁ ଖେଳ ତ' ପୁଣି କାହାପାଇଁ ଏହା କାଳ ରେ ପରିଣତ ହେଉଛି ଓ ପ୍ରତିଟି ଜୀବନର ମୂଲ୍ୟ ଅଛି ଏବଂ ପ୍ରତିଟି ଜୀବନକୁ ସୁରକ୍ଷା ଦେବା ଗଣତନ୍ତ୍ର ସରକାରଙ୍କ ଏକ ଦାୟିତ୍ୱ । ଆଇନର ହାତ ଖୁବ ଲମ୍ବା ଆଉ ଆଇନରେ ରାଗିଙ୍ଗ ପାଇଁ ଖୁବ କଠିନ ଦଣ୍ଡ ବ୍ୟବସ୍ଥା ଅଛି ତେଣୁ ଛାତ୍ର ଛାତ୍ରୀ ମାନଙ୍କୁ ଅନୁରୋଧ ଏହିସବୁ କୁପ୍ରଥାକୁ ଯଥା ଶୀଘ୍ର ତ୍ୟାଗ କରନ୍ତୁ, ଯେଉଁମାନେ ରାଗିଙ୍ଗର ଶିକାର ହେଉଛନ୍ତି ସେମାନେ ୟୁ ଜି ସି ର ଟୋଲ ଫ୍ରି ନମ୍ବରକୁ ଜଣାନ୍ତୁ , ନିଜ ଅଭିଭାବକ ମାନଙ୍କୁ ଜଣାନ୍ତୁ , ଆଜିକାଲି ପ୍ରାୟ ସମସ୍ତଙ୍କ ପାଖରେ ମୋବାଇଲ ଫୋନ ଅଛି ସମସ୍ତ କର୍ତ୍ତୃପକ୍ଷଙ୍କୁ ମେଲ ଦେବା ସହିତ ନିଜ ଜୀବନକୁ ବିପଦ ଅଛି ବୋଲି ପୋଲିସକୁ ମଧ ଜଣାଇ ପାରିବେ । ଯଦି ଶିକ୍ଷାନୁଷ୍ଠାନରେ ରାଗିଙ୍ଗ ହେଉ ନାହିଁ ତେବେ ଏହି ଆଣ୍ଟି ରାଗିଙ୍ଗ ସେଲର । ଆବଶ୍ୟକତା କୁଆଡୁ ଆସିଲା ? ଆଉ ଯଦି ଆଣ୍ଟି ରାଗିଙ୍ଗ ସେଲ ଥାଇ ଏବଂ ତାହାର ଦାୟିତ୍ୱରେ ଥିବା ଗଣ୍ୟମାନ୍ୟ ବ୍ୟକ୍ତି ମାନେ ରାଗିଙ୍ଗକୁ ରୋକି ନ'ପାରୁଛନ୍ତି ତେବେ ଏହି ସେଲକୁ ବନ୍ଦ କରିଦିଅଓ ଯାଉ । ଧର୍ମକୁ ଆଖିଠାର ମାରି ସବୁ ଚାଲିଛି, ଆଉ ନିରୀହ ପିଲା ରାଗିଙ୍ଗର ଶିକାର ହୋଇ ପ୍ରାଣ ତ୍ୟାଗ କରୁଥିବେ, ଆମେ ବସି ଦେଖୁଥିବା । ମାନବିକତା ବିହୀନ ଶିକ୍ଷାର ମୂଲ୍ୟ କ'ଣ ? ଅନେକ ଜାଗାରେ ଶିକ୍ଷାନୁଷ୍ଠାନର ବଦନାମକୁ ଆଖିରେ ରଖି ରାଗିଙ୍ଗକୁ ଅନ୍ୟ ରୂପ ଦେଇ ନଥି ପତ୍ର ବନ୍ଦ କରିଦିଅ ଯାଉଛି, ଏହା କେବଳ ଆମ ରାଜ୍ୟ କଥା ନୁହେ ସାରା ଭାରତବର୍ଷ ରେ ଏହି ପ୍ରକ୍ରିୟା ଚାଲିଛି । ସରକାରଙ୍କୁ ବିନମ୍ର ଅନୁରୋଧ ଏହି ସବୁ ବିଷୟରେ ଟିକେ ଧ୍ୟାନ ଦିଅନ୍ତୁ ।


ଝାଞ୍ଜିରୀ ମଙ୍ଗଳ , କଟକ ୭୫୩୦୦୯
ମୋ: ୯୯୩୭୧୭୪୦୯୭


## ରାଷ୍ଟ୍ରପତି ସମ୍ବିଧାନର ରକ୍ଷକ

**॥ ଗୋପବନ୍ଧୁ ॥**

ରାଷ୍ଟ୍ରପତି ହେଉଛନ୍ତି ଦେଶର ପ୍ରଥମ ନାଗରୀକ । ତାଙ୍କ ନାମରେ ଦେଶର ଶାସନ ଚାଲେ । ତାଙ୍କ ଦସ୍ତଖତ ପରେ କୌଣସି ବିଲ୍ ନିୟମରେ ପରିଣତ ହୁଏ । ସେ ହେଉଛନ୍ତି ସମଗ୍ର ଦେଶର ସମ୍ମାନ ଓ ମର୍ଯ୍ୟାଦାର ପ୍ରତୀକ । ବିଦେଶରେ ଭାରତବର୍ଷ ତାଙ୍କ ନାମକୁ ନେଇବି ଚର୍ଚ୍ଚିତ ହୁଏ । ତାଙ୍କୁ ଦେଖି ବିଦେଶୀମାନେ ଆମ ଦେଶର ସୌର୍ଯ୍ୟ ଓ ପରାକ୍ରମକୁ ଉପଲବ୍ଧି କରନ୍ତି । ତାଙ୍କ ବ୍ୟକ୍ତିତ୍ୱର ଗଭୀରତାରୁ ଭାରତୀୟତାକୁ ଆକଳନ କରନ୍ତି । ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ରର ରାଷ୍ଟ୍ରପତି କିଛି କମ୍ କଥା ନୁହେଁ ।

ରାଷ୍ଟପତି କେବଳ ରବର ଷ୍ଟାମ୍ପ ନୁହଁନ୍ତି । ସେ ହେଉଛନ୍ତି ସମ୍ବିଧାନର ରକ୍ଷାକର୍ତ୍ତା । କେଉଁଠାରେ ସମ୍ବିଧାନର ଉଲ୍ଲଂଘନ ହେଲେ କିମ୍ବା ସମ୍ବିଧାନର ବର୍ହିଭୂତ କାର୍ଯ୍ୟହେଲେ ସରକାରଙ୍କୁ ନାଲିଆଖି ଦେଖାଇବାର କ୍ଷମତା ତାଙ୍କ ପାଖରେ ରହିଛି । ସରକାରଙ୍କୁ ପରାମର୍ଶ ଦେବା ଓ ତୃଟିବିଚ୍ୟୁତିକୁ ସୂଚାଇଦେବା ଅଧିକାର ତାଙ୍କ ନୀକଟରେ ରହିଛି । ଦେଶର ପ୍ରଥମ ନାଗରୀକଭାବେ ସେ ଜଣେ ସଚ୍ଚୋଟ, ବିଜ୍ଞ, ନିର୍ଭୀକ ଓ ନିରପେକ୍ଷ ବ୍ୟକ୍ତି ହେବା ଜରୁରୀ । ରାଷ୍ଟ୍ରମୁଖ୍ୟ ପଦ ତାଙ୍କପାଇଁ ବଡ ନୁହେଁ, ରାଷ୍ଟ୍ର ହେଉଛି ତାଙ୍କ ପାଇଁ ବଡ଼ । ରାଷ୍ଟ୍ରର ଏକତା, ଅଖଣ୍ଡତା ଓ ସାର୍ବଭୌମତ୍ୱ ପ୍ରତି ଅଙ୍ଗୀକାରବଦ୍ଧତା ତାଙ୍କର ପ୍ରତିଟି ଚିନ୍ତନ, କଥନ ଓ କର୍ମରେ ଉଦଭାସିତ ହେବା ଆବଶ୍ୟକ । ଅତୀତରେ ବହୁ ଗୁଣି, ଜ୍ଞାନୀ ଓ ପ୍ରବୀଣ ବ୍ୟକ୍ତିତ୍ୱ ରାଷ୍ଟ୍ରପତି ପଦକୁ ଅଳଙ୍କୃତ କରିଛନ୍ତି । ଦେଶର ପ୍ରଥମ ରାଷ୍ଟ୍ରପତି ଥିଲେ ଡକ୍ଟର ରାଜେନ୍ଦ୍ର ପ୍ରସାଦ । ସେଥିଲେ ଜଣେ ଅଗ୍ରଣୀ ସ୍ୱାଧୀନତା ସଂଗ୍ରାମୀ ଓ ସମ୍ବିଧାନ ପ୍ରଣୟନ ସଭାର ସଭାପତି । ବିଶିଷ୍ଟ ଦାର୍ଶନିକ ଓ ଶିକ୍ଷାବିତ୍ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ ଏହି ପଦକୁ ଅଳଙ୍କୃତ କରିଥିଲେ । ଦେଶର ବିଶିଷ୍ଟ ବୈଜ୍ଞାନିକ ଓ ମିଶାଇଲ ମ୍ୟାନଭାବେ ପରିଚିତ ଡକ୍ଟର ଏ ପି ଜେ ଅବଦୁଲ କାଲାମ ମଧ୍ୟ ଏହି ପଦର ଗାରିମାକୁ ବଢାଇଥିଲେ । ଆହୁରି ଅନେକେ ଆସିଛନ୍ତି ଓ ପଦମର୍ଯ୍ୟଦାକୁ ଅକ୍ଷୂର୍ଣ୍ଣ ରଖି ଯାଇଛନ୍ତି । ଅନେକେ ରାଜନୈତିକ ଦଳରୁ ଆସିଥିଲେ ବି ପଦ ଅଳଙ୍କୃତ କଲାପରେ ସମ୍ପୂର୍ଣ୍ଣ ନିରପେକ୍ଷତାର ପରିଚୟ ଦେଇଛନ୍ତି । ଦେଶବାସୀ ଚାହାଁନ୍ତି ଆଗକୁ ବି ଏହା ବଜାୟୀ ରହିବ ଓ ଏ ଗୁରୁତ୍ୱପୂର୍ଣ୍ଣ ପଦବୀକୁ ରାଜନୈତିକ ଭିଡ଼ାଟଣାରୁ ଉର୍ଦ୍ଧ୍ୱରେ ରଖାଯିବ । ତେଣୁ ସମସ୍ତ ରାଜନୈତିକ ଦଳର ସହମତିରେ ରାଷ୍ଟ୍ରପତିଙ୍କ ଚୟନ ହେବା ସର୍ବୋତ୍କୃଷ୍ଟ ପନ୍ଥା । ରାଷ୍ଟ୍ରପତିଙ୍କ ଚୟନ ପରୋକ୍ଷ ନିର୍ବାଚନ ମାଧ୍ୟମରେ ହୁଏ । ଏଥିରେ ନିର୍ବାଚିତ ସାଂସଦ ଓ ବିଧାୟକମାନେ ଭୋଟ ଦିଅନ୍ତି । ଉପଯୁକ୍ତ ପ୍ରାର୍ଥୀ କିମ୍ବା ପ୍ରାର୍ଥୀନୀଙ୍କୁ ଚୟନ କରାଯିବା ପାଇଁ ମତଦାନକୁ ମୁକ୍ତ ଓ ଗୋପନୀୟ ରଖାଯାଇଛି । କୌଣସି ଦଳ ନିର୍ଦ୍ଦିଷ୍ଟ ଜଣେ ପ୍ରାର୍ଥୀଙ୍କୁ ଭୋଟ ଦେବାପାଇଁ ହୁଇପ୍ ଜାରି କରିପାରିବ ନାହିଁ । ଅବଶ୍ୟ ପାର୍ଟି ସ୍ତରରେ ସିଦ୍ଧାନ୍ତ ହୁଏ କାହାକୁ ଭୋଟ ଦିଆଯିବ ବୋଲି । ଯେହେତୁ ଭୋଟ ଦାନରେ ଗୋପନୀୟତା ରହେ, ତେଣୁ ଏଥିରେ କ୍ରସ୍ ଭୋଟ ମଧ ହୁଏ । ଭୋଟଦାତା ଯଦି ଅନୁଭବ କରେ ଯେ ପାର୍ଟି ଯାହାକୁ କହୁଛି ଭୋଟ ଦେବାପାଇଁ ସେ ପ୍ରାର୍ଥୀ ଠିକ୍ ନୁହେଁ, ସେ ଗୁପ୍ତରେ କ୍ରସ୍ ଭୋଟିଂ କରିପାରିବ । ଅତୀତରେ ଏପରି ହୋଇଛି ।

ଦେଶର ରାଷ୍ଟ୍ରପତି ପଦରେ ଯେଉଁମାନେ ବସିବାକୁ ଚାହୁଁଛନ୍ତି, ସେମାନଙ୍କ ବିଷୟରେ ଦେଶବାସୀ ଜାଣିବା ଜରୁରୀ । ଫଳରେ ଉପଯୁକ୍ତ ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ତିଆରି ହୋଇପାରିବ । ଜନମତକୁ ସମ୍ମାନ ଜଣାଇବା ପାଇଁ ନିର୍ବାଚିତ ପ୍ରତିନିଧିମାନେ ନିଶ୍ଚୟ ନୈତିକଭାବେ ବାଧ ହେବେ । ଏ ବାବଦକୁ କେନ୍ଦ୍ରୀୟ ସ୍ତରରେ ତଥା ରାଜ୍ୟ ସ୍ତରରେ ଡିବେଟ୍ ଅନୁଷ୍ଠିତ ହେବା ଉଚିତ୍ ଏବଂ ଏହାକୁ ବୈଦ୍ୟୁତିକ ଗଣମାଧ୍ୟମରେ ସିଧାସଳଖ ପ୍ରସାରିତ କରାଯିବା ଉଚିତ୍ । ପ୍ରାର୍ଥୀମାନଙ୍କୁ ଗୋଟିଏ ମଞ୍ଚରେ ବସାଇ ଜଣେ ଅନ୍ୟଜଣକୁ ପ୍ରଶ୍ନ ପଚାରି ଏବଂ ଉପସ୍ଥିତ ଜନତା ପ୍ରାର୍ଥୀଙ୍କୁ ପ୍ରଶ୍ନ ପଚାରି ପ୍ରାର୍ଥୀଙ୍କ ବିଚାରଗତ ତୃଟିକୁ ପଦାରେ ପକାଇବାର ସୁଯୋଗ ରହିବା ଅତ୍ୟାବଶ୍ୟକ । ପାଶ୍ଚାତ୍ୟ ଗଣତନ୍ତ୍ରରେ ଏହା ଏକ ବାଧ୍ୟତାମୂଳକ ସୋପାନ । ପ୍ରାର୍ଥୀଙ୍କ ରାଷ୍ଟ୍ରୀୟ ଅବଧାରଣା କଣ ରହିଛି, ସାମାଜିକ ଓ ଧାର୍ମିକ ସମସ୍ୟା ପ୍ରତି ତାଙ୍କ ଆଭିମୁଖ୍ୟ କଣ, ସେ କିପରି ସମ୍ବିଧାନର ରକ୍ଷାକବଚ ବନିପାରିବେ, ଗଣତନ୍ତ୍ରକୁ ମଜଭୁତ କରିବାପାଇଁ ତାଙ୍କର ଯୋଗଦାନ କଣରହିବ ପ୍ରଭୃତି ଏବଂ ଏବାବଦକୁ ତାଙ୍କ ଅତୀତର କାର୍ଯ୍ୟକଳାପ କଣ ରହିଛି ତାହାର ସ୍ୱଷ୍ଟଚିତ୍ର ଲୋକମାନେ ପାଇବାକୁ ହକଦାର ।

ବିଚାରଧାରାର ମାନଦଣ୍ଡରେ ଜଣେ ରାଷ୍ଟ୍ରପତି ପ୍ରାର୍ଥୀଙ୍କୁ ଯଦି ମପାଯାଏ ତେବେ ସେ ଜଣେ ମାନବବାଦୀ, ବସୁଧୈବ କୁଟୁମ୍ବକମ୍ ରେ ବିଶ୍ୱାସୀ, ସାମାଜିକ ନ୍ୟାୟର ଅନୁଗାମୀ ଓ ସର୍ବୋପରି ଜଣେ ପ୍ରଗତିଶୀଳ ଚେତନାର ବ୍ୟକ୍ତିବିଶେଷ ହେବା ଆବଶ୍ୟକ । ଯେକି ରାଷ୍ଟ୍ରକୁ ଏକ ଉନ୍ନତ ଶିଖରକୁ ନେଇ ଯିବାର ମାର୍ଗଦର୍ଶନ କରିପାରୁଥିବେ ।


ବାରିପଦା, ମୟୂରଭଞ୍ଜ, ମୋ. ୭୦୦୮୯୭୬୧୮୦

## ଜନଶୁଣାଣୀ ରେ ମାତ୍ର ୩୬ ଟି ଅଭିଯୋଗ, ଜିଲ୍ଲାପାଳ ଙ୍କ ଅନୁପସ୍ଥିତ କୁ ନେଇ ସାଧାରଣ ରେ ଅସନ୍ତୋଷ



ଅସ୍ତରଙ୍ଗ,(ମହାଭାରତ): ଅସ୍ତରଙ୍ଗ ପଞ୍ଚାୟତ ସମିତି ସଭାଗୃହରେ ଆଜି ଜିଲ୍ଲାପାଳଙ୍କ ଜନଶୁଣାଣୀ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ଆରତୀ ନାଏକଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ଏହି ଜନଶୁଣାଣୀ କାର୍ଯ୍ୟକ୍ରମ ନିର୍ଦ୍ଧାରିତ ସମୟ ସକାଳ ୭ଟାରୁ ଆରମ୍ଭ ହୋଇ ୧୦ଟା ଶେଷ ହୋଇଥିଲା ଉପ ଜିଲ୍ଲାପାଳ ରାଜକିଶୋର ଜେନା (ରାଜସ୍ୱ ବିଭାଗ ),ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା,ଅତିରିକ୍ତ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ,ଜିଲ୍ଲାପରିଷଦ ପୁରୀର ରାଜୀବ ଲୋଚନ ବେହେରା, ପୁରୀଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିଷ୍ଣୁ ପ୍ରସାଦ ପତି,ଅସ୍ତରଙ୍ଗ ବିଡ଼ିଓ ସସ୍ମିତା ବେହେରା ସମେତ ଜିଲ୍ଲାର ବିଭଭ ବିଭାଗର ପଦାଧିକାରୀ ଯୋଗଦେଇଥିଲେଜନଶୁଣାଣୀ ପାଇଁ ପୂର୍ବରୁ ସୂଚନା ଦିଆଯାଇଥିଲେ ମଧ ଖରା ଗ୍ରୀଷ୍ମ ଯୋଗୁ ହେଉ ବାଁ ଅନ୍ୟ କୌଣସି କାରଣ ଯୋଗୁ ମାତ୍ର ୩୬ଟି ଅଭିଯୋଗ ହୋଇଥିଲା ।ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅନୁପସ୍ଥିତ ଯୋଗୁ ଲୋକଙ୍କର ଆନ୍ତରିକତା କମି ଅଭିଯୋଗ କମୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ସେ ଯାହା ହେଉନା କାହିଁକି ଜିଲ୍ଲାରୁ ଉପଜିଲ୍ଲାପାଳ ଶ୍ରୀ ଜେନା ଓ ଉପସ୍ଥିତ ବରିଷ୍ଠ ଅଧିକାରୀମାନେ ଆଗତ ଅଭିଯୋଗ ଗୁଡିକୁ ଶୁଣାଣି କରି ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ହସ୍ତାନ୍ତର କରିଥିଲେ ପ୍ରଥମେ ବାହାରେ ଲୋକଙ୍କର ଅଭିଯୋଗକୁ ଗ୍ରହଣ କରି ପଞ୍ଜିକରଣ ହୋଇଥିଲା ପରେ ଜଣ ଜଣକୁ ଜନଶୁଣାଣୀ ପ୍ରକୋଷ୍ଟକୁ ଡାକି ଅଭିଯୋଗ ଶୁଣିବା ପରେ ସମାଧାନ ପାଇଁ ସମ୍ପୃକ୍ତ ବିଭାଗକୁ ଅଭିଯୋଗ ହସ୍ତାନ୍ତର କରାଯାଇଥିଲା,ଆଗତ ଅଭିଯୋଗ ମଧରେ ପାନୀୟ ଜଳ,ଶିକ୍ଷା,ସ୍ୱାସ୍ଥ୍ୟ,ବାର୍ଦ୍ଧକ୍ୟ ଭତା,ଆବାସ ଯୋଜନାରେ ଘର, ବିଭିଭ ଅ□ଳର ଉଭୟନ ମୂଳକ କାର୍ଯ୍ୟ,କମ୍ ପ୍ରତିଶତ ଭିଉକ୍ଷମ ସାର୍ଟିଫିକେଟ,ଜମିଜମା ସମସ୍ୟା ରହିଛି ଛୁରିଆନା ପାଞ୍ଚାୟତରୁ ରାଇକଣାରୁ ହ୍ୟୁଇଲ୍ ଚେୟାରରେ ଆସିଥିବା ହରିହର କାଣ୍ଡିକୁ ଅଭିଯୋଗ ପ୍ରତି ଗୁରୁତ୍ୱ ଦିଆଯାଇଛି ।ତାଙ୍କର ମେରୁଦଣ୍ଡ ସ୍ୱାସ୍ଥ୍ୟଗତ ତ୍ରୁଟିରେ ସେ ଅଚଳ ପ୍ରାୟ ରହିଛନ୍ତି। ଅର୍ଥ ଅଭାବରୁ ସେ ଉପଯୁକ୍ତ ଉଭତ ଚିକିତ୍ସା ପାଇପାରୁନଥିବା ଜାଣିବା ପରେ ସରକାରୀ ସ୍ତରରେ ଥିବା ସୁବିଧାକୁ ଖୁବଶୀଘ୍ର ପ୍ରଦାନ କରିବାକୁ କୁହାଯାଇଛି ଆୟୋଜିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଅନ୍ୟପକ୍ଷରେ ଏହି କାର୍ଯ୍ୟକ୍ରମରେ ପାନୀୟ ଜଳ,ଗ୍ରାମ୍ୟ ଉଭୟନ,ଜଳସେଚନ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ।ଅସ୍ତରଙ୍ଗ ଥାନା ପକ୍ଷରୁଥାନାଧିକାରୀରାଜେଶବଳିଆରସିଂ,ଏଏସ୍ଆଇ ପ୍ରଶାନ୍ତ କୁମାର ବିଶ୍ୱାଳ ଓ ଅନ୍ୟ ପୁଲିସ୍ କର୍ମଚାରୀ ଉପସ୍ଥିତ ରହି ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ।

## ଦଣ୍ଡଯାତ୍ରା ପାଇଁ ଉତ୍ସବମୁଖର ନୟାଗଡ଼

# 'କଳା ରୁଦ୍ରମଣି ଭଜେ' ସ୍ୱରରେ କମ୍ପୁଛି ବିଭିନ୍ନ ଗାଁ ଦାଣ୍ଡ

ନୟାଗଡ଼, ( ମହାଭାରତ ) : ଚାଲିଛି ଚୈତ୍ର ମାସୟ ଚୈତ୍ର ମାସ ରେ ଆବିର୍ଭବ ହୋଇଥାନ୍ତି ମା' ଦଣ୍ଡ କାଳୀ। ଦଣ୍ଡୁଆ ଭକ୍ତ ମାନେ ଚୈତ୍ର ମାସ ଦୋଳ ପୂର୍ଣ୍ଣିମା ଠାରୁ ମା' ଦଣ୍ଡ କାଳୀ ଓ ହର ହର ମହାଦେବ ଶିବ ଙ୍କୁ ସାଙ୍ଗରେ ଧରି ମା' ଦଣ୍ଡ କାଳୀ ଙ୍କୁ ଶୁମରଣା କରି ବ୍ରତ ଧାରଣ କରି ମହାଦେବ ଶିବ ଶଙ୍କର ଓ ମା' ଦଣ୍ଡ କାଳୀ ଧରି ବିଭିଉ ଗାଁ କୁ ଗାଁ ପରିଭ୍ରମଣ କରିଥାନ୍ତି। ପାରମ୍ପରିକ ଦଣ୍ଡଯାତ୍ରାରେ 'କଳା ରୁଦ୍ରମଣି ଭଜେ' ସ୍ୱରରେ ଗାଁ ଦାଣ୍ଡ ସବୁ କମ୍ପିବା ସହିତ ଉତ୍ସବମୁଖର ହୋଇଉଠିଛି। ନୟାଗଡ଼ ର ବିଭିଉ ଅଞ୍ଚଳ ଏ ଦଣ୍ଡ ଯାତ୍ରାର ଆରାଧ ଠାକୁର ହେଉଛନ୍ତି ଦେବାଧିଦେବ ଦବ ମହାଦେବ। ବହୁ ପୁରାତନ କାଳରୁ ଅତ୍ୟନ୍ତ ନିଷ୍ଠାକାଷ୍ଠା ଓ ଆଧାତ୍ମିକ ରୀତିନୀତି ମଧରେ ଏହା ପାଳିତ ହୋଇଆସୁଛି। ଏଥିରେ ଅଂଶଗ୍ରହଣକାରୀ ଭକ୍ତମାନଙ୍କୁ ଭଗତା ବୋଲି କୁହାଯାଏୟ ଏମାନଙ୍କ ମଧରେ ପାଟ ଭଗତା, ଦେଉଳ ପରିଛା, ପାଟ ଦଣ୍ଡୁଆ, କୋଠ ଦଣ୍ଡୁଆ, ବଳିଆ ଗୌଡ଼, ହନୁମନ୍ତ କଟୁଆଳ, ଡଗରା ଓ ତହଲା ଏପରି ଅନେକ ନାମରେ ନାମିତ ହୋଇଥାନ୍ତି। ନୟାଗଡ଼ ବିଭିଉ ଅଞ୍ଚଳରେ ମା' ଦଣ୍ଡ କାଳୀ ଏବଂ ଦେବ ଦେବ ମହାଦେବ ଠାକୁରଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥାନ୍ତି। ଭଗତାମାନେ ମାସାଧିକ କାଳ ଆମିଷ ପରିତ୍ୟାଗ କରିଥିବା ବେଳେ ଏହି ଯାତ୍ରାରେ ପ୍ରବେଶ କରିବା ପରେ କୌଣସି ଖାଦ୍ୟ ଗ୍ରହଣ ନ କରି ଦିନତମାମ ଜଳପାନ ମଧ ନିଷେଧ ହୋଇଥାଏ। ଏଥି ସହିତ ପାରିବାରିକ ସମ୍ପର୍କଠାରୁ ଦୂରେଇ ରହୁଥିବା ବେଳେ ଏମାନେ ଖାଲି ପାଦରେ ଯିବାଆସିବା କରିବା ସହିତ ଦିନବେଳେ ପ୍ରଚଣ୍ଡ ରୌଦ୍ରତାପରେ ଯେଉଁ ଗାଁ କୁ ଯାଇଥାନ୍ତି ସେଠାକାର କୌଣସି



ମନ୍ଦିର ପ୍ରାଙ୍ଗଣ ହେଉ ବା କୋଠ ଘରେ ବିଶ୍ରାମ ନିଅନ୍ତି ଦେବ ଦେବ ମହାଦେବ ଓ ମା ଦଣ୍ଡକାଳୀ ଙ୍କ ଠାରୁ ଆଜ୍ଞାମାଳ ଆଣି ନିଜ ନିଜର କାମନା ମନ୍ଦିର ପୀଠରେ ସ୍ଥାପନ ପରେ ବିଧିବିଧାନ ଅନୁସାରେ ଏହି ଦଣ୍ଡଯାତ୍ରା ଆରମ୍ଭ ହୋଇଥାଏ। ଅପରାହ୍ନ ରେ ଠାକୁରଙ୍କୁ ନେଇ ସ୍ଥାନୀୟ ପୁଷ୍କରିଣୀ ର ଅଣ ତୋଠ ରେ ସ୍ନାନ କରାଇବା ପୂର୍ବରୁ ଭଗତାମାନେ ଆମ୍ବଡାଳରେ ଦାନ୍ତ ଘସନ୍ତି। ପରେ କାମନା କୁ ଆସି ଏହି ଭଗତାମାନେ କେବଳ ପଣା ସେବନ କରିଥାନ୍ତି। କାମନା ଘର ହେଉ ବା ଯେଉଁ ଗାଁ ରେ ଠାକୁର ଙ୍କୁ ବିରାଜମାନ କରିଥିବେ ଗାଁ ମଧ ଭାଗରେ ଦଣ୍ଡୁଆମାନେ ଯେପରି ଧୂଳି ଦଣ୍ଡ ଖେଳ ପ୍ରଦର୍ଶନ କରନ୍ତି ତାହା ବେଶ୍ ଆକର୍ଷଣୀୟ ହୋଇଥାଏ। ପୂର୍ବକାଳର ନାଚ ଅପେକ୍ଷା ଏବେ କେବଳ ପ୍ରତୀକାତ୍ମକ ଭାବେ କେତେକ ନାଟକ ପରିବେଷିତ ହେଉଥିବା ବେଳେ ଅତ୍ୟାଧୁନିକ ଗଣନାଟ୍ୟକୁ ପ୍ରାଧାନ୍ୟ ଦିଆଯାଉଛି। କିନ୍ତୁ କିଛି ଅଞ୍ଚଳରେ କିଛି ଦଣ୍ଡୁଆ ଭକ୍ତ ମାନେ ଦଣ୍ଡ ଯାତ୍ରା ମାହାତ୍ମ୍ୟ ଉପରେ ନୃତ୍ୟ ପରିବେଷଣ କରୁଛନ୍ତ ।ନୟାଗଡ଼ ର ମୁଖ୍ୟତଃ ଗାଁ ରାଜପାଟଣା, ସଠିଆପଲ୍ଲୀ, ଖୁଟୁବନ୍ଧ, ବଢ଼ିଆ ସାହି, କାଉଁରିପାଟଣା, ସିନ୍ଦୁରିଆ, ଦୁର୍ଗାପ୍ରସାଦ, ଦେଉଳପଲ୍ଲି ଓ ଘଡୁଆଳ ଆଦି ଗ୍ରାମର ଦଣ୍ଡ ଠାକୁରଙ୍କୁ ବିଭିଉ ଗାଁ କୁ ଗାଁ ପରିଭ୍ରମଣ କରିବା ସହ ଦଣ୍ଡ ନୃତ୍ୟ ପରିବେଷଣ କରାଯାଉଛ। ନୟାଗଡ଼ ର ପ୍ରତ୍ୟକ ଶିବଭକ୍ତମାନେ ଏହି ଦଣ୍ଡ ଯାତ୍ରାରେ ଅଂଶଗ୍ରହଣ କରୁଥିବା ଦେଖାଯାଇଛ।

## ବିଶ୍ୱ ସ୍ୱାସ୍ଥ୍ୟ ଦିବସରେ ପାରାଦୀପ ପିଏଚଓ ପକ୍ଷରୁ ବିଭିନ୍ନ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ



ପାରାଦୀପ (ମହାଭାରତ): ସ୍ୱାସ୍ଥ୍ୟ ସମସ୍ୟା ଓ ଏଥିରେ ଉନ୍ନତି ଆଣିବା କ୍ଷେତ୍ରରେ ସଚେତନତା ସୃଷ୍ଟି କରିବା ପାଇଁ ପ୍ରତିବର୍ଷ ଅପ୍ରେଲ ୭ ତାରିଖରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଥାଏ । ଚଳିତ ୨କ୍ଟ୨୫ ବର୍ଷ 'ସୁସ୍ଥ ଆରମ୍ଭ,ଆଶାନ୍ୱିତ ଭବିଷ୍ୟତ' ଶୀର୍ଷକ ବିଷୟବସ୍ତୁ ଉପରେ ଆଧାରିତ ଥିଲା ।ଏହି ପରିପ୍ରେକ୍ଷୀରେ ପାରାଦୀପ ସ୍ଥିତ ପୋର୍ଟ ହେଲଥ ଅର୍ଗାନାଇଜେସନ (ପିଏଚଓ) ବା ବନ୍ଦର ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ସ୍ଥାନୀୟ ଏନଏସି ଉଚ୍ଚ ବିଦ୍ୟାଳୟରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ସୋମବାର ଦିନ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ମାନଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧୀୟ ସଚେତନତା କରାଯିବା ସହ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପରେ ବକ୍ତୃତା ପ୍ରତିଯୋଗିତା, ପୋଷ୍ଟର ତିଆରି ଓ ଡ୍ରଇଁ ପ୍ରତିଯୋଗିତା ସମେତ ମେଡିକାଲ ଆଶୁ ଚିକିତ୍ସା ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ଉପଯୋଗୀ ଇତ୍ୟାଦି ଉପରେ ସମ୍ୟକ ପ୍ରଶିକ୍ଷଣ ଦିଆଯାଇଥିବା ନେଇ ପାରାଦୀପ ପିଏଚଓ ପକ୍ଷରୁ ଏକ ପ୍ରେସ ବିଜ୍ଞପ୍ତି ରୁ ପ୍ରକାଶ ।

## ସପ୍ତମ ଦିନରେ ଓଡ଼ିଆ ପକ୍ଷ ପାଳନ ଉତ୍ସବ , ଛାତ୍ର,ଛାତ୍ରୀ ଙ୍କୁ ବର୍ଣ୍ଣବୋଧ ବହି ବଣ୍ଟନ

ଦେବଗଡ଼(ମହା ଭାରତ)ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ଦେବଗଡ଼ ଜ଼ିଲ୍ଲା ପ୍ରଶାସନ ପକ୍ଷରୁ ଓଡ଼ିଆ ପକ୍ଷ ପାଳନ ସପ୍ତମ ଦିବସରେ ଆଜି ସକାଳ ୮ ଘଟିକା ରେ ବାଳକ ପ୍ରାଥମିକ ବିଦ୍ୟାଳୟ ଓ ମନ୍ଦାକିନୀ ବାଳିକା ବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନଙ୍କୁ ବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜ଼ିଲ୍ଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥିଭାବେ ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ ଭୋଜ, ଜ଼ିଲ୍ଲା ନିୟୋଜନ ଅଧିକାରୀ ବିଜୟ କୁମାର ଉପାଧ୍ୟାୟ, ଜ଼ିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜ଼ିଲ୍ଲା ସୂଚନା ଓ ଲୋକ ସମ୍ପର୍କ ତଥା ଜ଼ିଲ୍ଲା ସଂସ୍କୃତି ଅଧିକାରୀ ମନୋରଞ୍ଜନ ସୂତାର ଯୋଗଦେଇ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ ଶୁଭାରମ୍ଭ କରିଥିଲେ ।ଏହି କାର୍ଯ୍ୟକ୍ରମ ରେ ସିଆରସି ପ୍ରାଣବନ୍ଧୁ ଘୋଡେଇ, ଚୂଡ଼ାମଣି ସାହୁ, ଉଦୟ କୁମାର ପ୍ରଧାନ, ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ର ଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । କଚେରୀ ସାହି, ୱାର୍ଡ ନଂ ୪, ଭୂୟାଁ ସାହି, ପତ୍ରାପାଲି ବିଦ୍ୟାଳୟ ରେ ଉପ ଜ଼ିଲ୍ଲାପାଳ ପରକ୍ଷିତ ସାହୁ ଙ୍କ ଦ୍ୱାରା ବ□ନ କରାଯାଇଥିଲାୟ ଗୋକନେଶ୍ୱର, ଧରଣୀଧର ଓ ହାତୀଶାଳ ପ୍ରାଥମିକ ବିଦ୍ୟାଳୟ ରେ ତହସିଲଦାର କର୍ଣ୍ଣ ମଲ୍ଲିକ ଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ରିଆମାଳ ବ୍ଲକ ରେ ସରକାରୀ ପ୍ରାଥମିକ ବିଦ୍ୟାଳୟ ରିଆମାଳ, ତିମୂର ପ୍ରାଥମିକ ବିଦ୍ୟାଳୟ, ଧରମପୁର ପ୍ରାଥମିକ ବିଦ୍ୟାଳୟ ରେ ଗୋଷ୍ଠୀ ଉଭୟନ ଅଧିକାରୀ, ରିଆମାଳ ଆଦିତ୍ୟ ପଣ୍ଡା ଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। ବାରକୋଟ ବ୍ଲକ ର ଡ଼ଅଁରା ପ୍ରାଥମିକ ବିଦ୍ୟାଳୟ, ଝୁମ୍ପୁରା ପ୍ରାଥମିକ ବିଦ୍ୟାଳୟ ଓ ପି ଏସ ନୋଡାଲ ବିଦ୍ୟାଳୟ ରେ ଜ଼ିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁର, ଗୋଷ୍ଠି ଉଭୟନ ଅଧିକାରୀ ବାରକୋଟ ସିଦ୍ଧେଶ୍ୱର ନାୟକ, ତହସିଲଦାର ରବୀନ୍ଦ୍ର ସାମଲ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଙ୍କ ଦ୍ୱାରା ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା। ତିଲେଇବଣି ବ୍ଲକ ରେ ଗୋଷ୍ଠୀ ଉଭୟନ ଅଧିକାରୀ ପ୍ରିୟଦର୍ଶନୀ ମିଁଦ୍ଧା, ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁ, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଦର୍ଶନ କୁମାର ପୁରୋହିତ, ଗ୍ରାମ ପଞ୍ଚାୟତ ଉଭୟନ ଅଧିକାରୀ କିଶୋର ଚନ୍ଦ୍ର ନାଏକ ଙ୍କ ଦ୍ୱାରା ପ୍ରଥମ ରୁ ତୃତୀୟ ଶ୍ରେଣୀ ଛାତ୍ର ଛାତ୍ରୀ ଜରେଇକେଲା, ତିଲେଇବଣି, ବିଳେଇଘାଟି, ବିନ୍ଧୁପୁର ପ୍ରାଥମିକ ବିଦ୍ୟାଳୟରେ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା। ତିନି ବ୍ଲକ ଓ ଜ଼ିଲ୍ଲା ସଦରମହକୁମା ରେ ସର୍ବମୋଟ ୭୦୦ ବର୍ଣ୍ଣବୋଧ ପୁସ୍ତକ ବଣ୍ଟନ କରାଯାଇଥିଲା।

## ଜଙ୍ଗଲ ଜମିରେ ବେଆଇନ ଭାବେ ଚାଲିଛି ଘର ନିର୍ମାଣ,



ଦାନଗଦୀ : (ମହାଭାରତ) ରାଜ୍ୟ ସରକାର ସରକାରୀ ଜମି ଜବରଦଖଲ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଉଥିବା ବେଳେ ଦାନଗଦି ତହସିଲ ଅଧୀନରେ ଜବର ଦଖଲ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି।ବ୍ଲକ ଓ ତହସିଲ ଅଫିସ ଚାରିପାଖରେ ଥିବା ଗାଁ ଗୁଡିକରେ ଜବର ଦଖଲ ବଢୁ ଥିବା ବେଳେ ପ୍ରଶାସନିକ ଅଫିସର କିପରି ଦେଖି ପାରୁନାହାନ୍ତି କି ଜାଣି ପାରୁନାହାନ୍ତି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି, ତ୍ରିଜଙ୍ଗାପଞ୍ଚାୟତ ର ଦାନଗଦୀ ଗାଁ ଭିତରେ ଦୁଇଜଣ ଠିକାଦାର ଲକ୍ଷାଧିକ ଟଙ୍କାରେ ରକ୍ଷିତ ଜାଗା (ଜଙ୍ଗଲ ଜମି ) ଯାହାର ଖାତା ନମ୍ବର ୫୦୧ପ୍ଲଟ ନମ୍ବର ୫୫୦ ରେ ୦.୩୧୦ ଏକରୁ ଉର୍ଦ୍ଧ ଜାଗାକୁ ବେଆଇନ ଦଖଲ କରି ମେସିନ ଲଗାଇ ଜାଗାକୁ ସମତଳ କରି ଘର ଆରମ୍ଭ କରିଥିଲେ।, ଠିକାଦାର ମାନେ ନିର୍ଭୟରେ ସରକାରୀଜମି ଦଖଲ କରୁଛନ୍ତି।ତହସିଲ ଅଫିସ ଅଳ୍ପ ଦୂର ରେ ଏପରି ଜବର ଦଖଲ ବୃଦ୍ଧି ପାଉଥିବା ବେଳେ ତହସିଲଦାର ନୀରବ ରହିବାର କାରଣ କଣ କିଛି ବୁଝା ପଡୁନାହିଁ।ରାଜସ୍ୱ ନିରକ୍ଷକ ତଦନ୍ତ ରେ ସୀମିତ।ପ୍ରଶାସନ ଦୃଷ୍ଟି କୁ ଲୋକମାନେ ଆଣୁଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ହେଉ ନାହଁ କିପରି ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରୁଛି,ସବୁଆଡେ ସରକାରୀ ଜମିକୁ ଜବର ଦଖଲ କରି ବାହାର ଲୋକ ମାନେ ବେଇଆନ ନିର୍ମାଣ କରିଚାଲିଛନ୍ତି କିନ୍ତୁ ଆଲୋଚନା ହେଉଛି ପ୍ରଶାସନ ସବୁ ଜାଣି ଶୁଣି ଅର୍ଥ ମାୟା ରେ ବାୟା ହୋଇ ସେମାନଙ୍କୁ ସୁରକ୍ଷା ଯୋଗାଇ ଦେଉଛି, ଜାଗା କୁ ଚିଉଟ କରି ଜବର ଦଖଲ ମୁକ୍ତ କରିବା ପାଇଁ ସାଧାରଣରେ ଦାବୀ ହେଉଛି ।

## ଉଦଳା ଓକିଲ ସଂଘର ନବ ନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ

କପ୍ତିପଦା /ଉଦଳା -(ମହାଭାରତ ): କପ୍ତିପଦା /ଉଦଳା - ଉଦଳା ଓକିଲ ସଂଘ ତରଫରୁ ଗତ ୨୯ ତାରିଖରେ ଅନୁଷ୍ଠିତ ହୋଇଥିବା ବାର୍ଷିକ ନିର୍ବାଚନରେ ନିର୍ବାଚିତ ହୋଇଥିବା କର୍ମକର୍ତ୍ତା ମାନଙ୍କର ଶପଥ ଗ୍ରହଣ ଉତ୍ସବ ସକାଳ ୧୦ ଘଟିକା ସମୟରେ ଉଦଳା ଓକିଲ ସଂଘ ଗୃହରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ନିର୍ବାଚନ ସମ୍ବନ୍ଧୀୟ ବିବରଣୀ ପାଠ କରିବା ପରେ ନବ ନିର୍ବାଚିତ କର୍ମକର୍ତ୍ତା ଓ କାର୍ଯ୍ୟକାରୀ ସଦସ୍ୟମାନଙ୍କ ନାମ ଘୋଷଣା କରିବା ସହିତ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ତତ ପରେ ନିର୍ବାଚନ ଅଧିକାରୀ ସଭାପତି ଭାବେ ଲମ୍ବୋଦର ବେହେରା, ଉପସଭାପତି ମନୋଜ କୁମାର ଦାସ, ସମ୍ପାଦକ ବସନ୍ତ କୁମାର ପରିଡା, ସହ ସମ୍ପାଦକ ରବୀନ୍ଦ୍ର ଜେନା, କୋଷାଧକ୍ଷ ଦିଲ୍ଲୀପ କୁମାର ବାସ୍କେ ଏବଂ କାର୍ଯ୍ୟକାରୀ କମିଟି ସଦସ୍ୟ ଦିଲ୍ଲୀପ କୁମାର ପରିଡା,



ରତିକାନ୍ତ ସାହୁ, ରବୀନ୍ଦ୍ର ନାଥ ସାହୁ, ରାଜକିଶୋର ହେମ୍ବ୍ରମଙ୍କୁ ପଦ ଗୋପନୀୟତାର ସହ ଶପଥ ପାଠ କରାଇଥିଲେୟ ତତପରେ ସଭାପତି ସଭ୍ୟ ମାନଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ଭବିଷ୍ୟତ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ସମ୍ପାଦକ ନିର୍ବାଚିତ ହେବା ପରେ ନିର୍ବାଚନ ଅଧିକାରୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏବଂ ନିର୍ବାଚନ ଅଧିକାରୀ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ କରିଥିବାରୁ ସଂଘ ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଶପଥ ଗ୍ରହଣ ଉତ୍ସବରେ ବହୁ ଆଇନଜୀବି ମାନେ ଯୋଗ ଦେଇଥିଲେୟ

## ଚଳନ୍ତା ଟ୍ରେନରୁ ଖସି ଯୁବକ ମୃତ

ଖୋର୍ଦ୍ଧା(ମହାଭାରତ): ଖୋର୍ଦ୍ଧା ରେଳ ଡିଭିଜନ ବାଲୁଗାଁ କିମ୍ବିରପଡା ନିକଟସ୍ଥ ରେଳ ଲାଇନରୁ ଯୁବକଙ୍କ ମୃତ ଦେହ ଉଦ୍ଧାର କରିଛି ବାଲୁଗାଁ ପୋଲିସ। ମୃତକ ଯୁବକ ଜଣକ ବାରିପଦା ଟାଉନର ୩୫ବର୍ଷୀୟ ତୋଫାନ ନାୟକୟ ଘଟଣା ସ୍ଥଳରେ ବାଲୁଗାଁ ରେଳ ବିଭାଗ ଏବଂ ବାଲୁଗାଁ ପୋଲିସ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ବାଲୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ବାଲୁଗାଁ ପୋଲିସ ଏବଂ ରେଳ ସୁରକ୍ଷା ବଳ ତରଫରୁ ଅଧିକ ତଦନ୍ତ ଜାରି ରହିଛି।

## ସାମ୍ବାଦିକ ଙ୍କ ମାତୃ ବିୟୋଗରେ କାର୍ଯ୍ୟରତ ସାମ୍ବାଦିକ ଙ୍କ ଶୋକ

ପାରାଦୀପ (ମହାଭାରତ)ପାରାଦୀପ ର ଜଣାଶୁଣା ସାମ୍ବାଦିକ ତଥା କେନ୍ଦ୍ର ସରକାର ଙ୍କ ସ୍ୱୀକୃତିପ୍ରାପ୍ତ ନୋଟାରୀ ପବ୍ଲିକ ରବୀନ୍ଦ୍ର କୁମାର ଜେନା ଙ୍କ ମା ରେଣୁବାଳା ଜେନା (୮କ୍ଟ) ବର୍ଷ ବୟସରେ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ମେଡିକାଲ ରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ସକାଳେ ପରଲୋକ ହୋଇଯାଇଛି । ତାଙ୍କ ପାର୍ଥିବ ଶରୀର କୁ ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ନିକଟସ୍ଥ ନିଜ ବରେଇ ଗ୍ରାମ ସ୍ଥିତ ବସଭବନ କୁ ଶେଷ ଦର୍ଶନ ପାଇଁ ଅଣାଯାଇ ପୁରୀରେ ସଂସ୍କାର କରାଯାଇଥିଲା । ସ୍ୱର୍ଗତ ରେଣୁବାଳା ଜଣେ ମିଷ୍ଟଭାଷୀ ଓ ଧର୍ମ ପରାୟଣ ମହିଳା ଥିଲେ । ତାଙ୍କ ବିୟୋଗରେ ନିଜ ଗ୍ରାମରେ ଶୋକର ଛାୟା ଖେଳି ଯାଇଥିବା ବେଳେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ଭାଗିରଥି ମଲ୍ଲିକ,ରାକେଶ ପଟ୍ଟନାୟକ, ସଞ୍ଜୟ ମିଶ୍ର, ଜଗନ୍ନାଥ ଶତପଥୀ, ବିବେକାନନ୍ଦ ରାଉତ, ପ୍ରଭାତ ମହାପାତ୍ର ପ୍ରମୁଖ ଙ୍କ ସମେତ ପାରାଦୀପ ବାର ଆସୋସିଏସନ ର ସଭାପତି ତପନ କୁମାର ଦାଶ,ସାଧାରଣ ସମ୍ପାଦକ ହେମନ୍ତ ସାହୁ, ଉପସଭାପତି ତଥା ପୌରାଧକ୍ଷ ବସନ୍ତ ବିଶ୍ୱାଳ,କୈଳାଶ ସାହୁ, ବଣିକ ସଂଘ ସଭାପତି କ୍ଷୀରୋଦ ସ୍ୱାଇଁ, ସମାଜସେବୀ ଶ୍ରୀବଲ୍ଲଭ କର ଓ ବହୁ ବୁଦ୍ଧିଜୀବୀ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

## ଓଡ଼ିଶାରେ ପରିବେଶ ଅନୁକୂଳ ଫ୍ଲାଏ ଆଶ୍ ପରିବହନରେ ବୃଦ୍ଧି ଘଟାଇବା ନିମନ୍ତେ ଡାଲମିଆ ସିମେଣ୍ଟ ପ୍ରଚଳନ କଲା ବିଟିଏପି ରେକ

ରାଜଗାଙ୍ଗପୁର(ମହାଭାରତ): ସିମେ□ କ୍ଷେତ୍ରରେ ଏକ ଅଗ୍ରଣୀ କମ୍ପାନୀ ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡ, ଓଡ଼ିଶା ଶକ୍ତି ଉତ୍ପାଦନ ନିଗମ (ଓପିଜିସି) ସହଯୋଗୀତାରେ ଓଡ଼ିଶାର ରାଜଗାଙ୍ଗପୁରସ୍ଥିତ ତାହାର ସମନ୍ୱିତ ସିମେ□ କାରଖାନାରେ ଫ୍ଲାଏ ଆଶ୍ ପରିବହନ ନିମନ୍ତେ ଏହି ଧରଣର ପ୍ରଥମ ପ୍ରୟାସ ସ୍ୱରୂପ ବିଟିଏପି (ବୋଗି ଟ୍ୟାଙ୍କ ଫର୍ ଆଲୁମିନା ପାଉଡର) ରେକ୍ଗୁଡିକ ସଫଳତାର ସହିତ ଶୁଭାରମ୍ଭ କରିଛି । ସେଗୁଡିକର ଲିକ୍-ପ୍ରୁଫ ଡିଜାଇନ ଏବଂ ସ୍ୱତନ୍ତ୍ର ଏୟାର ଫ୍ଲୁଇଡାଇଜିଂ ବ୍ୟବସ୍ଥା ନିମନ୍ତେ ବିଟିଏପି ୱାଗନଗୁଡିକ ଫ୍ଲାଏ ଆଶ୍ ପରିବହନ ସମୟରେ ଧୂଳି ନିର୍ଗତକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିବାରେ ସହାୟକ ହେଉଛି । ଏହି ପ୍ରଥମ ବିଟିଏପି ରେକ୍ଗୁଡିକରେ ବେଲପାହାଡରୁ ରାଜଗାଙ୍ଗପୁର ପର୍ଯ୍ୟନ୍ତ ଫ୍ଲାଏ ଆଶ୍ ପରିବହନ କରାଯାଇଥିଲା, ଯଦ୍ୱାରା ଉକ୍ତ ପଦାର୍ଥ ନିରାପଦରେ, ସୁସଂହତ



ଭାବରେ ଏବଂ ଏକ ପରିବେଶ ଦୃଷ୍ଟିରୁ ଦାୟିତ୍ୱସମ୍ପନ୍ନ ଭାବରେ ପରିବହନ କରାଯିବା ସୁନିଶ୍ଚିତ କରାଯାଇଥିଲା । ବିଟିଏପିର ବିସି୧ ସ୍ଲାଗ ହପର ନିକଟସ୍ଥ ଅନଲୋଡିଂ ସେକ୍ସନ ନିକଟରେ ଏହାର ଶୁଭାରମ୍ଭ ଉତ୍ସବ ଶ୍ରୀ ମାନସ ରାଉତ, ଏମ୍ ଡି ଏବଂ ଅପରେସନ୍ସ ଡାଇରେକ୍ଟର, ଓପିଜିସି ଏବଂ ଡିସିବିଏଲ୍ ରାଜଗାଙ୍ଗପୁର ଅପରେସନ୍ସ ଟିମ୍ର ବରିଷ୍ଠ ପ୍ରତିନିଧିଗଣଙ୍କ ଉପସ୍ଥିତିରେ କରାଯାଇଥିଲା । ଏହି ପ୍ରୟାସ ଦୀର୍ଘସ୍ଥାୟୀ ଲଜିଷ୍ଟିକ୍ସ ଦିଗରେ ଡାଲମିଆ ସିମେଣ୍ଟର ଯାତ୍ରାରେ ଆଉ ଏକ ମାଇଲଖୁ□ ହୋଇଛି ।ପୂର୍ବରୁ କମ୍ପାନୀ ସେଲ୍ ରାଉରକେଲା ଷ୍ଟିଲ ପ୍ଲାଣ୍ଟ (ଆରଏସ୍ପି)ରୁ ଏହାର ୟୁନିଟକୁ ସ୍ଲାଗ ପରିବହନ ନିମନ୍ତେ ବିଦ୍ୟୁତଚାଳିତ ଯାନ (ଇଭି) ବ୍ୟବହାର କରିବାରେ ଅଗ୍ରଣୀ ରହିଥିଲା, ଯାହା ସ୍ୱଚ୍ଛ ଓ ସବୁଜ ଯୋଗାଣ ଶୃଙ୍ଖଳ ପ୍ରତି ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି । ଶୁଷ୍କ ଫ୍ଲାଏ ଆଶ୍ ପରିବହନ ନିମନ୍ତେ ସମ୍ପ୍ରତି ବିଟିଏପି ରେକ୍ଗୁଡିକ ନିୟୋଜିତ କରାଯିବା ଏହି ଗତିଶୀଳତାକୁ ଅଧିକ ଆଗେଇନେବା ସହିତ ପରିବେଶ ଅନୁକୂଳ ଶିଳ୍ପ କାର୍ଯ୍ୟାଭ୍ୟାସରେ ଡିସିବିଏଲ୍ର ନେତୃତ୍ୱକୁ ଅଧିକ ଦୃଢୀଭୂତ କରୁଛି ୟ ଏହି ପ୍ରୟାସ ସମ୍ପର୍କରେ ମତ ଦେଇ ଶ୍ରୀ ଚେତନ ଶ୍ରୀବାସ୍ତବ, ଏକଜିକ୍ୟୁଟିଭ ଡାଇରେକ୍ଟର,ଡିସିବିଏଲ ଏବଂ ୟୁନିଟ ହେଡ୍, ରାଜଗାଙ୍ଗପୁର କହିଥିଲେ, ଡାଲମିଆ ସିମେ□ରେ ଆମେ ଆମର ସମସ୍ତ କାର୍ଯ୍ୟ ପରିଚାଳନାରେ ଦୀର୍ଘସ୍ଥାୟୀ ଏବଂ ସୁସଂହତ କାର୍ଯ୍ୟାଭ୍ୟାସକୁ ଅଗ୍ରାଧିକାର ଦେଇଆସୁଛୁ । ଫ୍ଲାଏ ଆଶ୍ ପରିବହନ ନିମନ୍ତେ ବିଟିଏପି ରେକ୍ଗୁଡିକର ବ୍ୟବହାର ଆମର ଆବର୍ତ୍ତୀ ଅର୍ଥନୀତି ଆଭିମୁଖ୍ୟକୁ ସୁଦୃଢ଼ କରିବା ସହିତ ସ୍ୱଚ୍ଛ ଲଜିଷ୍ଟିକ୍ସ ଜରିଆରେ ପରିବେଶଗତ ପ୍ରଭାବକୁ ସର୍ବନିମ୍ନ ସ୍ତରରେ ରଖିବାରେ ସହାୟକ ହେଉଛି । ଏହି ପ୍ରୟାସରେ ଓପିଜିସି ସହିତ ସହଯୋଗୀତା କରିବା ନେଇ ଆମେ ଗର୍ବିତ ଅନୁଭବ କରୁଛୁ ଏବଂ ଏହି ମଡେଲକୁ ଅଧିକ ଆଗକୁ ନେବାକୁ ଲକ୍ଷ୍ୟ ରଖିଛୁ ।ଏହି ମାଇଲଖୁଣ୍ଟ□ ଦୀର୍ଘସ୍ଥାୟୀ ପାଉଁଶ ବ୍ୟବହାର କ୍ଷେତ୍ରରେ ଏକ ଉଲ୍ଲେଖନୀୟ ପଦକ୍ଷେପକୁ ଦର୍ଶାଉଛି ଏବଂ ଏହା ଫ୍ଲାଏ ଆଶ୍ ପରିବହନ ସହିତ ସଂଯୁକ୍ତ ଧୂଳି ନିର୍ଗତ ପରିମାଣ ହ୍ରାସରେ ସହାୟକ ହେଉଛି । ଲିବରାଲାଇଜଡ୍ ସ୍ପେଶାଲ ଫ୍ରେଟ୍ ଟ୍ରେନ ଅପରେଟର (ଏଲଏସଏଫ୍ଟିଓ) ଯୋଜନା ଅଧୀନରେ ବିଟିଏପି ପ୍ରଯୁକ୍ତିର ଉପଯୋଗ କରି ଡାଲମିଆ ସିମେଣ୍ଟ ଏବଂ ଓପିଜିସି ସ୍ୱଚ୍ଛ ଲଜିଷ୍ଟିକ୍ସକୁ ଅଧିକ ଆଗେଇ ନେଉଥିବାବେଳେ ତାହାସହିତ ଆବର୍ତ୍ତୀ ଅର୍ଥନୈତିକ କାର୍ଯ୍ୟାଭ୍ୟାସକୁ ପ୍ରୋତ୍ସାହିତ କରୁଛନ୍ତି ।ଡାଲମିଆ ସିମେଣ୍ଟର ରାଜଗାଙ୍ଗପୁର କାରଖାନା ନିରନ୍ତର ଭାବରେ ନବୋନ୍ମେଷୀ ଏବଂ ପରିବେଶ ସମ୍ବେଦନଶୀଳ ଅଭ୍ୟାସଗୁଡିକ ତାହାର ସମସ୍ତ କାର୍ଯ୍ୟରେ ଲାଗୁ କରିବାରେ ଅଗ୍ରଣୀ ରହିଆସିଛି, ଯେଉଁଥିରେ ଉକ୍ତ ଅଞ୍ଚଳରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟସମୂହକୁ ସମର୍ଥନ କରିବାକୁ ଶିଳ୍ପଗତ ସହଯୋଗୀତା ଉପରେ ମଜଭୁତ ଭାବରେ ଦୃଷ୍ଟିନିବଦ୍ଧ କରୁଛି ।

## ନବରଙ୍ଗପୁରଠାରେ ଜିଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନଶୁଣାଣି ଶିବିର ଅନୁଷ୍ଠିତ



ନବରଙ୍ଗପୁର (ମହାଭାରତ):ଆଜି ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ନବରଙ୍ଗପୁର ଜିଲ୍ଲାପାଳ ଡା ଶୁଭଙ୍କର ମହାପାତ୍ର ଏବଂ ଆରକ୍ଷୀ ଅଧୀକ୍ଷକ ମିହିର କୁମାର ପଣ୍ଡାଙ୍କ ଯୁଗ୍ମ ଅଧକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଉପ ଜିଲ୍ଲାପାଳ ନବରଙ୍ଗପୁର ପ୍ରକାଶ କୁମାର ମିଶ୍ର,ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ ସନ୍ତୋଷ କୁମାର ପଣ୍ଡା ଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।ଏହି ଜନ ଶୁଣାଣି ଶିବିରରେ ମୋଟ ୩୮ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେୟ ସେଥିମଧ୍ୟରୁ ୩୩ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ଅଭିଯୋଗ ମୂଳତଃ ରାସନ କାର୍ଡ, ରାସ୍ତା ନିର୍ମାଣ,ପାନୀୟ ଜଳ,ବିଦ୍ୟାଳୟ ପାଇଁ ଅଧିକ ଶ୍ରେଣୀ ର ବ୍ୟବସ୍ଥା,ବିଜୁଳି ସମସ୍ୟା, ନଳକୂପ ବସାଇବା,ଜମି ମାମଲା ଉପରେ ଥିଲା।

## ବାଲିଗୁଡା ଦଣ୍ଡ ପଦର ଠାରେ ପ□ୁଦଣ୍ଡରେ ହଜାର ,ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ



ବାଲିଗୁଡା(ମହାଭାରତ): କନ୍ଧମାଳ ଜିଲ୍ଲା ବାଲିଗୁଡା ଦଣ୍ଡପଦରର ଠାରେ ପଞ୍ଚୁଦଣ୍ଡର ମହାମିଳନ ଅନୁଷ୍ଠିତ ।ଏହି ପଞ୍ଚୁଦଣ୍ଡ ଦେଖିବାକୁ ଆଖପାଖ ଅଞ୍ଚଳରୁ ହଜାର ,ହଜାର ସଂଖ୍ୟାରେ ଜନ ସମାଗମ ହୋଇ ମାଁଙ୍କ ଆଶ୍ରୀବାଦ ଗ୍ରହଣ କରିଥିବା ଦେଖିବାକୁ ମିଳିଥିଲା ।ପ୍ରଥମ କରି ଦଣ୍ଡପଦରର କମିଟି ପକ୍ଷରୁ ପଞ୍ଚୁଦଣ୍ଡ ଆୟୋଜନ କରାଯାଇଥିବା କହିଛନ୍ତି କମିଟିର ସଦସ୍ୟମାନେ ।ପ୍ରଥମେ ପାଞ୍ଚ ମା କାଳୀଙ୍କୁ ଆମନ୍ତ୍ରଣ କରାଯାଇଥିଲା ଓ ଧୁଳିଦଣ୍ଡ,ପାଣିଦଣ୍ଡ,ଅଗ୍ନିଦଣ୍ଡ ପ୍ରଦର୍ଶନ କରିଥିଲେ ଦଣ୍ଡୁଆମାନେ ।ଏହାକୁ ଉପଭୋଗ କରିଥିଲେ ହଜାର,ହଜାର ଶ୍ରଦ୍ଧାଳୁ ୟଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ମୃତୟନ ହୋଇଥିବା ଦେଖିବାକୁ ମିଳିଥିଲା ।ଏହି ପଞ୍ଚୁଁଦଣ୍ଡ ମିଳନରେ ସ୍ଥାନୀୟ ବିଧାୟକ ଚକ୍ରମଣି କହଁର,ବିଜେଡି ବ୍ଲକ ସଭାପତି ଟୁନାଦାସ,ଏନ୍‌ଏସି ଅଧକ୍ଷ ଗୋବିନ୍ଦ ପ୍ରଧାନ,ବାଲିଗୁଡା ଏସଡିପିଓ ଓ ଉପଜିଲ୍ଲାପାଳ ଯୋଗଦେଇ ମାଁଙ୍କ ଆଶ୍ରୀବାଦ ଗ୍ରହଣ କରିଥିଲେ ।ରାତ୍ରରେ ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିବା ଦେଖିବାକୁ ମିଳିଥିଲା ।

## ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ନାରାୟଣପାଟଣା (ମହାଭାରତ):ନାରାୟଣପାଟଣା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବ ବିଦ୍ୟାଳୟର ପରିଚାଳନା ସଭାପତି ରମେଶ ଚନ୍ଦ୍ର ଦାସ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉନ୍ତା ଏବଂ ମୁଖ୍ୟ ବକ୍ତା ଗଣେଶ ମାଳି ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା,ବ୍ଲକ ଅଧକ୍ଷ ଗୋଲାଦି ତ୍ରିନାଥ, ନାରାୟଣପାଟଣା ପଞ୍ଚାୟତ ସରପଞ୍ଚ ରେବତୀ କୁନ୍ଦାରୀଆ , ଥାନା ଅଧିକାରୀ ପ୍ରମଦ କୁମାର ନାୟକ , ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ଲିମା,ନରେନ୍ଦ୍ର ନାୟକ, ବିଦ୍ୟାଳୟର ସଭାପତି ରମେଶ ଚନ୍ଦ୍ର ଦାସ, ବିଦ୍ୟାଳୟର ପରିଚାଳନା ସମ୍ପାଦକ ପ୍ରଦୀପ ପଣ୍ଡା, ବିଦ୍ୟାଳୟର ପରିଚାଳନା ଉପ ସଭାପତି ଏନ ବିନଦ କୁମାର, ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ କେତ୍ରୋମହନ ବାଗ ,ବୁଦ୍ଧିଜୀବୀ ପ୍ରଭୁ ଜଗନ୍ନାଥ ପୂଜକ ତ୍ରିନାଥ ତ୍ରିପାଠୀ, ଅବସର ପ୍ରାପ୍ତ ଶିକ୍ଷକ କେ ନାଗେଶ୍ୱର ପଟନାୟକ, ପ୍ରମୁଖ ଯୋଗ ଦେଇଥିଲେ ମଞ୍ଚାସୀନ ତିଲେ। ଅତିଥି ମାନଙ୍କ ଦ୍ୱାରା ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲାୟ ସମ୍ପାଦକ ପ୍ରଦୀପ ପଣ୍ଡା ଅତିଥିଙ୍କୁ ସ୍ୱାଗତ ପାଠ କରିଥିଲେ । ଉତ୍ତମ ଛାତ୍ର ଗଠନରେ ମାତାପିତାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ରଖିଥିଲେ। ପରିଚାଳାନା ସମିତି ସମ୍ପାଦକ ପୁରନମଲ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ୨୦୨୪-୨୫ ଶିକ୍ଷା ବର୍ଷରେ ସର୍ବାଧିକ ଉପସ୍ଥାନ, ସରକାରୀ ବୃତ୍ତି, ଆଦର୍ଶ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ,ଏକଲବ୍ୟ ଆଦର୍ଶ ବିଦ୍ୟାଳୟରେ ଦକ୍ଷତା ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲାୟ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟ କାମନା କରି ନିଜ ନିଜ ଅଭିଭାଷଣ ପ୍ରଦାନ କରିଥିଲେ । ବାର୍ଷିକ ଉତ୍ସବ ଲାଗି ଅନୁଷ୍ଠିତ ପ୍ରବନ୍ଧ ଲିଖନ, ସଙ୍ଗୀତ ଓ ଗଳ୍ପ କଥନ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଶିଶୁ ଓ ବାର୍ଷିକ କ୍ରୀଡ଼ାର ଶ୍ରେଷ୍ଠ କ୍ରୀଡ଼ାବିତ ଓ ସରକାରୀ ବୃଦ୍ଧି ପାଇଥିବା ଶିଶୁଙ୍କୁ ପୁରସ୍କୃତ କରାଯାଇଥିଲା ପରେ ଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କ ର ଯା ଇ ଥି ଲା କା ର୍ଯ୍ୟ କ୍ର ମ କୁ ବିଦ୍ୟାଳୟର ପରିଚାଳନା ଉପ ସଭାପତି ଏନ ବିନଦ କୁମାର ପରିଚାଳନା କରିଥିବାବେଳେ ବିଦ୍ୟାଳୟର ଉପଦେଷ୍ଟା ଗୁରୁଜୀ ଗୁରୁମା ଓ କର୍ମଚାରୀମାନେ ସହଯୋଗ କରିଥିଲେ । ବିଦ୍ୟାଳୟର ଉପଦେଷ୍ଟା ଏସ ତ୍ରିନାଥ ଅତିଥି ପରିଚୟ ସହ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଦ୍ୟୁତ ଆଲୁଅ ରୁ ବଞ୍ଚିତ ବାଢାଯୋଡି ଅଞ୍ଚଳ ବାସୀ

## ଅନ୍ଧକାରରେ ରହୁଛନ୍ତି ଅନେକ ଗାଁ

କନ୍ଧମାଳ:(ମହାଭାରତ):ସ୍ୱାଧୀନତା ବହୁତ ବର୍ଷ ବିତିଯାଇଥିଲେ ସୁଧା ଆଜିବି ଅନ୍ଧକାର ଭିତରେ ରହି ଆସୁଛନ୍ତି ଅପହଞ୍ଚ ଇଲାକା ର ଜନସାଧାରଣ । ବିଦ୍ୟୁତ ଆଲୁଅ ଦେଖିବା ଏକ ଅଞ୍ଚଳ ବାସୀ ଙ୍କ ପାଇଁ ସପ୍ନ । ଡିବିରି ଆଲୁଅ ରେ ବିତୁଛି ଦିନ ଗୋଟିଏ ଦିନ ନୁହେଁ ମାସ ମାସ ବର୍ଷ ବର୍ଷ । କିନ୍ତୁ କେନ୍ଦ୍ର ଓ ରାଜ୍ୟ ସରକାର ଅନେକ ମାଳ ମାଳ ଯୋଜନା ପ୍ରସ୍ତୁତ କରି ଅଞ୍ଚଳ ବିକାଶ ପାଇଁ ଯୋଜନା ପରେ ଯୋଜନା ପ୍ରସ୍ତୁତ କରି ଅଞ୍ଚଳ ବିକାଶ ପାଇଁ ଯୋଜନା ପ୍ରସ୍ତୁତ କରନ୍ତି ସତ କିନ୍ତୁ ଆଜିବି ବିଦ୍ୟୁତ ଆଲୁଅ ରୁ ବଞ୍ଚିତ । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପାଙ୍ଗା ଉପରସାହି ପଞ୍ଚାୟତ ଅନ୍ତର୍ଗତ ବାଢାଯୋଡି ରେ ୨୦ ଉର୍ଦ୍ଧ ଘର ରହିଥିବା ବେଳେ ମାଦାପାଙ୍ଗା ୭ ରୁ ଉର୍ଦ୍ଧ ପରିବାର ଆଜି ପର୍ଯ୍ୟନ୍ତ ଅଞ୍ଚଳ ବାସୀ



ବିଦ୍ୟୁତ ଆଲୁଅ ରୁ ବଞ୍ଚିତ ରହି ଆସୁଥିବା ବେଳେ ବାରମ୍ବାର ବିଦ୍ୟୁତ ଆଲୁଅ ସଂଯୋଗ ପାଇଁ ଦାବି କରିଥିଲେ ମଧ କେହି ଶୁଣୁନାହାନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ ସମେତ ସ୍ଥାନୀୟ ସରପଞ୍ଚ ରଶ୍ମିତା କହଁର ଅଭିଯୋଗ କରିଛନ୍ତି । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ଏହି ଭଳି ଜଙ୍ଗଲ ଘେରା ଦୁର୍ଗମ ଅଞ୍ଚଳ ର ନିରିହ ଜନସାଧାରଣ ବିଦ୍ୟୁତ ସଂଯୋଗ ହୋଇ ନଥିବା ଯୋଗୁ ଅନ୍ଧକାର ରାତିରେ ଛାତ୍ର ଛାତ୍ରୀ ପାଠ ପଢିବା ପାଇଁ କେଣ୍ଡେଲ କିମ୍ବା ଡିବିରି ଆଲୁଅ ହିଁ ସାହା ଭରଷା । ଅନ୍ୟ ପଟେ ଏହି ଭଳି ଭୂର୍ଙ୍ଗିଯୋଡି ପଞ୍ଚାୟତ ଗାଜୁରିଘାଟି ଗାଁ ଠାରୁ ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଜଙ୍ଗଲ ଘେରା ଗାଁ କୁଜିକେତା ସାହି ଏଠି ୪ ପରିବାର ରହି ଆସୁଛନ୍ତି ହାରାହାରି ଜନସଂଖ୍ୟା ୨୫ ରୁ ଉର୍ଦ୍ଧ ପରିବାର ପାଇଁ ଭରଷା ଡିବିରି ଆଲୁଅ ହିଁ ଏକମାତ୍ର ଭରଷା । କିନ୍ତୁ ଏଠି ପ୍ରଶ୍ନ ଉଠୁଛି ପାଇ ପାରିବେ ବିଦ୍ୟୁତ ଆଲୁଅ,ଶୁଣି ପାରିବେ ପ୍ରଶାସନ ତାହା ଦେଖିବାକୁ ବାକି ରହିଛି । ଏଠାକାର ଛୋଟ ଛୋଟ କୋମଳ ଶିଶୁ ମାନଙ୍କ ପାଇଁ ପାଠ ପଢିବା କଷ୍ଟ କର ଥିବା ବେଳେ ରାତ୍ରି ସନ୍ଧ୍ୟା ସମୟରେ ଘର ବାହାର କୁ ଆସିବା ପାଇଁ ଏଠାକାର ଲୋକ ଭୟରେ ଯିବନ ଜାପାନ ନିର୍ଭର କରନ୍ତି । ଏଠାକାର ଜନସାଧାରଣ ବାରମ୍ବାର ବିଦ୍ୟୁତ ଆଲୁଅ ପାଇଁ ଦାବିପତ୍ର ଦେଇଛନ୍ତି ସତ କିନ୍ତୁ ଫଳ ହିଁ ନାହିଁ । ଯୋଜନା ମାଳ ମାଳ କାହା ପାଇଁ ନିରିହ ଜନସାଧାରଣ ଙ୍କ ପାଇଁ । ଆଜିର ଦିନରେ ଗାଁ ଗାଁ ରେ ଘରେ ଘରେ ବିଦ୍ୟୁତ ଆଲୁଅ ରହିଛି କିନ୍ତୁ ଭୂର୍ଙ୍ଗିଯୋଡି ଠାରୁ ୧୦ କିଲୋମିଟର ଦୂର ରେ ଅବସ୍ଥିତ ଏହି ଜଙ୍ଗଲ ଭରା ପାହାଡ଼ ବଣ ପାହାଡ ଘେରା ଦୁର୍ଗମ ପାହାଡିଆ ଛୋଟ ଗାଁ ଟିଏ ଅତି ସୁନ୍ଦର ଘେରା ରେ ଏହି ଗାଁ ଟି ରହିଛି କିନ୍ତୁ ସ୍ୱପ୍ନ ବାକି ରହିଛି ବିଦ୍ୟୁତ ଆଲୁଅ ଅପେକ୍ଷା ରେ ଚାହିଁ ବସିଛନ୍ତି ଅଞ୍ଚଳ ର ନିରିହ ଗରିବ ପରିବା ର ତେଣୁ ଏଠିକାର ଅଞ୍ଚଳ ବାସୀ ଗୋପିନାଥ କହଁର,କିଙ୍ଗା କହଁର,ଲସିବନ କହଁର,ନନ୍ଦି କହଁର, ବିଦ୍ୟୁତ ଆଲୁଅ ଯୋଗାଇ ଦେବା ପାଇଁ ସରକାର ଙ୍କୁ ନିବେଦନ ସହ ଅନୁରୋଧ କରିଛନ୍ତି ପଞ୍ଚାୟତ ବାସୀ। କିନ୍ତୁ ଅଞ୍ଚଳ ସମସ୍ୟା ପାଇଁ ବାଢାଯୋଡି ଗାଁ ର ଜନସାଧାରଣ ବାରମ୍ବାର ବିଦ୍ୟୁତ ସଂଯୋଗ ପାଇଁ ବିଦ୍ୟୁତ ଅଧିକାରୀ ଙ୍କୁ ଦାବି କରିଥିଲେ ମଧ କୌଣସି କର୍ତ୍ତୃପକ୍ଷ ଏଥି ପ୍ରତି ଦୃଷ୍ଟି ଦେଉନଥିବା ଅଞ୍ଚଳ ନିରିହ ଜନସାଧାରଣ ଅଭିଯୋଗ କରିଛନ୍ତି।ଏ ବିଷୟରେ କନିଷ୍ଠ ଯନ୍ତ୍ରୀ ଜୟଦେବ ସାହୁ ଙ୍କୁ ପଚାରିବାରୁ ମୋ ପାଖରେ ସଠିକ୍ ଖବର ନାହିଁ । ଉକ୍ତ ତଦନ୍ତ କରି ସମସ୍ୟାର ସମାଧାନ କରିବୁ ବୋଲି କହିଥିଲେ। ବାକି ରହିଛି କେତେ ବର୍ଷ ପରେ ବାଢାଯୋଡି, ମାଦାପାଙ୍ଗା,କୁଜିକେତା ବାସୀ ବିଦ୍ୟୁତ ଆଲୁଅ ପାଇ ପାରିବେ ତାହା ଦେଖିବାକୁ ବାକି ରହିଛି । ତେଣୁ ପ୍ରଶାସନ ଅପହଞ୍ଚ□ ଇଲାକା ରେ ରହି ଆସୁଥିବା ଅଞ୍ଚଳ ବାସୀ ଙ୍କ ପାଇଁ ବିଦ୍ୟୁତ ଆଲୁଅ ଯୋଗାଇ ଦେବା ପାଇଁ ଗ୍ରାମ ବାସୀ ଓ୍ୱାଡମେମ୍ବର ଗବ୍ରି ଦିଗାଲ, କାଳିଦାସ କହଁର,ଦଶନାମ କହଁର, ରଘୁନାଥ କହଁର, ଚକ୍ରଧର କହଁର, ତ୍ରିଲୋଚନ କହଁର, ତୁମ୍ୱେଶ୍ର କହଁର,ଲବ କହଁର,କୁଶ କହଁର, ମାଳତୀ କହଁର ଦାବୀ କରିଛନ୍ତି।

## ଟାଟା ଷ୍ଟିଲ୍ ପକ୍ଷରୁ ଯୋଡା ରେ ବିଶ୍ ସ୍ୱାସ୍ଥ୍ୟ ଦିବସ ପାଳିତ

ଯୋଡା, (ମହାଭାରତ) କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ୍ ତରଫରୁ ଯୋଡା ଠାରେ ସୋମବାର ବିଶ୍ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଓଏହି ପରିପ୍ରେକ୍ଷୀରେ ଟାଟା ଷ୍ଟିଲ୍ ହସ୍ପିଟାଲ ପକ୍ଷରୁ ଯୋଡା ଇଷ୍ଟ ଖଣି, ଖଣ୍ଡବନ୍ଧ ଖଣି, ଫେରୋ ପ୍ଲାଣ୍ଟ, ସିକ୍ୟୁରିଟି ବାରାକ୍, ବିଚ୍ଛକୁଣ୍ଡି, ସ୍ଲଞ୍ଜ ପ୍ଲାଣ୍ଟ ଏବଂ ଲେବର କଲୋନୀ ଠାରେ ସଚେତନତା କାର୍ଯ୍ୟକ୍ରମ ର ଆୟୋଜନ କରାଯାଇଥିଲା ଓ କମ୍ପାନୀ ଅଧିକାରୀ ମାନଙ୍କ ବ୍ୟତୀତ ପ୍ରାୟ ୨୦୦ ରୁ ଅଧିକ କର୍ମଚାରୀ ଏବଂ ଶ୍ରମିକ



ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଓଏହି ଅବସରରେ ଲୋକମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ସହ ଦୈନନ୍ଦିନ ଜୀବନରେ କିପରି ରୋଗଠାରୁ ଦୁରେଇ ରହି ହେବ, ସେ ସମ୍ପର୍କରେ ଆଲୋକପାତ କରାଯାଇଥିଲା ଓ ଏହା ବ୍ୟତୀତ, ପୁଷ୍ଟିକର ଖାଦ୍ୟ ସହ ନିତିଦିନ ବ୍ୟାୟାମ କରିବା ଦ୍ୱାରା କିପରି ତାର ଲାଭ ମିଳି ଥାଏ, ତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ଓ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଦୈନନ୍ଦିନ ଜୀବନଶୈଳୀ କୁ ଆମେ କିପରି ପରିବର୍ତ୍ତନ କରିବାର ଆବଶ୍ୟକତା ରହିଛି, ତା ଉପରେ ମଧ ଆଲୋଚନା କରାଯାଇଥିଲା ଓ ବିଶେଷକରି ଖଣି ଖାଦାନ ଅ□ଳରେ ସ୍ୱାସ୍ଥ୍ୟଗତ ସମସ୍ୟା କୁ ଦୂର କରିବା ପାଇଁ, କେଉଁ ଖାଦ୍ୟ ଗ୍ରହଣ କରିବା ଉଚିତ ଏବଂ କେଉଁ ବିଷୟ ପ୍ରତି ଆମେ ଅଧିକ ଯତ୍ନଶୀଳ ହେବା ଦରକାର, ତା ଉପରେ ଆଲୋଚନା କରାଯାଇଥିଲା ଓ ଟାଟା ମୁଖ୍ୟ ଚିକିତ୍ସାଳୟ, ଯୋଡା ର ଚିଫ ମେଡିକାଲ ଅଫିସର ଡକ୍ଟର ସୁଚିସ୍ମିତା ଦାସ, ଡକ୍ଟର ରେହମାନ୍ ଖାନ, ଡକ୍ଟର ରାଜା ସରିଫ, ଡକ୍ଟର ରାୟ, ଡକ୍ଟର ଭଗବାନ ପାଣିଗ୍ରାହୀ, ଡକ୍ଟର ଟୁକୁଲୁ ଟୁଡୁ ଏବଂ ଡକ୍ଟର ରାହୁଲ ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମ ଗୁଡିକୁ ପରିଚାଳନା କରିଥିଲେ।

## କଡ଼ା ସୁରକ୍ଷା ଭିତରେ ପାଳିତ ହେଲା ଶ୍ରୀରାମନବମୀ

ଯୋଡା, (ମହାଭାରତ) ରବିବାର ଦିନ ପବିତ୍ର ଶ୍ରୀରାମନବମୀ ଉପଲକ୍ଷେ କେନ୍ଦୁଝର ଜିଲ୍ଲାର ଯୋଡା ସହର ଚଳଚଞ୍ଚଳ ହୋଇଉଠିବା ସହ ବିଭିନ୍ନ ସଂଗଠନ ଓ କମିଟି ପକ୍ଷରୁ ଏହାକୁ ପାଳନ ନିମନ୍ତେ ପ୍ରସ୍ତୁତି ଜୋରଦାର କରିଥିଲେ । ଭଗବାନ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କର ପବିତ୍ର ଜନ୍ମତିଥି ଶ୍ରୀରାମ ନବମୀ ଉତ୍ସବକୁ ନେଇ ସମଗ୍ର ଅଞ୍ଚଳରେ ଆନନ୍ଦ ଉଲ୍ଲାସର ସହ ପାଳନ କରିଆସୁଥିବା ବେଳେ ଖଣି ସହରର ଯୋଡାର ଦୁଇଟି ହନୁମାନ ମନ୍ଦିର କମିଟି ଏବଂ କିଛି ସଂଗଠନ ମାନଙ୍କ ପକ୍ଷରୁ ଖୁବ ଧୁମଧାମରେ ପାଳନ କରାଯାଇଥିଲା ପବିତ୍ର ଶ୍ରୀରାମନବମୀ। ଯୋଡା,ଜୁରୁଡି,ବାମେବାରୀ,ବାଂଶପାଣି ଆଦି ସ୍ଥାନରେ ଥିବା ପ୍ରଭୁ ଶ୍ରୀରାମଙ୍କ ମନ୍ଦିର ସହ ମହାବୀର ହନୁମାନଙ୍କ ମନ୍ଦିରରେ ବିଭିନ୍ନ କମିଟି ପକ୍ଷରୁ ପୂଜାର୍ଚ୍ଚନା,ହୋମଯଜ୍ଞ,ଅଷ୍ଟପ୍ରହର ନାମ ସଂକୀ□ତ୍ତନ,ରାମ ଚରିତ ମାନସ ପାରାୟଣ,ଭଜନ ସଂନ୍ଧ୍ୟା ଆଦି କରାଯାଇଥିବାର ଦେଖିବାକୁ ମିଳିଥିଲା । ରବିବାର ଅପରାହ୍ନ ସମୟରେ ଯୋଡା ହନୁମାନ ହାଟିଂ ସ୍ଥିତ ହନୁମାନ ମନ୍ଦିର ଏବଂ ଏସବିଆଇ ନିକଟ ହନୁମାନ ମନ୍ଦିରରୁ ଶତାଧିକ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା ପରେ ଶ୍ରୀରାମ ଝଣ୍ଡା ଧରି ଶୋଭାଯାତ୍ରାରେ ବାହାରି ସମଗ୍ର ସହର ପରିକ୍ରମା କରି ମନ୍ଦିର ନିକଟରେ ଶେଷ କରିଥିଲେ ।ସମସ୍ତ ଶ୍ରଦ୍ଧାଳୁଙ୍କ ଜୟ ଶ୍ରୀରାମ,ଜୟ ବଜରଙ୍ଗବଲି ଧ୍ୱନିରେ ଗଗନ ପବନ ପ୍ରକମ୍ପିତ ହୋଇଯାଇଥିଲା । ରଥାରୁଢ କଳାକାର ମାନଙ୍କ ଦ୍ୱାରା ରାମ,ଲକ୍ଷ୍ମଣ,ସୀତାଙ୍କ ଶୋଭାଯାତ୍ରାରେ ଉପସ୍ଥିତି ଏକ ଭକ୍ତିମୟ ପରିବେଶ ସୃଷ୍ଟି କରି ଶୋଭାଯାତ୍ରାର ଶୋଭାବର୍ଦ୍ଧନ କରିଥିଲା । ପାରମ୍ପାରିକ ଅସ୍ତ୍ରଶସ୍ତ୍ର ସହ ବାଡି ଖେଳ ହୋଇଥିବା ଦେଖିବାକୁ ମିଳିଥିଲା । କମିଟିର କର୍ମକର୍ତ୍ତା ମାନଙ୍କ ପକ୍ଷରୁ ପ୍ରସାଦ ବଣ୍ଟନର,ପାନୀୟ ଜଳ ଆଦିର ସୁବନ୍ଦୋବସ୍ତ କରାଯାଇଥିଲା। ଏହି ଅବସରରେ ସମଗ୍ର ଯୋଡା ସହରର ଗଳିକନ୍ଦିକୁ ଆଲୋକମାଳାରେ ସଜାଯାଇ ବିଭିନ୍ନ ସ୍ଥାନରେ ଶ୍ରୀରାମ ଓ ହନୁମାନଙ୍କ ମିଳିତ ପତାକା ଲଗା ଯାଇଥିଲା। ଏତଦ୍ ବ୍ୟତୀତ ଯୋଡ଼ାରେ ଥିବା ସମସ୍ତ ମନ୍ଦିର ପରିସରରେ ରାମ ଝଣ୍ଡା ରୋପଣ କରାଯାଇଥିଲା। ପରିଶେଷରେ ସୀମିତ ଶ୍ରଦ୍ଧାଳୁ ରାମ ଝଣ୍ଡା ନେଇ ଯୋଡ଼ା ମାର୍କେଟ ସ୍ଥିତ ଶିବ ମନ୍ଦିରକୁ ଯାଇ ଝଣ୍ଡା ରୋପଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ଏହି ଅଞ୍ଚଳଟି ସମ୍ବେଦନଶିଳ ଅଞ୍ଚଳ ହୋଇ ଥିବାରୁ ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଶ୍ରୀ ରାମ ନବମୀ କମିଟି ପକ୍ଷରୁ ବିଶ୍ ହିନ୍ଦୁ ପରିଷଦର ସଭାପତି ରଣଜିତ ମହାକୁଡ, ପିଣ୍ଟୁ ସିଂହ, ପୀୟୂଷ ମହଲୟ,କିଶୋର ବାରିକ,ଉମେଶ ଶର୍ମା,ଜଗନ୍ନାଥ ପାଣିଗ୍ରାହୀ,ଚନ୍ଦନ ମିଶ୍ର,ସଞ୍ଜୟ କେଶରୀ,ବିଭୋର ସିଂଘା ନିଆ,ରମେଶ କୁମାର ସିଂ, ଭୋଲା ବିହାରୀ,ଭିକି ଅଗ୍ରୱାଲ,ସରୋଜ ସାହୁ,ସୋନୁ ଚୌଧୁରୀ,କୁନୁ ପାତ୍ର,କାମାକ୍ଷା ପାତ୍ର,ପ୍ରମୁଖ ଙ୍କ ସମେତ ବହୁ ସଦସ୍ୟଙ୍କ ଶ୍ରୀରାମ ନବମୀ ପାଳନ ରେ ଭୂମିକା ରହିଥିଲା ।

## ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହୋଇଯାଇଅଛି । ଏହି ଅଭିଯୋଗ ଶୁଣାଣିରେ ଗଜପତି ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଆରକ୍ଷୀ ଅଧିକ୍ଷକ ଶ୍ରୀଯୁକ୍ତ ଯତୀନ୍ଦ୍ର କୁମାର ପଣ୍ଡା , ଶ୍ରୀ ଶଙ୍କର କେରକେଟା, ମୁଖ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଓ ଶ୍ରୀ କେ.ନାଗରଜୁ, ବ ନ ଖ ଣ୍ଡ ଅଧିକାରୀ,ପାରଳାଖେମୁଣ୍ଡି,ଅଭିଯୋଗ ଶୁଣାଣୀରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦ ସମେତ କେରାଣ୍ଡି, କତଳକଇଠା,ରାଣୀପେଣ୍ଟ ଓ ସିଧାମାଡ଼ଙ୍ଗ ପଞ୍ଚାୟତର ସମୁଦାୟ ମୋଟ- ୪୯ ଗୋଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲାୟ ସେଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ସମସ୍ୟା- ୩ ଗୋଟି,ଗ୍ରାମ ଭିତ୍ତିକ ସମସ୍ୟା- ୪୬ ଗୋଟି ଓ ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଛି । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା,ଜମି ପଟ୍ଟା,ମନରେଗା,ଗୃହ ନିର୍ମାଣ, ରାସନ୍ କାର୍ଡ, ଶିକ୍ଷା,ଜଳ ସେଚନ ରାସ୍ତା ଓ ସ୍ୱାସ୍ଥ୍ୟ ସମସ୍ୟା ବୋଲି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। । ଆଜିର ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣୀ ରେ ଉପଜିଲ୍ଲାପାଳ ପାରଳାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପାରଳାଖେମୁଣ୍ଡି ଶ୍ରୀ ଅଂଶୁମାନ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ୍ ଆଲ୍ଲୀ, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଗୋରା ଚନ୍ଦ୍ର ପଟ୍ଟନାୟକ ,ସ୍ଥାନୀୟ ତହସିଲଦାର ନାରାୟଣ ବେହେରା ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀଗଣ ଏହି ଅଭିଯୋଗ ଶୁଣାଣୀରେ ଉପସ୍ଥିତ ଥିଲେ।

## ଦେବାଳିଆ ସ୍ଥିତିରେ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ

# ଆୟ ୯୮ ଲକ୍ଷ, ବ୍ୟୟ ୪ କୋଟି : ୧୭ରେ ତଦନ୍ତ ଉପରେ ନଜର

ନୟାଗଡ଼, ( ମହାଭାରତ ) : ଦେବାଳିଆ ସ୍ଥିତିରେ ପହଞ୍ଚିଛି ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ୍ ପରିସ୍ଥିତି। ଏପରି ହୋଇଛି ଯେ, ଯଦି ଜମାକାରୀ ଚାଷୀମାନେ ଏକକାଳୀନ ସେମାନଙ୍କ ଜମାରାଶି ନେବାକୁ ଦାବି କରନ୍ତି, ତେବେ ବ୍ୟାଙ୍କ ସେମାନଙ୍କୁ ଏହା ଦେବାକୁ ସକ୍ଷମ ହେବ ନାହିଁ। ଯାହାକି ଏହି ବ୍ୟାଙ୍କକୁ ଏକ ଅଡୁଆ ପରିସ୍ଥିତିରେ ପକାଇଛି । ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦ ବୈଠକରେ ବ୍ୟାଙ୍କର ଦେବାଳିଆ ସ୍ଥିତି ସମ୍ପର୍କରେ ତଥ୍ୟ ରଖିଛନ୍ତି ବ୍ୟାଙ୍କ ନିର୍ଦ୍ଦେଶକ ସନ୍ନ୍ୟାସୀ ପ୍ରଧାନ। ଶ୍ରୀ ପ୍ରଧାନଙ୍କ ସୂଚନା ମୁତାବକ, ଜିଲ୍ଲାରେ ଆଖୁଚାଷ ହୋଇନାହିଁ। ମାତ୍ର ବ୍ୟାଙ୍କ ଓଏସ୍ସିବିରୁ ଋଣରେ ୫୨୪ କୋଟି ୫୮ ଲକ୍ଷ ଟଙ୍କା ଋଣ ଆଣି ଏହାକୁ ଚାଷୀ ମାନଙ୍କ ମଧ୍ୟରେ ଲଗାଣ କରିଛି। କେଉଁଭଳି ଭାବେ କାଗଜପତ୍ରରେ ଆଖୁ ଋଣ ଲଗାଣ କରାଯାଇଛି, ତାହା ବୁଝାପଡୁନାହିଁ। ବ୍ୟାଙ୍କ ଅବସ୍ଥା ଦିନକୁ ଦିନ ଦେବାଳିଆ ହୋଇଚାଲିଛି। ନଗଦ ଟଙ୍କା ଅଭାବ ଯୋଗୁ ଚାଷୀମାନେ ସେମାନଙ୍କ ଧାନ ଉଠାଣ ପାଇଁ ବାରମ୍ବାର ବ୍ୟାଙ୍କ ଧାଉଁଛନ୍ତି। ଗୋଟିଏ ଥରରେ ହିତାଧିକାରୀଙ୍କୁ ୩୦ ହଜାରରୁ ଅଧିକ ଉଠାଣ ପାଇଁ ବ୍ୟାଙ୍କ ଅନୁମତି ଦେଉନାହିଁ। ବ୍ୟାଙ୍କରେ ୧୬୮ କୋଟି ଟଙ୍କାର କାରବାରରେ ସମସ୍ୟା ଥିବା ନାବାର୍ଡ ତଥ୍ୟ ପ୍ରଦାନ କରିଛି। ଏ ନେଇ ଉତ୍ତର ରଖିବାକୁ ନାବାର୍ଡ ପକ୍ଷରୁ ବ୍ୟାଙ୍କକୁ ଚିଠି କରାଯାଇଛି। ଏଣୁ ଚାଷୀଙ୍କ ଜମା ଟଙ୍କା ଏବେ ସମ୍ପୂର୍ଣ୍ଣ ଅସୁରକ୍ଷିତ ବୋଲି ସେ କହିଛନ୍ତି। ବ୍ୟାଙ୍କ କର୍ମଚାରୀ ମନଇଚ୍ଛା ଦରମା ଓ ବୋନସ ନେବା ଦ୍ୱାରା ଏଭଳି ସ୍ଥିତି ସୃଷ୍ଟି ହୋଇଛି। ବ୍ୟାଙ୍କରେ ଆୟ ଟିକସ ଠକେଇ କରିବା ପାଇଁ ପୂର୍ବରୁ ୩ଟି ପାନ୍କାର୍ଡ ହୋଇଥିବା ଜଣାପଡ଼ିଥିବା ବେଳେ ଏବେ ପୁଣି ଏକ ପାନ୍କାର୍ଡ ହୋଇଥିବା ଜଣାପଡ଼ିଛି। ଆସନ୍ତା ୧୭



ତାରିଖରେ ଓସିଏ ଆକ୍ଟ ସେକ୍ସନ ୬୫ ଅନୁସାରେ ତଦନ୍ତ ହେବ ବୋଲି ବ୍ୟାଙ୍କ ସଭାପତି ସୂଚନା ଦେଇଛନ୍ତି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଆର୍ଥିକ କାରବାର ହେବା ବଦଳରେ କେବଳ କାଗଜପତ୍ରରେ ଋଣ ଦେଣନେଣ ଚାଲିଛି। ୨୦୨୨-୨୩ ଓ ୨୩-୨୪ ମସିହାରେ ବ୍ୟାଙ୍କର ଲାଭାଂଶ ଶୂନ ରହିଛି। ବ୍ୟାଙ୍କ କେବଳ ୯୮ ଲକ୍ଷ ଟଙ୍କା ସୁଧ ରିହାତି କମିସନ ପାଉଥିବା ବେଳେ କର୍ମଚାରୀ ଦରମା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ବାବଦରେ ୪ କୋଟି ଟଙ୍କାର ବଜେଟ୍ ଅନୁମୋଦନ କରାଇବାକୁ ସମ୍ପାଦକ ଷଡ଼ଯନ୍ତ୍ର ଚଳାଇଥିବା ନିର୍ଦ୍ଦେଶକ ଶ୍ରୀ ପ୍ରଧାନ କହିଛନ୍ତି। ଯଦି ବିନା ସାଧାରଣ ସଭାରେ ବଜେଟ୍ ଅନୁମୋଦନ କରାଯାଏ, ତେବେ ଆମେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବୁ ବୋଲି ପରିଚାଳନା ପରିଷଦ କହିଛି। ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ କିଛି କର୍ମଚାରୀଙ୍କ ପାଇଁ ଏବେ ବୁଡ଼ିବାକୁ ବସିଥିବା ପରିଚାଳନା ପରିଷଦ ଅଭିଯୋଗ କରିଛି। ଯାହାକି ଏବେ ବ୍ୟାଙ୍କ ସମ୍ପାଦକ ଓ ପରିଚାଳନା ପରିଷଦ ମଧ୍ୟରେ ଚାଲିଥିବା ବିବାଦକୁ ପଦାରେ ପକାଇଛି।






# ତାମିଲନାଡୁର ବିକାଶ ପାଇଁ କେନ୍ଦ୍ରସରକାର ସମର୍ପିତ

**ନୂଆଦିଲ୍ଲୀ,୭।୪ (ଏଜେନ୍ସି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି ଯେ, ଗତ ଏକ ଦଶନ୍ଧିରେ କେନ୍ଦ୍ର ସରକାର ତାମିଲନାଡୁର ବିକାଶ ପାଇଁ ୨୦୧୪ ତୁଳନାରେ ତିନିଗୁଣା ଅଧିକ ଧନ ପ୍ରଦାନ କରାଯାଇଛି । ବିକଶିତ ଭାରତର ଯାତ୍ରାରେ ତାମିଲନାଡୁର ବହୁତ ବଡ ଭୂମିକା ରହିଥିବା ସେ କହିଛନ୍ତି । ତାମିଲନାଡୁର ସାମର୍ଥ୍ୟ ଯେତିକି ବଢ଼ିବ, ଭାରତର ବିକାଶ ସେତିକି ଦ୍ରୁତ ହେବ ।

ତାମିଲନାଡୁରେ କ୍ଷମତାସୀନ ପାର୍ଟି ଉପରେ ନିଶାନା ସାଧି ସେ କହିଛନ୍ତି ଯେ, ଏହା ସତ୍ତ୍ୱେ କିଛି ଲୋକଙ୍କୁ ବିନା କାରଣରେ କାନ୍ଦିବାର ଅଭ୍ୟାସ ରହିଛି । ସେମାନେ କାନ୍ଦୁଥାନ୍ତି । ପ୍ରଧାନମନ୍ତ୍ରୀ ଏହା ଉପରେ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି ଯେ, ତାମିଲନାଡୁର ନେତାଙ୍କ ଠାରୁ ମିଳିଥିବା ପତ୍ରରେ ତାମିଲରେ ହସ୍ତାକ୍ଷର ନଥାଏ । ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୧୪ ପୂର୍ବରୁ ପ୍ରଥମେ ରେଳ ପ୍ରୋଜେକ୍ଟ ପାଇଁ ପ୍ରତିବର୍ଷ କେବଳ ୯ଶହ କୋଟି ଟଙ୍କା ମିଳୁଥିଲା । ଏଥର ତାମିଲନାଡୁରେ ରେଳ ବଜେଟ ୬ହଜାର କୋଟିରୁ ଅଧିକ ଅଟେ ଏବଂ ଭାରତ ସରକାର ଏଠାକାର ୭୭ ରେଲୱେ ଷ୍ଟେସନକୁ ଆଧୁନିକକରଣ କରୁଛନ୍ତି । ଏଥିରେ ରାମେଶ୍ୱରମର ରେଲୱେ ଷ୍ଟେସନ ବି ସାମିଲ ରହିଛି । ଆୟୁଷ୍ମାନ ଭାରତ ଯୋଜନା ଅନ୍ତର୍ଗତ ତାମିଲନାଡୁରେ ୧ କୋଟିରୁ ଅଧିକ ଲୋକଙ୍କ ଉପଚାର କରାଯାଇଛି । ଏଥିରେ ଲୋକଙ୍କୁ ୮ହଜାର କୋଟି ସଂଚୟ ହୋଇଛି । ତାମିଲନାଡୁରେ ୧୪୦୦ରୁ ଅଧିକ ଜନ ଔଷଧି କେନ୍ଦ୍ର ରହିଛି । ଏଥିରେ ତାମିଲନାଡୁର ଲୋକଙ୍କ ଅନୁମାନିତ ୭ଶହ କୋଟି ଟଙ୍କା ର ସଂଚୟ ହେଉଛି । ନିକଟରେ ତାମିଲନାଡୁରେ ୧୧ ନୂଆ ମେଡିକାଲ କଲେଜ ନିର୍ମାଣ କରାଯାଇଛି ।



ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ତାମିଲନାଡୁର ରାମେଶ୍ୱରମ ଠାରେ ୮,୩୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିଭିନ୍ନ ରେଳ ଓ ସଡ଼କ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ଏବଂ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ସେ ଭାରତର ପ୍ରଥମ ଭର୍ଟିକାଲ ଲିଫ୍ଟ ସମୁଦ୍ର ସେତୁ, ନୂଆ ପମ୍ବନ ରେଳ ସେତୁକୁ ଉଦଘାଟନ କରିଥିଲେ ଏବଂ ସଡକ ସେତୁରୁ ଏକ ଟ୍ରେନ ଓ ଜାହାଜକୁ ପତାକା ଦେଖାଇ ଶୁଭାରମ୍ଭ କରିଥଲେ ଏବଂ ସେତୁର ପରିଚାଳନାକୁ ନିରୀକ୍ଷଣ କରିଥିଲେ। ରାମେଶ୍ୱରମସ୍ଥିତ ରାମନାଥସ୍ୱାମୀ ମନ୍ଦିରରେ ମଧ ସେ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସମାବେଶକୁ ସମ୍ବୋଧିତ କରି ଶ୍ରୀ ମୋଦୀ କହିଥିଲେ ଯେ ଆଜି ଶ୍ରୀରାମ ନବମୀର ପବିତ୍ର ଅବସର। ସେ ଏହା ମଧ ଉଲ୍ଲେଖ କରିଥିଲେ ଯେ ଆଜି ସକାଳେ ଅଯୋଧ୍ୟାର ଭବ୍ୟ ରାମ ମନ୍ଦିରରେ ସୂର୍ଯ୍ୟର ଦିବ୍ୟ କିରଣ ରାମଲାଲାଙ୍କୁ ଭବ୍ୟ ତିଳକରେ ସଜ୍ଜିତ କରିଥିଲା। 'ପ୍ରଭୁ ଶ୍ରୀରାମଙ୍କ ଜୀବନ ଏବଂ ତାଙ୍କ ଶାସନକାଳରୁ ସୁଶାସନର ପ୍ରେରଣା ଦେଶ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଛି' ବୋଲି ସେ କହିଛନ୍ତି। ତାମିଲନାଡୁର ସଙ୍ଗମ ଯୁଗର ସାହିତ୍ୟରେ ମଧ ଭଗବାନ ଶ୍ରୀରାମଙ୍କ ବିଷୟରେ ଉଲ୍ଲେଖ ରହିଛି ବୋଲି ଉଲ୍ଲେଖ କରି ସେ ରାମେଶ୍ୱରମର ପବିତ୍ର ଭୂମିରୁ ଶ୍ରୀରାମ ନବମୀ ଅବସରରେ ସମସ୍ତ ନାଗରିକଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜଣାଇଛନ୍ତି। 'ଆଜି ରାମନାଥସ୍ୱାମୀ ମନ୍ଦିରରେ ପ୍ରାର୍ଥନା କରି ମୁଁ ନିଜକୁ ଧନ୍ୟ ମନେ କରୁଛି' ବୋଲି ଶ୍ରୀ ମୋଦୀ କହିବା ସହିତ ଏହା ଉଲ୍ଲେଖ କରିଥିଲେ ଯେ ଏହି ସ୍ୱତନ୍ତ୍ର ଦିନରେ ତାଙ୍କୁ ୮,୩୦୦ କୋଟି ଟଙ୍କାର ଉନ୍ନୟନ ମୂଳକ ପ୍ରକଳ୍ପ ହସ୍ତାନ୍ତର କରିବାର ସୁଯୋଗ ମଧ ମିଳିଛି । ଏହି ରେଳ ଓ ସଡ଼କ ପ୍ରକଳ୍ପଗୁଡ଼ିକ ତାମିଲନାଡୁରେ ଯୋଗାଯୋଗକୁ ଯଥେଷ୍ଟ ପ୍ରୋତ୍ସାହିତ କରିବ ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏହି ପରିବର୍ତନକାରୀ ପଦକ୍ଷେପ ପାଇଁ ସେ ତାମିଲନାଡୁବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ରାମେଶ୍ୱରମ ହେଉଛି ଭାରତ ରତ୍ନ ଡକ୍ଟର କଲାମଙ୍କ ଭୂମି, ଯାହାଙ୍କ ଜୀବନ ବିଜ୍ଞାନ ଏବଂ ଆଧ୍ୟାତ୍ମିକତା ପରସ୍ପରର ପରିପୂରକ ବୋଲି ସେ ଦର୍ଶାଇଥିଲେ। ଏ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, 'ରାମେଶ୍ୱରମକୁ ନୂତନ ପମ୍ବନ ସେତୁ ସଂଯୋଗ ପ୍ରଯୁକ୍ତି ଏବଂ ପରମ୍ପରାର ମିଳନର ପ୍ରତୀକ' । ହଜାର ହଜାର ବର୍ଷ ପୁରୁଣା ଏକ ସହର ଏବେ ଏକବିଂଶ ଶତାବ୍ଦୀର ଇଞ୍ଜିନିୟରିଂ ବିଦ୍ୟାର ଚମତ୍କାର ସହ ଯୋଡ଼ି ହୋଇଛି ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଇଞ୍ଜିନିୟର ଓ କର୍ମଚାରୀଙ୍କ ନିଷ୍ଠା ଓ କଠିନ ପରିଶ୍ରମ ପାଇଁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଶ୍ରୀ ମୋଦୀ ଆଲୋକପାତ କରିଥିଲେ ଯେ ଏହି ସେତୁ ହେଉଛି ଭାରତର ପ୍ରଥମ ଭର୍ଟିକାଲ୍ ଲିଫ୍ଟ ରେଳ ସମୁଦ୍ର ସେତୁ, ଯାହା ଦ୍ରୁତ ରେଳ ଯାତ୍ରାକୁ ସକ୍ଷମ କରିବା ସହିତ ବଡ଼ ଜାହାଜଗୁଡ଼ିକୁ ତଳେ ଯାତ୍ରା କରିବାକୁ ଅନୁମତି ଦେଇଥାଏ । ସେ ଆଜି ସକାଳେ ଏକ ନୂତନ ଟ୍ରେନ୍ ସେବା ଏବଂ ଏକ ଜାହାଜକୁ ପତାକା ଦେଖାଇ ଶୁଭାରମ୍ଭ କରିଥିବା କଥା ଉଲ୍ଲେଖ କରିଥିଲେ ଏବଂ ଏହି ଉଲ୍ଲେଖନୀୟ ପ୍ରକଳ୍ପ ପାଇଁ ତାମିଲନାଡୁବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ।

# କହ୍ନେୟା କୁମାର ଉପରେ କଂଗ୍ରେସର ଭରସା



**ପାଟଣା,,୭।୪(ଏଜେନ୍ସି):** କହ୍ନେୟା କୁମାରଙ୍କ ଭରସାରେ ବିହାର ନିର୍ବାଚନ ଲଢ଼ିବ କି କଂଗ୍ରେସ ? କଣ କହ୍ନେୟା କୁମାର କଂଗ୍ରେସକୁ ୨୦୨୫ ନିର୍ବାଚନର ନଈ ପାର୍ କରେଇ ପାରିବେ ? କହ୍ନେୟା କାନ୍ଧରେ ରାହୁଲଙ୍କ 'ହାତ' ଥିବା ନେଇ ଯେଉଁ ଚର୍ଚ୍ଚା ଆଗରୁ ହେଉଥିଲା ଆଜି ତାହା ସତ ହୋଇଛି ।ଯେତେବେଳେ ବିହାର ନିର୍ବାଚନ ପୂର୍ବରୁ କହ୍ନେୟା କୁମାରଙ୍କ ପଦଯାତ୍ରାରେ ସାମିଲ ହୋଇ ଶକ୍ତିପ୍ରଦର୍ଶନ କରିଛନ୍ତି ରାହୁଲ । ଆଉ କହ୍ନେୟାଙ୍କ ସହ ପଦଯାତ୍ରାରେ ୩ କିଲୋମିଟର ଯାଇଛନ୍ତି ରାହୁଲ । କୁହାଯାଉଛି କହ୍ନେୟା କୁମାର ହେଉଛନ୍ତି ଭାଗ୍ୟବାନ । କାରଣ ବିହାର ଭଳି ରାଜ୍ୟରେ କଂଗ୍ରେସର ପରିସ୍ଥିତି ଖରାପ ଥାଇ ବି କହ୍ନେୟା କୁମାର କଂଗ୍ରେସର ଚେହେରା ଭାବେ ନିଜର ପତିଆରା ଜାରି ରଖିଛନ୍ତି ଆଉ ରାହୁଲ ତାଙ୍କ ପଦଯାତ୍ରାରେ ସାମିଲ ହେବା ଏକ କହ୍ନେୟାଙ୍କ କ୍ୟାରିୟର ପାଇଁ ଏକ ବଡ ସୁଯୋଗ ବୋଲି କୁହାଯାଉଛି । କାରଣ ଦିଲ୍ଲୀରେ ହେଉଥିବା କଂଗ୍ରେସର ଅନେକ ଆଞ୍ଚଳିକ ରାଲିରେ ଯୋଗ ଦେଉନଥିବା ରାହୁଲ କିନ୍ତୁ ବିହାର ଭଳି ରାଜ୍ୟରେ କହ୍ନେୟା କୁମାରଙ୍କ ରାଲିରେ ସାମିଲ ହେବାକୁ ପହଞ୍ଚିଯାଇଛନ୍ତି । ଯାହା ବିହାର ରାଜନୀତିର ପାରାକୁ ଉଷ୍ମ କରିଛି । ଏହି ଘଟଣା ହିଁ ଦର୍ଶାଉଛି କି କଂଗ୍ରେସ ବିହାର ବିଧାନସଭା ନିର୍ବାଚନକୁ କେତେ ଗୁରୁତ୍ୱ ଦେଉଛି ଆଉ ଏଥର ନିର୍ବାଚନରେ ନିଜ ଫୋକସ ପଏଣ୍ଟରେ ରଖିଛି । ଯାହା ବି ହେଉ ଏଥର ବିହାରରେ କଂଗ୍ରେସ ସରକାର ଗଢିବ କିମ୍ବା ଅଧିକ ଆସନରେ ବିଜୟୀ ହେବ । ଏହି ସଂକଳ୍ପ ନେଇ କଂଗ୍ରେସ ବିହାରକୁ ଗୁରୁତ୍ୱ ଦେଉଥିବା ବେଳେ ରାହୁଲଙ୍କ ଗତ ୪ ମାସରେ ତିନି ତିନି ଥର ଗସ୍ତ ଏହି କଥାକୁ ଆହୁରି ସୁଦୃଢ କରିଛି । ଏବଂ କୁହାଯାଉଛି ରାହୁଲ କହ୍ନେୟାଙ୍କ ଉପରେ କିଛି ଗୁରୁଦାୟିତ୍ୱ ଦେଇପାରନ୍ତି । ଆଉ ୭ରୁ ୮ ମାସ ଭିତରେ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ କଂଗ୍ରେସର ଆଗୁଆ ପ୍ରସ୍ତୁତି ଏବଂ ରାହୁଲ-କହ୍ନେୟାଙ୍କ ଜବରଦସ୍ତ ଯୋଡି ବିଜେପି ଶିବିରରେ ଚର୍ଚ୍ଚାର କାରଣ ସାଜିଛି ।

# ରାମନବମୀର ଶୋଭାଯାତ୍ରାରେ ଫୁଲ ବର୍ଷା କଲେ ମୁସଲିମ୍



**ସିଲିଗୁଡୀ,୭।୪ (ଏଜେନ୍ସି):** ଶ୍ରୀ ରାମନବମୀ ଶୋଭାଯାତ୍ରାକୁ ମୁସଲିମ ସମ୍ପ୍ରଦାୟର ଲୋକମାନେ ଜୋରଦାର ସ୍ୱାଗତ କରିଛନ୍ତି ।ରାମନବମୀରେ ସିଲିଗୁଡୀରୁ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ଉଦାହରଣ ଦେଖାଉଥିବା ଚିତ୍ରଗୁଡିକ ସାମ୍ନାକୁ ଆସିଛି ।ଏଠାରେ ମୁସଲମାନେ ରାମନବମୀ ଶୋଭାଯାତ୍ରାରେ ଫୁଲର ବର୍ଷା କରିଥିଲେ ଏବଂ ସମସ୍ତ ଧର୍ମର ସମାନତାର ବାର୍ତ୍ତା ଦେଇଥିଲେ। ବାସ୍ତବରେ ଦେଶସାରା ରବିବାର ଦିନ ରାମନବମୀ ପର୍ବ ପୂର୍ଣ୍ଣ ଉତ୍ସାହରେ ପାଳନ କରାଯାଉଛି ।ଏହି ସମୟରେ ସକାଳରୁ ମନ୍ଦିରରେ ଭକ୍ତଙ୍କ ଭିଡ ଦେଖିବାକୁ ମିଳିଛି ।ସିଲିଗୁଡୀ ସହରର ସ୍ଥାନରୁ ରାମନବମୀ ଶୋଭାଯାତ୍ରା କରାଯାଇଥିଲା ।ଶହ ଶହ ଲୋକ ଭିନ୍ନ ଭିନ୍ନ ଫ୍ଲୋଟ ସିଲିଗୁଡୀ ହିଲକାର୍ଟ ରୋଡ ପାଇଁ ବାହାରିଥିଲା ।ମୁଣ୍ଡରେ ଜାଫର ପଗଡି,ହାତରେ ଜାଫର ପତାକା,ପାଟିରେ କେବଳ ଗୋଟିଏ ସ୍ଲୋଗାନ ଜୟ ଶ୍ରୀ ରାମ,ଜୟ ଶ୍ରୀରାମ ।ଯେ କେହି ଏହି ଭିଡ ଦେଖୁଥିଲେ ଦେଖିକି ରହିଯାଉଥିଲେ ।ଏହି ସମୟରେ ଫୁଲବାଡୀରେ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟର ଉଦାହରଣ ଉପସ୍ଥାପନ କରୁଥିବା ଚିତ୍ରଗୁଡିକ ସାମ୍ନାକୁ ଆସିଛି ।ମୁସଲମାନମାନେ ରାମନବମୀ ଶୋଭାଯାତ୍ରାରେ ଫୁଲର ବର୍ଷା କରିଥିଲେ ଏବଂ ସମସ୍ତଙ୍କୁ ସରବତ ପିଆଇଥିଲେ।

# ଭାରତୀୟ ବଂଶୋଦ୍ଭବ ବିଚାରପତି ଆମେରିକାରେ ଗିରଫ

**ଟେକ୍ସାସ,୭।୪ (ଏଜେନ୍ସି):** ଭାରତୀୟ ବଂଶୋଭବ ବିଚାରପତି କେପି ଜାର୍ଜଙ୍କୁ ଆମେରିକାରେ ଗିରଫ କରାଯାଇଛି । ତାଙ୍କ ଜାମିନ ନାମଞ୍ଜୁର କରାଯାଇଥିଲା। ଅନ୍ୟପକ୍ଷରେ ଜାର୍ଜ ଏହାକୁ ରାଜନୈତିକ ଷଡଯନ୍ତ୍ର ବୋଲି କହି ସମସ୍ତ ଅଭିଯୋଗକୁ ପ୍ରତ୍ୟାଖ୍ୟାନ କରିଛନ୍ତି ।ଏହି ବିଷୟ ଆମେରିକାର ଟେକ୍ସାସ ରାଜ୍ୟର ଫୋର୍ଟ ବ୍ୟାଣ୍ଡ କାଉଂଟୀଅଟେ ।ଡିଷ୍ଟ୍ରିକ୍ଟ ଅଟାର୍ନୀ ଅନୁଯାୟୀ ଭାରତୀୟ ମୁଳରୁ ଜର୍ଜ ୩୦ ହଜାରରୁ ୧.୫ ଲକ୍ଷ ଡଲାରର ମନି ଲ୍ୟାଣ୍ଡରିଂର ଅଭିଯୋଗ ହୋଇଛି ।ଏହା ବ୍ୟତୀତ ତାଙ୍କ ଉପରେ ଜାଲିଆତି ଏବଂ ନିର୍ବାଚନ ପାଣ୍ଠିରେ ଅନିୟମିତତା ଅଭିଯୋଗ ମଧ କରାଯାଇଛି ।ତାଙ୍କୁ ଶୁକ୍ରବାର ଗିରଫ କରାଯାଇଥିଲା ।ବର୍ତ୍ତମାନ ତାଙ୍କୁ ୨୦ ହଜାର ଡଲାର ଜାମିନରେ ମୁକ୍ତ କରାଯାଇଛି ।ଆମେରିକାର ନିୟମ ଅନୁଯାୟୀ ଯଦି ସେ ଦୋଷୀ ସାବ୍ୟସ୍ତ ହୁଅନ୍ତି ତେବେ ତାଙ୍କୁ ଦଶ ବର୍ଷ କାରାଗାରରେ ରଖାଯାଇପାରେ ।କେପୀ ଜାର୍ଜ ୨୦୧୮ରେ କାଉଂଟୀ ଜଜ ପଦରେ କାର୍ଯ୍ୟ କରୁଛନ୍ତି ।

## ଗୁଜରାଟରରେ ଇଫକୋର କାଲୋଲ ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# 'ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କଲେ ଶାହା

**ନୂଆଦିଲ୍ଲୀ,୭।୪ (ଏଜେନ୍ସି):** କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ଆଜି ଗୁଜରାଟର ଗାନ୍ଧୀନଗରରେ ଇଣ୍ଡିଆନ୍ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ୍ (ଇଫକୋ) କାଲୋଲ ଶାଖାର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗ ଦେଇଥିଲେ ଏବଂ ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ଗୁଜରାଟର ମୁଖ୍ୟମନ୍ତ୍ରୀ ଶ୍ରୀ ଭୂପେନ୍ଦ୍ର ପଟେଲଙ୍କ ସମେତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।



କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜି ଇଫକୋର କଲୋଲ କାରଖାନାର ସୁବର୍ଣ୍ଣ ଜୟନ୍ତୀ ଏବଂ ବୀଜ ଅନୁସନ୍ଧାନ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ପାଳନ କରାଯାଉଛି। ସେ କହିଥିଲେ ଯେ ଇଫକୋ ର ୫୦ ବର୍ଷର ଗୌରବମୟ ଯାତ୍ରା ଦର୍ଶାଉଛି ଯେ ଯେତେବେଳେ ସମବାୟ ଏବଂ କର୍ପୋରେଟ ମୂଲ୍ୟବୋଧ ମିଳିତ ଭାବେ କାର୍ଯ୍ୟ କରିଥାଏ, ସେତେବେଳେ କେତେ ଅବିଶ୍ୱସନୀୟ ଫଳାଫଳ ହାସଲ ହୋଇଥାଏ। ସେ ଉଲ୍ଲେଖ କରିଥିଲେ ଯେ ଇଫକୋ ଗବେଷଣା ଏବଂ ବିକାଶ, ବିପଣନ, ବ୍ରାଣ୍ଡିଂ ଏବଂ ପ୍ରତ୍ୟେକ ପରିବାର ପର୍ଯ୍ୟନ୍ତ ପହଂଚିବା ସମ୍ବନ୍ଧୀୟ ସମସ୍ତ ଦିଗକୁ ଦକ୍ଷତାର ସହ ପରିଚାଳନା କରିଛି।

ଶ୍ରୀ ଶାହ ଗୁରୁତ୍ୱାରୋପ କରି କହିଥିଲେ ଯେ ଭାରତ ଏବେ ଖାଦ୍ୟଶସ୍ୟ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ଇଫକୋ ଏହି ସଫଳତା ହାସଲ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ସେ କହିଥିଲେ ଯେ ଇଫକୋ କୃଷକମାନଙ୍କୁ ସାର ସହିତ ଯୋଡ଼ିଛି ଏବଂ ଆହୁରି ଅଧିକ ସାରକୁ ସମବାୟ ସମିତି ସହିତ ଯୋଡ଼ିବା ପାଇଁ କାର୍ଯ୍ୟ କରିଛି। ସେ ଆହୁରି ମଧ କହିଥିଲେ ଯେ ଇଫକୋ ନିଜର ୫୦ ବର୍ଷର ଗୌରବମୟ ଯାତ୍ରା ଶେଷ କରିବା ପରେ ଏବେ ଗର୍ବର ସହ ଛିଡ଼ା ହୋଇଛି। କେନ୍ଦ୍ର ସମବାୟ ମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ ଯେ ଯେତେବେଳେ ଇଫକୋ ଏହାର ଶତବାର୍ଷିକୀ ପାଳନ କରିବ, ସେତେବେଳେ ବିଶ୍ୱବ୍ୟାପୀ ସମବାୟ ସଂଗଠନଗୁଡ଼ିକ ମଧ୍ୟରେ ଇଫକୋର ପ୍ରତିଷ୍ଠା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇବ। ଶ୍ରୀ ଅମିତ ଶାହ କହିଥିଲେ ଯେ ଇଫକୋ ବିଭିନ୍ନ ପ୍ରକାରର ଗବେଷଣା ଏବଂ ବିକାଶ କାର୍ଯ୍ୟ ମଧ କରିଛି। ସେ ଉଲ୍ଲେଖ କରିଥିଲେ ଯେ ଯେତେବେଳେ ଇଫକୋର କାଲୋଲ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ହୋଇଥିଲା, ସେତେବେଳେ ଏହାକୁ ଏକ ବଡ଼ ବିପ୍ଳବ ବୋଲି ବିବେଚନା କରାଯାଉଥିଲା। ସମୟ ଗଡ଼ିବା ସହିତ ଇଫକୋ ନାନୋ ୟୁରିଆ, ନାନୋ ଡିଏପି, ତରଳ ନାନୋ, ୟୁରିଆ, ତରଳ ଡିଏପି ଇତ୍ୟାଦି କ୍ଷେତ୍ରରେ ଗବେଷଣା ଏବଂ ପରୀକ୍ଷଣ କରିଥିଲା ଏବଂ ଉତ୍ପାଦନ ବୃଦ୍ଧି କରିଥିଲା। ସେ ଉଲ୍ଲେଖ କରିଥିଲେ ଯେ ଇଫକୋ ଭାରତର ସମବାୟ କ୍ଷେତ୍ରକୁ ନାନୋ ୟୁରିଆ ଏବଂ ନାନୋ ଡିଏପି କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ କରିଛି। ସେ ଆହୁରି ମଧ କହିଛନ୍ତି ଯେ ଇଫକୋର ନାନୋ ୟୁରିଆ ଏବଂ ନାନୋ ଡିଏପି ବର୍ତ୍ତମାନ ସମଗ୍ର ବିଶ୍ୱରେ ପହଂଚୁଛି। ଶ୍ରୀ ଶାହ ଆହୁରି ମଧ କହିଛନ୍ତି ଯେ ଇଫକୋ ଏହାର କ୍ଷମତା ବୃଦ୍ଧି କରିଛି, କୃଷକମାନଙ୍କ କ୍ଷେତକୁ ଏହାର ପ୍ରସାର ବିସ୍ତାର କରିଛି ଏବଂ ଗବେଷଣା ଏବଂ ବିକାଶ ମାଧ୍ୟମରେ ପରୀକ୍ଷାଗାର ପରୀକ୍ଷଣର ଫଳାଫଳକୁ ସିଧାସଳଖ କ୍ଷେତକୁ ଆଣିବା ପାଇଁ କାର୍ଯ୍ୟ କରିଛି। କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ କହିଛନ୍ତି ଯେ ଆଜି ଗାନ୍ଧୀନଗରରେ 'ବୀଜ ଅନୁସନ୍ଧାନ କେନ୍ଦ୍ର' ପ୍ରତିଷ୍ଠା ହୋଇଛି। ସେ ଉଲ୍ଲେଖ କରିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଦେଶର ପ୍ରତ୍ୟେକ କ୍ଷେତ୍ରରେ ଅନେକ ନୂତନ ଉଦ୍ୟୋଗର ଶୁଭାରମ୍ଭ କରିଛନ୍ତି। ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସମବାୟ ମନ୍ତ୍ରଣାଳୟ ଦେଶର ସମବାୟ କ୍ଷେତ୍ରରେ ପ୍ରାୟ ୬୨ଟି ଅଭୂତପୂର୍ବ ପଦକ୍ଷେପ ଗ୍ରହଣ କରିଛି। ସେ ଆହୁରି ଉଲ୍ଲେଖ କରିଥିଲେ ଯେ ନିକଟରେ ସଂସଦ ତ୍ରିଭୁବନ ସହକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଏକ ବିଲ୍ ପାରିତ କରିଛି। ଶ୍ରୀ ଶାହ କହିଥିଲେ ଯେ ସମବାୟ କ୍ଷେତ୍ରରେ ତ୍ରିଭୁବନ ଦାସ ପଟେଲଙ୍କ ଅବଦାନକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ନାମରେ ଏହି ସହକାରୀ ବିଶ୍ୱବିଦ୍ୟାଳୟର ନାମକରଣ କରିଛନ୍ତି। ସେ କହିଥିଲେ ଯେ ଏହି ବିଶ୍ୱବିଦ୍ୟାଳୟ ପାକ୍ସ ଠାରୁ ଆରମ୍ଭ କରି ସର୍ବୋଚ୍ଚ ସଂସ୍ଥା ପର୍ଯ୍ୟନ୍ତ ସମବାୟର ପ୍ରତ୍ୟେକ କ୍ଷେତ୍ରରେ ଆଧୁନିକ ସମବାୟ ଶିକ୍ଷା ଏବଂ ସ୍ୱଚ୍ଛତା ଆଣିବା ପାଇଁ କାର୍ଯ୍ୟ କରିବ। ସେ ଆହୁରି ମଧ କହିଛନ୍ତି ଯେ ଏହି ବିଶ୍ୱବିଦ୍ୟାଳୟ ଆର୍ଟିଫିସିଆଲ ଇଂଟେଲିଜେନ୍ସ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଦେଶରେ ସମଗ୍ର ସମବାୟ ଆନ୍ଦୋଳନକୁ ଆଗେଇ ନେବା ପାଇଁ କାର୍ଯ୍ୟ କରିବ ଏବଂ ଏହି ଫଳାଫଳ ଆଧାରରେ ଆଗାମୀ ୫୦ ବର୍ଷ ପାଇଁ ଦିଗ ନିର୍ଦ୍ଧାରଣ କରିବା ପାଇଁ ବିଭିନ୍ନ ବିଶ୍ଳେଷଣ କରିବ।

# ୱାକଫ୍ ବିଲ୍ ବିରୋଧରେ ୧୦ ଯାଚିକା ଦାୟର

**ନୂଆଦିଲ୍ଲୀ,୭।୪(ଏଜେନ୍ସି):** ବିରୋଧୀଙ୍କ ବିରୋଧ ଭିତରେ ଉଭୟ ଗୃହରେ ପାରିତ ହେଲା ୱାକଫ୍ ସଂଶୋଧନ ବିଲ୍ । ଏହାପରେ ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ଆଇନରେ ପରିଣତ ହେଲା । ତଥାପି ବିଲକୁ ସମର୍ଥନ କରୁନାହାନ୍ତି ବିରୋଧୀ ଦଳ । ସଂସଦ ପରେ ସୁପ୍ରିମକୋର୍ଟରେ ୱାକଫ୍ ବିଲ୍ ବିରୋଧରେ ମୋର୍ଚ୍ଚା କରିଛନ୍ତି ବିରୋଧୀ ଦଳ । ସୁପ୍ରିକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି କଂଗ୍ରେସ, ଆପ୍ ଓ ଏଆଇଏମ୍ଆଇଏମ ଦଳ । ୧୦ ଯାଚିକା ଦାୟର ହୋଇଛି । ଦାୟର ହୋଇଥିବା ସମସ୍ତ ଯାଚିକାରେ ଗୋଟିଏ କଥା ଦର୍ଶାଯାଇଛି କି ମୁସଲମାନଙ୍କ ଧାର୍ମିକ ସ୍ୱତନ୍ତ୍ରତା ଛଡାଇ ନେବାକୁ ୱାକଫ୍ ବିଲ୍ ଏକ ଷଡ଼ଯନ୍ତ୍ର । ଯାଚିକାରେ ଆଇନକୁ ଅସମ୍ବିଧାନିକ ଘୋଷଣା କରିବାକୁ ଦାବି ହୋଇଛି । ସୁପ୍ରିମକୋର୍ଟରେ ଶୁଣାଣି ପାଇଁ ଯାଚିକାରେ ଦାବି କରିଛନ୍ତି ବିରୋଧୀ ଦଳ। ଏହାରି ମଧ୍ୟରେ ଇଣ୍ଡିଆନ୍ ୟୁନିୟନ ମୁସଲିମ୍ ଲିଗ୍ ପକ୍ଷରୁ ସିଜେଆଇ ସଞ୍ଜୀବ ଖନ୍ନାଙ୍କ ଗଠିତ ଖଣ୍ଡପୀଠଙ୍କ ନିକଟରେ ସ୍ଥାପନ କରାଯାଇଛି । ଅପରାହ୍ନ ୨ଟାରେ ବିଚାର କରାଯିବ ବୋଲି କହିଛନ୍ତି ସିଜେଆଇ । ମାମଲା ଉପରେ କେବେ ଶୁଣାଣି କରାଯିବ ତାହା ସ୍ଥିର ହେବ । ବିଲକୁ କଂଗ୍ରେସ, ଆପ୍ ସମେତ ଏଆଇଏମ୍ଆଇଏମ୍ ଭଳି ଦଳ ବିରୋଧ କରିଛନ୍ତି । ବିଲ୍ ବିରୋଧରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି । ଆପ୍ ବିଧାୟକ ଅମାନୁତୁଲ୍ଲା ଖାନ୍ ପିଟିସନ୍ ଦାଖଲ କରିଛନ୍ତି । ୱାକଫକୁ ନେଇ ସରକାରଙ୍କ ଏହି ପଦକ୍ଷେପ ସଂଖ୍ୟାଲଘୁଙ୍କ ଅଧିକାର ଛଡ଼ାଇ ନେବ ବୋଲି ସେ କହିଛନ୍ତି । କିଛି ରାଜ୍ୟରେ ଏହା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ବି କରାଯାଇଥିଲା । କଂଗ୍ରେସ ସାଂସଦ ମହମ୍ମଦ ଯାଦବ, ଏଆଇଏମ୍ଆଇଏମ ଅଧ ଅସଦୁଦ୍ଦିନ ଓୱେସି ଯାଚିକା ଦାୟର କରିଥିଲେ । ଦେଶବ୍ୟାପୀ ଆନ୍ଦୋଳନ କରିବା ବୋଲି କହିଛି ମୁସଲିମ୍ ଲ' ବୋର୍ଡ଼ । କହି ରଖୁଛୁ କି, ଆଇନରେ ପରିଣତ ହୋଇଛି ୱାକଫ୍ ସଂଶୋଧନ ବିଲ୍। ସଂସଦରେ ପାରିତ ହେବା ପରେ ବିଲ୍କୁ ରାଷ୍ଟ୍ରପତିଙ୍କ ଅନୁମୋଦନ ମିଳିଛି । ସାରା ଦେଶରେ ଲାଗୁ ହେବ ନୂଆ ଆଇନ୍ । ଗତ ଶୁକ୍ରବାର ସଂସଦର ଉଭୟ ଗୃହରେ ବିଲ୍ ପାରିତ ହୋଇଥିଲା । ଲୋକସଭାରେ ବିଲ୍ ସପକ୍ଷରେ ୨୮୮ ଓ ବିରୋଧରେ ୨୩୨ ଭୋଟ ପଡ଼ିଥିଲା । ରାଜ୍ୟସଭାରେ ବିଲ୍ ସମର୍ଥନରେ ୧୨୮ ଖଣ୍ଡ ଭୋଟ ପଡ଼ିଥିଲା ବେଳେ ବିରୋଧରେ ୯୫ ଭୋଟ୍ ପଡ଼ିଥିଲା ।



# ଆଇପିଏଲ୍‌ରେ ଏମ୍ ଏସ୍ ଧୋନିଙ୍କ ଅତୁଟ ପରମ୍ପରାକୁ ମେନ୍ ଅଫ୍ ପ୍ଲାଟିନମ୍‌ଙ୍କ ସହ ପାଳନ

**ନୂଆଦିଲ୍ଲୀ,୭।୪(ଏଜେନ୍ସି):** ଆଇପିଏଲ୍ ଋତୁ ଆରମ୍ଭ ହେବା ମାତ୍ରେ କ୍ରିକେଟ୍ ଜ୍ୱର ଚରମ ସୀମାରେ ପହଂଚିଛି ଏବଂ ଥାଲା ପୁଣି ଥରେ ହଳଦିଆ ଜର୍ସି ପିନ୍ଧିବାକୁ ପ୍ରସ୍ତୁତ ହେଉଛନ୍ତି, ଯାହା ସାରା ଦେଶର ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ପ୍ରତ୍ୟେକ ଏମଏସ ଧୋନିଙ୍କ ସମର୍ଥକଙ୍କ ପାଇଁ, ଏହା କେବଳ ଏକ ଖେଳ ନୁହେଁ – ଏହା ଏକ ଅତୁଟ ବନ୍ଧନ, ବିଶ୍ୱାସ, ସ୍ଥିରତା ଏବଂ ମୁହୂର୍ତ୍ତ ଉପରେ ନିର୍ମିତ ଯାହା ସବୁଦିନ ପାଇଁ ବଂଚିଥାଏ । ଚଳିତ ଋତୁରେ ଏହି କିମ୍ବଦନ୍ତୀ ଖେଳାଳିଙ୍କୁ ସମ୍ମାନ ଦିଅନ୍ତୁ ଏବଂ ବିରଳ ପ୍ଲାଟିନମ୍‌ରେ ନିର୍ମିତ ସ୍ୱତନ୍ତ୍ର ମେନ୍ ଅଫ୍ ପ୍ଲାଟିନମ୍ ଏକ୍ସ ଏମ୍ ଏସ୍ ଧୋନି ସିଗ୍ନେଚର ଏଡିସନ୍‌ର ମାଲିକ ହୋଇ ଗର୍ବର ସହ ନିଜ ଫାଣ୍ଡୋମ୍ ପିନ୍ଧିବେ। ୯୫% ପ୍ଲାଟିନମ୍‌ରେ ନିର୍ମିତ ପ୍ରତ୍ୟେକ ଖଣ୍ଡକୁ ସ୍ୱଚ୍ଛ, ବୋଲ୍ଡ ଲାଇନ୍ ଏବଂ ମିନିମାଲିଷ୍ଟ ସୌନ୍ଦର୍ଯ୍ୟ ଦ୍ୱାରା ବ୍ୟାଖ୍ୟା କରାଯାଇଛି, ଯେଉଁଥିରେ ଧୋନିଙ୍କ ଦସ୍ତଖତ ପ୍ଲାଟିନମରେ ତାଙ୍କ ଯାତ୍ରାର ପ୍ରତୀକ ଭାବରେ ଲେଖାଯାଇଛି ।



ବୋଲ୍ଡ ବ୍ରେସଲେଟ୍ ହେଉ, ସ୍ଲିକ୍ ଚେନ୍ ହେଉ କିମ୍ବା ଷ୍ଟେଟମେଟ୍ ରିଙ୍ଗ୍ ହେଉ, ପ୍ରତ୍ୟେକ ଡିଜାଇନ୍ ଏହାର କାଳଜୟୀ ଆକର୍ଷଣ ସହିତ ସୌନ୍ଦର୍ଯ୍ୟକୁ ପୁନଃସଂଜ୍ଞା କରେ।

ଏହି ଦସ୍ତଖତ ସଂଗ୍ରହ ବିଷୟରେ ମହେନ୍ଦ୍ର ସିଂହ ଧୋନି କହିଛନ୍ତି, "ମୋର କ୍ରିକେଟ୍ ଯାତ୍ରା ରେ ପ୍ରତ୍ୟେକ ଚ୍ୟାଲେଞ୍ଜ, ବିଜୟ ଏବଂ ଶିକ୍ଷା ମୁଁ କିଏ ତାହା ରଚନା କରିଛି – ଏପରି ମୂଲ୍ୟବୋଧ ସୃଷ୍ଟି କରିଛି ଯାହା ମୋତେ ଉଭୟ ଜୀବନରେ ଏବଂ ପଡ଼ିଆରେ ମାର୍ଗଦର୍ଶନ କରୁଛି । ପ୍ଲାଟିନମ୍ ବିରଳ, ସ୍ଥିର ଏବଂ ସ୍ଥାୟୀ ହେବା ପାଇଁ ନିର୍ମିତ, ଯେମିତି ପ୍ରତ୍ୟେକ ଚ୍ୟାଲେଞ୍ଜକୁ ଅତିକ୍ରମ କରିବା ପାଇଁ ଆବଶ୍ୟକ ମାନସିକତା । ପ୍ଲାଟିନମ୍ ଗହଣା ପିନ୍ଧିବା ମୋ ପାଇଁ ଧୈର୍ଯ୍ୟର ସ୍ମୃତି। ଏହା ହିଁ ମେନ୍ ଅଫ୍ ପ୍ଲାଟିନମ୍ ଙ୍କ ସହ ସହଯୋଗକୁ ସ୍ୱତନ୍ତ୍ର କରିଛି। ଏହି ସଂକଳନର ପ୍ରତିଟି ଖଣ୍ଡ କ୍ଷୁଦ୍ର ଧାରାଠାରୁ ବହୁ ଦୂରରେ ରହିଛି। ଏହି ସଂକଳନ ହେଉଛି ସମୟହୀନତାର ପ୍ରତୀକ – ନିଷ୍ଠା, ଆତ୍ମପ୍ରକାଶ ଏବଂ ଆଗକୁ ବଢିବା ପାଇଁ ଅଭିଯାନର ଏକ ପ୍ରତୀକ ।

# ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍ ଉଦଘାଟିତ

ଭୁବନେଶ୍ୱର,୭।୪: ଆଜି ଭୁବନେଶ୍ୱରର ସପ୍ତମ ବାଟାଲିୟନ ପଡିଆରେ ୭୩ତମ ସର୍ବଭାରତୀୟ ପୁଲିସ ହକି ଚାମ୍ପିଅନସିପ୍ - ୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ। ଯୋଗ ଦେଇ ଭବ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସମସ୍ତ ପ୍ରତିଯୋଗୀ ଓ କ୍ରୀଡା ପରିଚାଳକମାନଙ୍କୁ ଖେଳୁଆଡ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଡିଜିପି ଶ୍ରୀ ଖୁରାନିଆ। ସମସ୍ତ ଅଂଶଗ୍ରହଣକାରୀ ଦଳ, ପ୍ରଶିକ୍ଷକ ଓ କ୍ରୀଡ଼ା ଅଧିକାରୀଙ୍କୁ ସ୍ୱାଗତ କରିବା ସହ ସଫଳତା କାମନା କରିଥିଲେ।ଏହି ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ। ଓଡିଶା ପୋଲିସକୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିବାରୁ ସର୍ବ ଭାରତୀୟ ପୋଲିସ କ୍ରୀଡା ନିୟନ୍ତ୍ରଣ ବୋର୍ଡକୁ କୃତଜ୍ଞତା ଜଣାଇଥିଲେ। ଏହି ସର୍ବଭାରତୀୟ କ୍ରୀଡ଼ା ପ୍ରତିଯୋଗିତା ଆୟୋଜନରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସହଯୋଗ ପ୍ରଦାନ କରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଚଳିତ ପ୍ରତିଯୋଗିତାରେ ଖେଳାଳୀ ମାନେ ସେମାନଙ୍କ ଶ୍ରେଷ୍ଠ କ୍ରୀଡ଼ା କୌଶଳ ପ୍ରଦର୍ଶନ କରିବେ ବୋଲି ଶ୍ରୀ ଖୁରାନିଆ। ଆଶା ବ୍ୟକ୍ତ କରିଛନ୍ତି।



କିଛି ଦିନ ତଳେ ଓଡ଼ିଶା ପୋଲିସର କ୍ରୀଡାବିତମାନେ ସର୍ବ ଭାରତୀୟ ପୋଲିସ ଜଳ କ୍ରୀଡା, ବନ୍ଧୁକ ଚାଳନା, ଫୁଟବଲ, ହକି ଆଦି ଖେଳରେ ପଦକ ହାସଲ କରି ଗୌରବ ବଢାଇଛନ୍ତି। ଆଗାମୀ ଦିନରେ ଓଡ଼ିଶା ପୋଲିସର କ୍ରୀଡାବିତ ମାନେ ରାଜ୍ୟ ପୋଲିସ ପାଇଁ ଆହୁରି ସୁନାମ ଆଣିବେ ବୋଲି ଡିଜିପି ଆଶାବ୍ୟକ୍ତ କରିଛନ୍ତି।

ଭାରତୀୟ ହକିର ପୀଠ ଭାବେ ପରିଚିତ ସୁନ୍ଦରଗଡ଼ ଜିଲ୍ଲାର ଉଲ୍ଲେଖନୀୟ ପରମ୍ପରା ସମ୍ପର୍କରେ ଡିଜିପି ଉଲ୍ଲେଖ କରିବା ସହ ପଦ୍ମଶ୍ରୀ ଦିଲୀପ ତିର୍କୀ, ଲାଜରସ୍ ବାର୍ଲା, ପ୍ରବୋଧ ତିର୍କୀ, ବୀରେନ୍ଦ୍ର ଲାକ୍ରା ଏବଂ ଲିଲିମା ମିଞ୍ଜଙ୍କ ଭଳି ଅନେକ କିମ୍ବଦନ୍ତୀ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଉଭୟ ଓଡ଼ିଶା ଓ ଭାରତର ପ୍ରତିନିଧି କରି ଦେଶ ପାଇଁ ଗୌରବ ଆଣିଛନ୍ତି ବୋଲି ମତବ୍ୟକ୍ତ କରିଥିଲେ।

ସମାରୋହର ପ୍ରାରମ୍ଭରେ ଆଇଜି (ପ୍ରଶିକ୍ଷଣ) ତଥା ଆୟୋଜକ କମିଟିର ସମ୍ପାଦକ ଅନୁପ କୁମାର ସାହୁ ପ୍ରାରମ୍ଭିକ ଅଭିଭାଷଣ ଦେଇ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ତଥା ଆୟୋଜକ କମିଟିର ଉପାଧ୍ୟକ୍ଷ ଶ୍ରୀ ଦୟାଲ ଗଙ୍ଗାର ସ୍ୱାଗତ ଭାଷଣ ଦେଇଥିଲେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର ) ତଥା କମିଟିର ଉପସଭାପତି ରାଜେଶ କୁମାର ଧନ୍ୟବାଦ ଅର୍ପଣ କରିଥିଲେ।

୨୦୨୫ ଏପ୍ରିଲ ୭ରୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବ। ଲିଗ୍ କମ୍ ନକଆଉଟ୍ ଫର୍ମାଟରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ବିଭିନ୍ନ ରାଜ୍ୟ ପୁଲିସ ଓ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବାହିନୀର ଦଳ ଅଂଶଗ୍ରହଣ କରୁଛନ୍ତି। ୨୬ ଟି ପୁରୁଷ ଓ ୯ ଟି ମହିଳା ଦଳ ଏହି ଚାମ୍ପିଅନସିପରେ ଭାଗ ନେଉଛନ୍ତି ।

ଡିଜିପି ସମସ୍ତ ଆୟୋଜକ ସଦସ୍ୟଙ୍କୁ ଆତିଥ୍ୟ, ଅନୁସଙ୍ଗିକ ସୁବିଧା ଏବଂ ମ୍ୟାଚ୍ ପରିଚାଳନା ସମ୍ବନ୍ଧୀୟ ତ୍ରୁଟିମୁକ୍ତ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେବା ସହ ରାଜ୍ୟର ଗୌରବକୁ ପ୍ରତିନିଧି କରିବାରେ ଉଚ୍ଚ ମାନଦଣ୍ଡ ବଜାୟ ରଖିବାକୁ ଓଡ଼ିଶା ପୁଲିସକୁ ଅନୁରୋଧ କରିଛନ୍ତି। ଆଜିର ଏହି ଉଦଘାଟନି ସମାରୋହରେ ଅବସରପ୍ରାପ୍ତ ପୋଲିସ ଅଧିକାରୀ, ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ।

## ଶେନ ଓ୍ୱାର୍ଣ୍ଣଙ୍କୁ ଅତିକ୍ରମ କଲେ ସଞ୍ଜୁ ସାମ୍ସନ

ଜୟପୁର,୭।୪: ସଞ୍ଜୁ ସାମ୍ସନ ରାଜସ୍ଥାନ ରୟାଲ୍ସ (ଆରଆର୍) ଫ୍ରାଞ୍ଚାଇଜର ସବୁଠୁ ସଫଳ ଅଧିନାୟକ ହେବାର ସୌଭାଗ୍ୟ ଲାଭ କରିଛନ୍ତି ପଞ୍ଜାବ କିଙ୍ଗ୍ସ ବିପକ୍ଷରେ ଶନିବାର ଖେଳାଯାଇଥିବା ମ୍ୟାଚକୁ ରାଜସ୍ଥାନ ୫୦ ରନରେ ଜିତି ନେଇଥିଲା ଏହି ବିଜୟ ସାମ୍ସନଙ୍କ ନେତୃତ୍ୱରେ ରାଜସ୍ଥାନ ଲାଗି ୩୨ତମ ବିଜୟ ରହିଛି।



ଏଥିସହିତ ସଞ୍ଜୁ ସାମ୍ସନ କିମ୍ବଦନ୍ତୀ ଶେନ ଓ୍ୱାର୍ଣ୍ଣଙ୍କୁ ଅତିକ୍ରମ କରିଛନ୍ତି ।ଓ୍ୱାର୍ଣ୍ଣଙ୍କ ନେତୃତ୍ୱରେ ରାଜସ୍ଥାନ ୨୦୦୮ ସଂସ୍କରଣରେ ଚାମ୍ପିୟନ ହେବା ସହ ୩୧ଟି ମ୍ୟାଚ ଜିତିଥିଲା ସେ ୫୫ ମ୍ୟାଚରେ ଦଳର ନେତୃ ନେଇଥିଲେ। ରାଜସ୍ଥାନର ସଫଳ ଅଧିନାୟକଙ୍କ ତାଲିକାରେ ୩୪ ମ୍ୟାଚରେ ୧୮ ବିଜୟ ସହ ରାହୁଲ ଦ୍ରାବିଡ ତୃତୀୟ ସ୍ଥାନରେ ରହିଛନ୍ତି।

## ଆଜିର ମ୍ୟାଚ୍

ସିଏସ୍‌କେ ବନାମ ଦିଲ୍ଲୀ ଡେୟାରଡେଭିଲ୍ସ

ପଞ୍ଜାବ ବନାମ ରାଜସ୍ଥାନ

## ପଏଣ୍ଟ ତାଲିକା

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ଦିଲ୍ଲୀ କ୍ୟାପିଟାଲ୍ | ୦୩ | ୦୩ | ୦୦ | ୦୬ |
| ଗୁଜରାଟ ଟାଇଟନ୍ସ | ୦୪ | ୦୩ | ୦୧ | ୦୬ |
| ରୟାଲ୍ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୦୪ | ୦୩ | ୦୧ | ୦୬ |
| ପଞ୍ଜାବ କିଙ୍ଗ୍ସ | ୦୩ | ୦୨ | ୦୧ | ୦୪ |
| କୋଲକାତା ନାଇଟ୍ ରାଇଡର୍ସ | ୦୪ | ୦୨ | ୦୨ | ୦୪ |
| ଲକ୍ଷ୍ନୌ ସୁପର ଜିଆଣ୍ଟ ସ | ୦୪ | ୦୨ | ୦୨ | ୦୪ |
| ରାଜସ୍ଥାନ ରୟାଲ୍ସ | ୦୪ | ୦୨ | ୦୨ | ୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୦୫ | ୦୧ | ୦୪ | ୦୨ |
| ଚେନ୍ନାଇ ସୁପର କିଙ୍ଗ୍ସ | ୦୪ | ୦୧ | ୦୩ | ୦୨ |
| ସନରାଇଜର୍ସ ହାଇଦ୍ରାବାଦ | ୦୫ | ୦୧ | ୦୪ | ୦୨ |

## ଆଇପିଏଲ୍‌ରେ ଖେଳିବାକୁ ନେଇ ମୁହଁ ଖୋଲିଲେ ଧୋନୀ

ନୂଆଦିଲ୍ଲୀ,୭।୪: କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀ ଆଗାମୀ ବର୍ଷ ଆଇପିଏଲ୍‌ରେ ଖେଳିବେ କି ନାହିଁ, ସେ ନେଇ ନିଷ୍ପତ୍ତି ନେବା ଲାଗି ତାଙ୍କ ପାଖରେ ୧୦ ମାସ ସମୟ ରହିଥିବା କହିଛନ୍ତି ଚଳିତ ଆଇପିଏଲ୍‌ରେ ଧୋନୀ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଲାଗି ଲୋୟର ଅର୍ଡରରେ ବ୍ୟାଟିଂ କଲା ବେଳେ ସେଭଳି ପ୍ରଭାବୀ ଇନିଂସ ଖେଳିବାରେ ବିଫଳ ହୋଇଛନ୍ତି ସେ ଏପର୍ଯ୍ୟନ୍ତ ୪ ମ୍ୟାଚରେ ୭୬ ରନ କରିଥିବା ବେଳେ ତାଙ୍କ ଇନିଂସରେ ଟାଇମିଂ ଓ ପ୍ରଭାବର ଅଭାବ ଦେଖାଦେଉଛି ଏଥିଯୋଗୁ ଅନେକ ପୂର୍ବତନ କ୍ରିକେଟର ଧୋନୀଙ୍କୁ କ୍ରିକେଟ ଛାଡ଼ି ଆଗକୁ ବଢ଼ିବାକୁ ପରାମର୍ଶ ଦେଇଛନ୍ତି

ମୁଁ ଏବେ ବି ଆଇପିଏଲ୍‌ରେ ଖେଳୁଛି ବର୍ତ୍ତମାନ ମୁଁ ଥରେ କେ ଏକ ବର୍ଷ ଲାଗି ପ୍ରସ୍ତୁତ ହେଉଛି ମୋତେ ଏବେ ୪୩ ବର୍ଷ ଚଳିତ ବର୍ଷ ଆଇପିଏଲ୍ ଶେଷ ସୁଦ୍ଧା ମୋତେ ୪୪ ହେବ ଏଣୁ ମୁଁ ଆଉ ଏକ ବର୍ଷ ଖେଳିବାକୁ ଚାହେଁ କି ନାହିଁ, ନିଷ୍ପତ୍ତି ନେବା ପାଇଁ ମୋ ପାଖରେ ୧୦ ମାସ ସମୟ ଅଛି ଏହି ନିଷ୍ପତ୍ତି ମୋର ନୁହେଁ, ବରଂ ଏହା ସମ୍ପୂର୍ଣ୍ଣ ରୂପେ ମୋ ଶରୀର ଉପରେ ନିର୍ଭର କରେ ମୁଁ ଖୁସି କି ଦୁଃଖରେ ଅଛି, ତାହା ଚର୍ଚ୍ଚାର ବିଷୟ ନୁହେଁ ଯାହା ଘଟିଗଲା, ଘଟିଗଲା ଏହାକୁ ବଦଳା ଯାଇପାରିବ ନାହିଁ ସବୁ କିଛି ସ୍ୱୀକାର କରି ଆଗକୁ ବଢ଼ିବାକୁ ପଡ଼େ ଯାହା ବି ଘଟିଲେ ମୁଁ ଅନ୍ତର୍ଜାତୀୟ ସ୍ତରରେ କରିଥିବା ରନରେ ଆଉ ଏକ ରନ ଯୋଡ଼ିପାରିବି ନାହିଁ କିମ୍ବା କେହି ତାହାକୁ କମାଇପାରିବେ ନାହିଁ ବୋଲି ଧୋନୀ ଏକ ପଡକାଷ୍ଟରେ କହିଛନ୍ତି।

## ଇଶାନ୍ତ ଶର୍ମାଙ୍କୁ ଜରିମାନା

ହାଇଦ୍ରାବାଦ,୭।୪: ରବିବାର ରାତିରେ ସନରାଇଜର୍ସ ହାଇଦ୍ରାବାଦ ବିପକ୍ଷ ମ୍ୟାଚ ବେଳେ ଆଇପିଏଲ୍ ଆଚରଣ ସଂହିତା ଉଲ୍ଲଂଘନ କରିଥିବା ଅଭିଯୋଗରେ ଗୁଜରାଟ ଟାଇଟନ୍ସ ପେସର ଇଶାନ୍ତ ଶର୍ମାଙ୍କୁ ତାଙ୍କ ମ୍ୟାଚ୍ ଫିର ୨୫ ପ୍ରତିଶତ ଜରିମାନା କରାଯାଇଛି। ଏହାଛଡ଼ା ତାଙ୍କ ଶୃଙ୍ଖଳାଗତ ଖାତାରେ ଏକ ଡିମେରିଟ୍ ଯୋଗ କରାଯାଇଛି। ଇଶାନ୍ତ ଆଇପିଏଲ୍ ଆଚରଣବିଧି ଲେଭଲ-୧ର ଧାରା ୨.୨ର ଉଲ୍ଲଂଘନ



କରିଛନ୍ତି ମ୍ୟାଚ ସମୟରେ କ୍ରିକେଟ ଉପକରଣ କିମ୍ବା ପୋଷାକ, ଗ୍ରାଉଣ୍ଡ ଉପକରଣ କିମ୍ବା ଫିକ୍ସର ଓ ଫିଟିଙ୍ଗ୍ସର ଦୁରୁପଯୋଗ କ୍ଷେତ୍ରରେ ଏହି ଦଣ୍ଡବିଧାନ କରାଯାଇଥାଏ ଇଶାନ୍ତ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ଅରଚରଣ ସଂହିତାର ଲେଭଲ-୧ ଉଲ୍ଲଂଘନ କଲେ ମ୍ୟାଚ ରେଫରିଙ୍କ ନିଷ୍ପତ୍ତିଙ୍କ ଚୂଡ଼ାନ୍ତ ଏବଂ ପାଳନ କରିବା ବାଧ୍ୟତାମୂଳକ ବୋଲି ଆଇପିଏଲ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ଭାରତର ପୂର୍ବତନ ପେସ୍ ବୋଲର ମ୍ୟାଚରେ ୪ ଓଭର ବୋଲିଂ କରି ୫୩ ରନ ଦେଇଥିଲେ ମଧ୍ୟ ଗୋଟିଏ ହେଲେ ଉଇକେଟ ସଫଳତା ପାଇ ନ ଥିଲେ। ଓଭରଅଲ ୩ଟି ଗେମ୍‌ରେ ସେ ୧୦୭ ରନ ଦେଇଥିଲେ ମଧ୍ୟ ଗୋଟିଏ ଉଇକେଟ ପାଇଥିଲେ।

## ପାକିସ୍ତାନ ଟିମ୍ ଉପରେ ସ୍ଲୋ-ଓଭର ଦଣ୍ଡ

### ଆଇସିସି ଲଗାଇଲା ୫% ଜରିମାନା

ନୂଆଦିଲ୍ଲୀ,୭।୪: ପାକିସ୍ତାନ କ୍ରିକେଟ୍ ଟିମ୍‌ର ପିଛା ଛାଡୁନି ଟେନସନ୍ ।ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରି ବୁଡ଼ିଯାଇଥିବା ପାକ୍ ଟିମ୍ ପାଇଁ ପୁଣି ଥରେ ମୁସ୍କିଲ ବଢ଼ିଛି ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ସିରିଜ୍‌ରେ ସ୍ଲୋ-ଓଭର ରେଟ୍ ପାଇଁ ଫାଇନ୍ ଲାଗିଛି। ମ୍ୟାଚ୍ ଫି ଉପରେ ୫% ପ୍ରତିଶତ ଜରିମାନା ଲଗାଇଛି ଆଇସିସି।

ନ୍ୟୁଜିଲାଣ୍ଡ ଗସ୍ତରେ ଥିବା ପାକିସ୍ତାନ କ୍ରିକେଟ୍ ଟିମ୍ ନୈରାଶ୍ୟଜନକ ପ୍ରଦର୍ଶନ ରହିଛି। ପାକିସ୍ତନ ଦଳ ପ୍ରଥମେ ୫ ଟିକିଆ ଟି-୨୦ ସିରିଜ୍ ୧-୪ରେ ପରାସ୍ତ ହେବା ପରେ ତିନୋଟି ମ୍ୟାଚ୍ ବିଶିଷ୍ଟ ଦିନିକିଆ। ସିରିଜ୍‌ରେ ହ୍ୱାଇଟ୍ ଓ୍ୱାସ୍ ହୋଇଛି। ତେବେ



ଏହି ଦ୍ୱିପାକ୍ଷିକ ସିରିଜରେ ସ୍ଲୋ-ଓଭର ରେଟ୍ ପାଇଁ ଦଳ ଉପରେ ଫାଇନ୍ ଲାଗିଛି ମ୍ୟାଚ୍ ଫିରେ ୫ ପ୍ରତିଶତ ଜରିମାନା ଲଗାଇଛି ଆନ୍ତର୍ଜାତିକ କ୍ରିକେଟ୍ ପରିଷଦ ଏହି ଫାଇନ୍ ନ୍ୟୁଜିଲାଣ୍ଡ ବିରୋଧରେ ମାଉଁଣ୍ଟ ମାଉଁଗାନୁଇରେ ଖେଳାଯାଉଥିବା ତୃତୀୟ ଦିନିକିଆରେ ପାକିସ୍ତାନ ଟିମ୍ ନିର୍ଦ୍ଧାରିତ ସମୟ ପୂର୍ବରୁ ଗୋଟିଏ ଓଭର କମ୍ ବୋଲିଂ କରିଥିଲା। ସୂଚନା ଅନୁଯାୟୀ, ଖେଳାଳି ଓ ଖେଳାଳିଙ୍କ ସହଯୋଗୀ ଷ୍ଟାଫଙ୍କ ପାଇଁ ଆଇସିସି ଆଚାର ସଂହିତାର ସ୍ଲୋ-ଓଭର ରେଟ୍ ସହିତ ଜଡ଼ିତ ଅନୁଚ୍ଛେଦ ୨.୨୨ ଅନୁସାରେ ଏହି ନିୟମ ଲାଗୁ ହୋଇଛି। ନିର୍ଦ୍ଧାରିତ ସମୟ ଭିତରେ ବୋଲିଂ ଶେଷ ନହେଲେ ପ୍ରତି ଓଭର ଦରରେ ମ୍ୟାଚ୍ ଫି ୫ ପ୍ରତିଶତ ଲାଗିବ। ଟିମ୍ ରିଜଓ୍ୱାନ ନ୍ୟୁଜିଲାଣ୍ଡ ସହିତ ତୃତୀୟ ଦିନିକିଆରେ ଧିମା ଓଭର ବୋଲିଂ କରିବାରୁ ଏହି ଜରିମାନା ଲାଗିଛି ପାକିସ୍ତାନ ଅଧିନାୟକ ମହମ୍ମଦ ରିଜଓ୍ୱାନ ମଧ୍ୟ ଏହାକୁ ସ୍ୱିକାର କରିଛନ୍ତି।

### ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ

## ଫାଓ ଏକାଦଶର ଏକତରଫା ବିଜୟ

ରାଉରକେଲା: ବିର୍ସା ମୁଣ୍ଡା ଆଥଲେଟିକ ଷ୍ଟାଡିୟମରେ ରବିବାରଠାରୁ ୧୯ତମ ସର୍ବଭାରତୀୟ ବିଜୁ ପଟ୍ଟନାୟକ ସ୍ମାରକୀ ଫୁଟବଲ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଏଲିଟ ଫୁଟବଲ ଏକାଡେମୀ(ଛତିଶଗଡ଼) ଓ ଫାଓ ଏକାଦଶ ମୁହାଁମୁହିଁ ହୋଇଥିଲେ ମ୍ୟାଚ୍‌କୁ ଫାଓ ଏକାଦଶ ଏକତରଫାଭାବେ ୫-୦ ଗୋଲ୍‌ରେ ଜିତିନେଇଛି।



ଖେଳର ୧୯ତମ ମିନିଟରେ ଦଳର ରାହୁଲ ମୁଖି ପ୍ରଥମ ଗୋଲ୍ ଦେଇଥିଲେ ଏହାପରେ ରୋଶନ ପାନ୍ନା (୪୫ ଓ ୫୪ ମିନିଟ୍) ଦୁଇଟି ଗୋଲ୍ ଦେଇଥିବାବେଳେ ଅରବିନ୍ଦ ଲାକ୍ରା(୩୧), ପିଣ୍ଟୁ ସାନ୍ତା(୮୨) ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଟ୍ରାଶନ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ଦୁର୍ଗା ମାଧବ ନାୟକ ମ୍ୟାଚ କମିସନର ଦାୟିତ୍ୱ ତୁଲାଇଥିବାବେଳେ ଶିବ ଶଙ୍କର ପଣ୍ଡା, ଦିଲୀପ ରାଉତ, ଲିଙ୍ଗରାଜ ପ୍ରଧାନ ଓ ରୋଶନ ଖାନ ପରିଚାଳନା କରିଥିଲେ।

ଉଲ୍ଲେଖଯୋଗ୍ୟ, ଏପ୍ରିଲ ୧୨ ତାରିଖ ଯାଏ ଚାଲିବାକୁଥିବା ଏହି ପ୍ରତିଯୋଗିତାରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ସମ୍ମାନିତ ଅତିଥି ଆପୋଲୋ ହସପିଟାଲ ସିଇଓ ଅଖୀଳ ଜେନ, ଏସ.ଏନ.ଜ୍ୟୋତିଷୀ, ସୁଧୀର ସୁନ୍ଦରରାୟ, ପ୍ରଶାନ୍ତ ସେଠୀ ପ୍ରମୁଖ ଯୋଗଦେଇଥିଲେ ଆୟୋଜକ ରାଉରକେଲା ସ୍ପୋର୍ଟ୍ସ ଆସୋସିଏସନ ଅଧ୍ୟକ୍ଷ ମିହିର ରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହେଉଛି ।ଶରତ ମିଶ୍ର, ମନୋଜ ରାଉତ, ରାମ ଗୌଡ଼, କାର୍ତ୍ତିକ ଖଣ୍ଡୁଆଳ, ରାମ ନାୟକ, ସଞ୍ଜୟ ପାତ୍ର, ଜନ୍ମେଜୟ ରାଉତରାୟ, ଲବ ମହାନ୍ତ, ସୂର୍ଯ୍ୟକାନ୍ତ ପାତ୍ର, ଯୁଗଳ ଟପ୍ପୋ, ପ୍ରଦୀପ ସାଇଁ, ବିଜୟ ପାଳ, ଅନନ୍ତ ମାରାଣ୍ଡି, ପ୍ରକାଶ ବାରିକ, ସହଦେବ ତନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଧୋନି କମେଣ୍ଟ୍ରି ବକ୍ସକୁ ଆସିଯିବା ଉଚିତ : ହେଡେନ୍

ଚେନ୍ନାଇ,୭।୪: ଆଇପିଏଲର ୧୭ତମ ମ୍ୟାଚରେ ଅକ୍ଷର ପଟେଲଙ୍କ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ଦଳ ଭାବେ ହ୍ୟାଟ୍ରିକ୍ ବିଜୟ ସହ ଶୀର୍ଷରେ ପହଞ୍ଚିଛି। ଚେପକରେ ଶନିବାର ଅପରାହ୍ଣରେ ଖେଳାଯାଇଥିବା ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୫ ରନରେ ଚେନ୍ନାଇ ସୁପର୍ କିଙ୍ଗ୍ସକୁ ପରାସ୍ତ କରିଛି।



ଏହି ମ୍ୟାଚରେ ଧୋନି ଅନେକ ସମୟ ଧରି କ୍ରେଜରେ ରହିବା ପରେ ବି ନିଜର ଟିମକୁ ଜିତାଇ ପାରିଲେ ନାହିଁ ।ସମ୍ପ୍ରତି ଧୋନିଙ୍କ ଭୂମିକାକୁ ନେଇ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି କ୍ରମରେ ଚେନ୍ନାଇ ସୁପର୍ କିଙ୍ଗ୍ସର ପୂର୍ବତନ ଖେଳାଳି ମାଥ୍ୟୁ ହେଡେନ ଧୋନିଙ୍କ ଖରାପ ପ୍ରଦର୍ଶନ ପାଇଁ ପ୍ରତିକ୍ରିୟା ଦେଇ ନୂଆ। ଚାକିରିର ଅଫର ଦେଇଛନ୍ତି। ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ଖେଳା ଯାଇଥିବା ମ୍ୟାଚରେ ଧୋନି ୨୬ଟି ବଲରେ ୩୦ରନ କରିଥିଲେ। ଯେଉଁଥିରେ ଗୋଟିଏ ଚେକା ଓ ଗୋଟିଏ ଛକା ଥିଲା। କିନ୍ତୁ ସେ ତାଙ୍କ ଦଳକୁ ବିଜୟୀ କରି ପାରି ନଥିଲେ। ଯେଉଁଥିପାଇଁ ଧୋନିଙ୍କ ଫ୍ୟାନ୍ସମାନେ ନିରାଶ ହୋଇ ଯାଇଥିଲେ। ଚେନ୍ନାଇ ସୁପର୍ କିଙ୍ଗ୍ସର ପୂର୍ବତନ ଖେଳାଳି ହେଡେନ ପ୍ରତିକ୍ରିୟା ଦେଇ କହିଛନ୍ତି, ଧୋନିଙ୍କୁ ଏହି ମ୍ୟାଚ ପରେ ଆମ ସହିତ କମେଣ୍ଟ୍ରି ବକ୍ସକୁ ଆସିଯିବା ଉଚିତ। ତାଙ୍କ ପାଇଁ କ୍ରିକେଟ ଶେଷ ହୋଇସାରିଛି ଯାହା ଧୋନିଙ୍କୁ ସ୍ୱୀକାର କରି ନେବାକୁ ପଡ଼ିବ।

## ଦୁଇ ବର୍ଷ ବାସନ୍ଦ ପରେ ଫେରିଲେ ହୋସେନ

ଢାକା,୭।୪: ଦୁଇ ବର୍ଷର ବାସନ୍ଦାଦେଶ ଶେଷ କରିବା ପରେ ବାଂଲାଦେଶ କ୍ରିକେଟର ନାସିର ହୋସେନ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଆଇସିସିର ଦୁର୍ନୀତି ନିବାରଣ ନିୟମ ଭଙ୍ଗ କରିବା ଲାଗି ତାଙ୍କୁ ୨୦୨୩ ସେପ୍ଟେମ୍ବରରେ ବାସନ୍ଦ କରାଯାଇଥିଲା। ବାସନ୍ଦାଦେଶର ସର୍ତ୍ତ ମୁତାବକ, ବାଧ୍ୟତାମୂଳକ ଦୁର୍ନୀତି ନିବାରଣ ଶିକ୍ଷା ସେଶନ ନେବା ସହ ହୋସେନ ସମସ୍ତ ମାନଦଣ୍ଡ ପୂରଣ କରିଛନ୍ତି। ଏହା ତାଙ୍କ ପାଇଁ ଏପ୍ରିଲ ୭ ତାରିଖରୁ ଆନୁଷ୍ଠାନିକ ଭାବେ କ୍ରିକେଟରେ ପୁନଃ ପ୍ରବେଶ କରିବାର ବାଟ ଖୋଲି ଦେଇଛି ବୋଲି ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ପକ୍ଷରୁ କୁହାଯାଇଛି। ୩୩ ବର୍ଷୀୟ ହୋସେନ ୨୦୧୧ରୁ ୨୦୧୮ ପର୍ଯ୍ୟନ୍ତ ବାଂଲାଦେଶ ପାଇଁ ସମସ୍ତ ଫର୍ମାଟରେ ୧୧୫ ମ୍ୟାଚ ଖେଳିଥିଲେ। ନାସିର ଚଳିତ ଢ଼ାକା ପ୍ରିମିୟର ଲିଗ ଜରିଆରେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟକୁ ପ୍ରତ୍ୟାବର୍ତ୍ତନ କରିବାକୁ କହିଛନ୍ତି।

## ଜାତୀୟ ଦୃଷ୍ଟିବାଧିତ ଚେସ୍: ଦର୍ପଣ ବିଜେତା

ଭୁବନେଶ୍ୱର,୭।୪: ଚେସ୍ ବୋର୍ଡରେ ପୁଣି ଥରେ ଦୃଷ୍ଟିବାଧିତ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଦର୍ପଣ ଇରାନୀଙ୍କ ଯାଦୁ ଦେଖିବାକୁ ମିଳିଛି। ଗୁଜରାଟର ଏହି ପ୍ରେରଣାଦାୟୀ ତଥା ଅସାଧାରଣ ପ୍ରତିଭାର ଅଧିକାରୀ ସାଇ ଇଣ୍ଟରନ୍ୟାସନାଲ ରେସିଡେନ୍‌ସିଆଲ୍ ସ୍କୁଲ୍‌ଠାରେ ଆୟୋଜିତ ଅଷ୍ଟାଦଶ ଜାତୀୟ ଦୃଷ୍ଟିବାଧିତ ଚେସ୍‌ରେ ବିଜେତା ହୋଇଛନ୍ତି। ତାଙ୍କ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ତଥା ୮ଥର ବିଜେତା କର୍ଣ୍ଣାଟକର କିଶନ ଗାଙ୍ଗୁଲି ସମାନ ୭.୫ ପଏଣ୍ଟ୍ ପାଇଥିଲେ ମଧ୍ୟ ଟାଇବ୍ରେକ୍ ସ୍କୋର୍‌ରେ ପଛୁଆ। ରହି ଉପବିଜେତାରେ ସନ୍ତୁଷ୍ଟ ରହିଛନ୍ତି। ମହାରାଷ୍ଟ୍ରର ଆର୍ଯ୍ୟନ ବି ଯୋଶୀ ଏବଂ ଓଡ଼ିଶା ତାରକା ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ୭ ପଏଣ୍ଟ୍ ଲେଖାଏଁ ପାଇ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛନ୍ତି। ସୌନ୍ଦର୍ଯ୍ୟଙ୍କ ଭାଇ ପ୍ରାଚୁର୍ଯ୍ୟ (୬) ସପ୍ତମ, ଶୁଭେନ୍ଦୁ କୁମାର ପାତ୍ର (୫.୫) ତ୍ରୟୋଦଶ ଏବଂ ଅନ୍ୟତମ ଓଡ଼ିଆ ତାରକା ଦୀପକ କୁମାର ଭୋଇ (୪) ୩୭ତମ ସ୍ଥାନରେ ରହିଛନ୍ତି।ବିଜେତା ଦର୍ପଣ ଏଥିସହ




୭୫,୦୦୦ ଟଙ୍କାର ଆର୍ଥିକ ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ଜିତିଛନ୍ତି।

ଏହି ପ୍ରତିଯୋଗିତାର ଅଷ୍ଟମ ରାଉଣ୍ଡ ସୁଦ୍ଧା କିନ୍ତୁ ଆର୍ଯ୍ୟନ ବି ଯୋଶୀ ଏକକ ଆଗୁଆ ରହିଥିଲେ ନବମ ତଥା ଶେଷ ରାଉଣ୍ଡରେ କିନ୍ତୁ ଓଡ଼ିଶାର ପ୍ରାଚୁର୍ଯ୍ୟ କୁମାର ପ୍ରଧାନ ତାଙ୍କୁ ହରାଇ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଥିଲେ। ତା ସହିତ ଆର୍ଯ୍ୟନଙ୍କ ବିଜେତା ହେବା ସ୍ୱପ୍ନ ମଉଳି ଯାଇଥିଲା। ଅନ୍ୟପକ୍ଷରେ ସ୍ଥାନୀୟ ଖେଳାଳି ଶୁଭେନ୍ଦୁ ପାତ୍ରଙ୍କୁ ପରାସ୍ତ କରି ନାଟକୀୟ ଭାବେ ବିଜେତା ହେବାର ଗେରବ ଅର୍ଜନ କରିଥିଲେ ଦର୍ପଣ ପ୍ରଥମ ୫ ସ୍ଥାନରେ ରହି ଦର୍ପଣ, କିଶନ, ଆର୍ଯ୍ୟନ, ସୌନ୍ଦର୍ଯ୍ୟ ଓ ମହାରାଷ୍ଟ୍ରର ମିଳିନ୍ଦ ସାମନ୍ତ (୬.୫) ଆସନ୍ତା ଜୁନ୍ ମାସରେ ସର୍ବିୟାରେ ହେବାକୁ ଥିବା ଦୃଷ୍ଟିବାଧିତ ଚେସ୍ ଅଲିମ୍ପିଆଡ୍ ଏବଂ ଅଗଷ୍ଟରେ ପୋଲାଣ୍ଡରେ ଖେଳାଯିବାକୁ ଥିବା ଆଇବିସିଏ ବିଶ୍ୱ ବ୍ୟକ୍ତିଗତ ଚେସ୍ ଚାମ୍ପିଅନସିପ୍ ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ମୁଖ୍ୟ ଅତିଥି, ସାଇ ଇଣ୍ଟରନ୍ୟାସନାଲ୍ ରେସିଡେନ୍‌ସିଆଲ୍ ସ୍କୁଲ୍ ପ୍ରିନସିପାଲ୍ ଅମିତାଭ ଅଗ୍ନିହୋତ୍ରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏମ ମଞ୍ଜୁନାଥ ମୁଖ୍ୟ ଆର୍ବିଟର୍ ଏବଂ କେଆର୍ ପ୍ରଧାନ ଓ ପିଙ୍କି ମହାପାତ୍ର ଆର୍ବିଟର୍ ଦାୟିତ୍ୱ ତୁଲାଇଥିଲେ ପ୍ରାଚୁର୍ଯ୍ୟ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଗିକି ନିଆଁବାଣ ହେଲେ କାବ୍ୟା

ନୂଆଦିଲ୍ଲୀ,୭।୪: ସନରାଇଜର୍ସ ହାଇଦ୍ରାବାଦ ପାଇଁ ଚଳିତ ଆଇପିଏଲ୍ ସିଜିନ୍ ଆରମ୍ଭ ଖରାପ ରହିଛି ଦଳ ଲଗାତାର ୪ ମ୍ୟାଚ ହାରିଛି ଟ୍ରାଭିସ ହେଡ, ଇଶାନ କିଷନ, ଅଭିଷେକ ଶର୍ମାଙ୍କଠାରୁ ଆରମ୍ଭ କରି ଦଳର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍‌ନେ ଗତ ୪ଟି ମ୍ୟାଚ୍‌ରେ ଫ୍ଲପ ହୋଇଛନ୍ତି।



ଦଳର ମାଲିକାଣୀ କାବ୍ୟା ମାରାନ ମଧ୍ୟ ଏହି ପରାଜୟକୁ ସହଜେ ହଜମ କରିପାରୁନାହାନ୍ତି। ଦଳର ଏମିତି ପ୍ରଦର୍ଶନରେ ସେ ତାଙ୍କ କ୍ରୋଧକୁ ନିୟନ୍ତ୍ରଣ କରିପାରି ନାହାନ୍ତି ।ଗୁଜୁରାଟ ଟାଇଟାନ୍ସ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରି ସନରାଇଜର୍ସ ହାଇଦ୍ରାବାଦ ପ୍ରଥମ ଓଭରରେ ହିଁ ନିଜର ପ୍ରଥମ ଉଇକେଟ ହରାଇଥିଲା ଟ୍ରାଭିସ ହେଡ ୮ ରନ କରି ଆଉଟ ହୋଇଥିଲେ। ପଞ୍ଚମ ଓଭରରେ ୧୮ ରନ କରି ଅଭିଷେକ ଶର୍ମା ଆଉଟ ହୋଇଥିଲେ, ଉଭୟଙ୍କୁ ମହମ୍ମଦ ସିରାଜ ଆଉଟ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଶତକ ହାସଲ କରିଥିବା ଇଶାନ କିଷନ ପୁଣି ଥରେ ଫ୍ଲପ ହୋଇଥିଲେ। ସେ ୧୭ ରନ କରିବା ପରେ ପ୍ରସିଦ୍ଧ କ୍ରିଷ୍ଣାଙ୍କ ଦ୍ୱାରା କ୍ୟାଚ ଆଉଟ ହୋଇଥିଲେ। ଷ୍ଟାଣ୍ଡରେ ବସିଥିବା ଦଳର ମାଲିକାଣୀ କାବ୍ୟା ମାରାନ ପ୍ରତ୍ୟେକ ଉଇକେଟ ପତନ ସହ ରାଗିକି ନିଆଁବାଣ ହୋଇପଡୁଥିବା ଦେଖାଯାଇଥିଲା। ତାଙ୍କର ପ୍ରତିକ୍ରିୟା ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।ସନରାଇଜର୍ସ ହାଇଦ୍ରାବାଦ ପ୍ରଥମେ ବ୍ୟାଟିଂ କରି ମାତ୍ର ୧୫୨ ରନ କରିପାରିଥିଲା, ଗୁଜରାଟ ଟାଇଟାନ୍ସ ୧୭ତମ ଓଭରରେ ହିଁ ଏହି ଟାର୍ଗେଟ ହାସଲ କରି ଏକ ବଡ଼ ବିଜୟ ହାସଲ କରିଥିଲା।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ